ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୪/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, February 24/2023 | Page 16 | ₹ 7.00

୪୯ଶ ଭାଗ ୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 92 | ମୂଲ୍ୟ ₹୭/-


86 YEARS TRUST IS TIMELESS

# JAI JAGANNATH PURI!

## OPENING TODAY @ VIP ROAD, OPP. POLICE LINE

11:30 AM ONWARDS




Odisha's most Trusted Jewellery Brand since 1936, now comes to PURI with its promise of

**Trust, Purity & Transparency.**

Come, experience the dazzling array of Puri's largest collection of gold, diamond, and silver; all under one roof.

KHIMJI®
*Jewellers since 1936*

Stores also at :

**BHUBANESWAR**
621, Saheed Nagar, Janpath

**BHUBANESWAR**
309 District Centre, Chandrasekharpur

**BERHAMPUR**
Venkatraju Arcade, Sano Bazar

**CUTTACK**
558/834, Cantonment Road

**JHARSUGUDA**
Sarbhal Road, Marwadi Para

**ROURKELA**
Kesar Bhawan, Main Road

NOWHERE ELSE

**Toll Free** : 1800 3131 777 | **Follow Us** :

ଧରିତ୍ରୀ DHARITRI
# ସ୍ୱତନ୍ତ୍ର
ଭୁବନେଶ୍ୱର, ଶୁକ୍ରବାର, ୨୪ ଫେବୃୟାରୀ, ୨୦୨୩



# ୩୬୫ ଦିନରେ ଯୁଦ୍ଧ

ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ମସ୍କୋ ବିପୁଳ ଅର୍ଥ ଖର୍ଚ୍ଚ କରୁଛି। ସୀମାକୁ ପର୍ଯ୍ୟାପ୍ତ ସୈନ୍ୟ ଓ ସାମରିକ ଉପକରଣ ପଠାଉଛି। ଅନ୍ତର୍ଜାତୀୟ ସମୁଦାୟର କଟକଣା ଯୋଗୁ ରୁଷିଆର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ ତୈଳ ଓ ଗ୍ୟାସ୍ ରପ୍ତାନି ଭଳି ରାଜସ୍ୱର ପ୍ରାଥମିକ ଉତ୍ସକୁ ମଧ ପାଶ୍ଚାତ୍ୟ ଟାର୍ଗେଟ କରିଛି। ଫଳରେ ରୁଷିଆର ଆର୍ଥିକ ଅଭିବୃଦ୍ଧି ହୋଇପାରୁ ନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତଥାପି ଯୁଦ୍ଧକୁ ଆଗକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିବାରୁ ଦେଶ ଭିତରେ ମଧ ଲୋକଙ୍କ ସମାଲୋଚନାର ପାତ୍ର ହୋଇଛନ୍ତି।


ଭୋଲୋଡିମିର ଜେଲେନ୍ସ୍କି

"ଚଳିତ ବର୍ଷ ୟୁକ୍ରେନ୍ ଯୁଦ୍ଧରେ ସରମତ୍ ଆନ୍ତଃମହାଦେଶୀୟ ଦୂରଗାମୀ କ୍ଷେପଣାସ୍ତ୍ର ଏସ୍ଆର୍-୨୮ ମୁତୟନ କରାଯିବ। ଆମ ଆଧୁନିକ ତଥା ସମର୍ଥ ସେନା ହେଉଛି ରୁଷିଆର ନିରାପତ୍ତା, ସାର୍ବଭୌମତ୍ୱ, ସ୍ଥିରତା ଓ ବିକାଶ ପାଇଁ ସବୁଠୁ ବଡ଼ ଗ୍ୟାରେଣ୍ଟି।
-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି

## ରୁଷିଆକୁ ନିନ୍ଦାକଲେ ଗୁଟେରସ୍

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା କରିଛନ୍ତି। ବହୁପାକ୍ଷିକ ବ୍ୟବସ୍ଥା ଜାତିସଂଘ ଯେଉଁ ସିଦ୍ଧାନ୍ତଗୁଡ଼ିକର ଆଧାରଶିଳରେ ଦଣ୍ଡାୟମାନ ତାକୁ ରୁଷିଆ ଉଲ୍ଲଂଘନ କରିଥିବା ଗୁଟେରସ୍ କହିଛନ୍ତି। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ସାଧାରଣ ସଭାରେ ୟୁକ୍ରେନ୍ ଉପରେ ଏମର୍ଜେନ୍ସି ସ୍ପେଶାଲ ସେସନ୍ ଚାଲିଥିବାବେଳେ ନିଜ ସମ୍ବୋଧନରେ ଗୁଟେରସ୍ କହିଛନ୍ତି, ବର୍ଷକ ତଳେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ କ୍ଷେତ୍ରୀୟ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବା ସହ ବୈଶ୍ୱିକ ଉତ୍ତେଜନା ଓ ବିଭାଜନକୁ ଉସୁକାଉଛି। ଯୁଦ୍ଧର ବର୍ଷପୂର୍ତ୍ତି ୟୁକ୍ରେନୀୟ ଓ ଅନ୍ତର୍ଜାତୀୟ ସମୁଦାୟକୁ ମର୍ମାହତ କରିଛି। ରୁଷିଆର ମାନବାଧିକାର ଉଲ୍ଲଂଘନର ଦୁଷ୍ପରିଣାମ ୟୁକ୍ରେନ୍ ବାହାରେ ମଧ ଅତି ନାଟକୀୟ ଭାବେ ଅନୁଭୂତ ହେଲାଣି। ପ୍ରକାଶ ଯେ, ଗତବର୍ଷ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ ପରଠାରୁ ଜାତିସଂଘରେ ରୁଷିଆ ବିରୋଧରେ ଅନେକ ସଂକଳ୍ପନାମା ଅଣାଯାଇଛି। ୟୁକ୍ରେନ୍‌ର କ୍ଷେତ୍ରୀୟ ଅଖଣ୍ଡତା, ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ନିମନ୍ତେ ଜାତିସଂଘ ସବୁ ପ୍ରକାର ଉଦ୍ୟମ କରୁଛି। ଭାରତ ଏହି ପ୍ରସ୍ତାବଗୁଡ଼ିକରେ ମତଦାନରୁ ବିରତ ରହିବା ସହ ଆଲୋଚନା ଜରିଆରେ ସମାଧାନର ବାଟ ଖୋଜିବାକୁ ପରାମର୍ଶ ଦେଇଆସିଛି।


ଆଣ୍ଟୋନିଓ ଗୁଟେରସ୍

ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସେନାକୁ ୟୁକ୍ରେନ୍‌ରେ 'ସ୍ୱତନ୍ତ୍ର ସାମରିକ ଅପରେଶନ୍' ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ପୁଟିନ୍ ଭାବିଥିଲେ ଦିନ କେଇଟା ଭିତରେ ସମଗ୍ର ୟୁକ୍ରେନ୍‌କୁ ଦଖଲ କରିନେବେ। କିନ୍ତୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ପରାକ୍ରମ, ଅସୀମ ଧୈର୍ଯ୍ୟ ଓ ସାହସ ଆଗରେ ରୁଷୀୟ ସୈନ୍ୟ ଏକପ୍ରକାର ହାର୍ ମାନିଛନ୍ତି। ପୁଟିନ୍‌ଙ୍କ ସାମରିକ ବାହିନୀ ୟୁକ୍ରେନ୍‌ର ଯେଉଁ ଅଞ୍ଚଳକୁ ଦଖଲ କରୁଛନ୍ତି, ଜେଲେନ୍ସ୍କିଙ୍କ ସୈନ୍ୟ ସେମାନଙ୍କୁ ସେଠାରୁ ଘଉଡ଼ାଇ ପୁନଃ ନିଜ ଅକ୍ତିଆରକୁ ଆଣୁଛନ୍ତି। ଆକାଶ ମାର୍ଗରୁ ରୁଷିଆର ଘନ ଘନ ମିଶାଇଲ ଓ ରକେଟ୍ ମାଡ଼ ୟୁକ୍ରେନ୍‌କୁ ବସ୍ତୁତଃ ଏକ ଧ୍ୱଂସସ୍ତୂପରେ ପରିଣତ କରିଦେଇଥିବାବେଳେ ଜେଲେନ୍ସ୍କିଙ୍କ ରଣନୀତି ମସ୍କୋକୁ ଭିତରୁ ଦୁର୍ବଳ କରିଦେଇଛି। ରୁଷିଆର ଆକ୍ରମଣ ଓ ୟୁକ୍ରେନ୍ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଉଭୟ ପକ୍ଷର ପ୍ରାୟ ୧,୫୦,୦୦୦ ସୈନ୍ୟ ନିହତ ହେଲେଣି। ପୁଟିନ୍‌ଙ୍କ ଯୁଦ୍ଧଖୋର ମନୋବୃତ୍ତି ଓ ନରସଂହାରକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଗୋଟିଏ ପରେ ଗୋଟିଏ କଠୋର ଆର୍ଥିକ କଟକଣା ଲଗାଇ ଚାଲିଛନ୍ତି। ୱାଶିଂଟନ ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟ୍ ଅର୍ଗାନାଇଜେଶନ (ନାଟୋ) ପକ୍ଷରୁ ୟୁକ୍ରେନ୍‌କୁ ପର୍ଯ୍ୟାପ୍ତ ସାମରିକ ସହାୟତା ମଧ ଯୋଗାଇ ଦିଆଯାଉଛି। ଯୁଦ୍ଧ ଘନଘଟାରେ ରୁଷିଆ-ୟୁକ୍ରେନ୍ ସମେତ ସାରା ବିଶ୍ୱ ଛନ୍ଦିହୋଇଯାଇଛି। ଜାତିସଂଘ ଓ ମାନବାଧିକାର ସୁରକ୍ଷା ଦିଗରେ କାର୍ଯ୍ୟରତ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକ ଅସ୍ତ୍ରବିରତି ଆହ୍ୱାନ ଦେଇଥିବାବେଳେ ଭାରତ କୂଟନୈତିକ ସ୍ତରରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛି। ଏଭଳି ସମୟରେ ଚାଇନା ବିସ୍ତାରବାଦୀ ଏଜେଣ୍ଡାକୁ ସାକାର କରିବା ପାଇଁ ତାଇୱାନ୍ ଆକାଶରେ ଯୁଦ୍ଧବିମାନ ଉଡ଼ାଇ ରୁଷିଆର ସମର୍ଥନକୁ ଅନେଇ ବସିଛି।


କିଭ୍ ରାସ୍ତାରେ ରୁଷିଆ ସେନାର ଧ୍ୱସ୍ତବିଧ୍ୱସ୍ତ ସାମରିକ ଯାନ।

## କୂଟନୀତି

▶▶ ପୋଲାଣ୍ଡ ରାଜଧାନୀ ୱାର୍ସ'ରେ ବୁଧବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରତିଶ୍ରୁତି ଦେଇଥିଲେ, ନାଟୋର ପ୍ରତି ଇଞ୍ଚ ଭୂମିକୁ ୱାଶିଂଟନ ସୁରକ୍ଷା ଦେବ।

▶▶ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ରୁଷିଆ ଗସ୍ତ କରିବେ। ଦୁଇ ଦେଶର ସମ୍ପର୍କ ଏକ ନୂଆ ସୋପାନରେ ପହଞ୍ଚିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଚାଲିଥିବା ସବୁଠୁ ବଡ଼ ଯୁଦ୍ଧରେ ରୁଷିଆକୁ ଚାଇନା ସହାୟତା ଯୋଗାଉଥିବାରୁ ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ସହଯୋଗୀମାନେ ଚିନ୍ତା ବ୍ୟକ୍ତ କରିଛନ୍ତି।

▶▶ ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧିତ କରି ପୁଟିନ୍ ଆହୁରି କହିଛନ୍ତି, ଜଳ, ସ୍ଥଳ ଓ ଆକାଶ ମାର୍ଗରେ ରୁଷିଆ ନିଜ ଆଣବିକ କ୍ଷମତା ଉପରେ ଅଧିକ ଫୋକସ୍ କରିବ।

▶▶ ମୋଲ୍‌ଡୋଭାରୁ ବିଚ୍ଛିନ୍ନ ହୋଇଥିବା ଟ୍ରାନ୍ସନିଷ୍ଟ୍ରିଆ ରିଜିଅନ୍‌କୁ ଏକ ମିଛ ଫ୍ଲାଗ୍ ଅପରେଶନ୍‌ରେ ଆକ୍ରମଣ କରିବାକୁ ୟୁକ୍ରେନ୍ ଯୋଜନା ଚଳାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗ ଆଣିଛି।

▶▶ ଲିଥୁଅନିଆ ରାଷ୍ଟ୍ରପତି ଗିଟାନାସ୍ ନଉସେଡା ନାଟୋ ସୈନ୍ୟ ମୁତୟନ ଓ ଅତିରିକ୍ତ ସାମରିକ ସହାୟତା ପାଇଁ ବାଇଡେନ୍‌ଙ୍କୁ ଅନୁରୋଧ କରିଛନ୍ତି।

▶▶ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ରୁଷିଆର ଆକ୍ରମଣକୁ ୟୁଏନ୍ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ନିନ୍ଦା କରିଛନ୍ତି। ୟୁକ୍ରେନ୍ ବିରୋଧରେ


ୟୁକ୍ରେନ୍‌ର ଫାଷ୍ଟ ଲେଡି ଓଲେନା ଜେଲେନ୍ସ୍କା ରୁଷିଆର ଯୁଦ୍ଧ ଅପରାଧ ଉପରେ ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ପ୍ରତିଷ୍ଠା କରିବାକୁ ଜାତିସଂଘକୁ ଅନୁରୋଧ କରିଛନ୍ତି। ଏହା କେବଳ ଆମ ପାଇଁ ନୁହେଁ, ବରଂ ସବୁ ରାଷ୍ଟ୍ରକୁ ଏପରି ଟ୍ରିବ୍ୟୁନାଲର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

ମସ୍କୋ ପକ୍ଷରୁ ଆଣବିକ ଅସ୍ତ୍ର ପ୍ରୟୋଗର ଭୟ ଏବେ ସର୍ବାଧିକ ରହିଥିବା ଗୁଟେରସ୍ କହିଛନ୍ତି। ତାଙ୍କ ମତରେ ବର୍ତ୍ତମାନ ହେଉଛି ପଛଘୁଞ୍ଚା ଦେବାର ପ୍ରକୃଷ୍ଟ ସମୟ।

▶▶ ଜାତିସଂଘ ସାଧାରଣ ସଭାରେ ଗୁରୁବାର 'ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା' ସମ୍ପର୍କିତ ଏକ ସଂକଳ୍ପନାମା ଉପରେ ମତଦାନ କରାଯାଇଛି। ଏହି ସଂଘର୍ଷ ଉପରେ ରାଷ୍ଟ୍ରଗୁଡ଼ିକ ପାଇଁ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଏହା ହେଉଛି ସଦ୍ୟ ସୁଯୋଗ।

▶▶ ରୁଷିଆ ବିରୋଧରେ ନୂଆ କଟକଣା ଜାରି ନେଇ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବୁଧବାର ସହମତି ପ୍ରକାଶ ପାଇପାରି ନାହିଁ। ତେବେ ଯୁଦ୍ଧର ବର୍ଷପୂର୍ତ୍ତି ଉପଲକ୍ଷେ ୟୁକ୍ରେନ୍‌କୁ ଅଧିକ ସହାୟତା ପ୍ରଦାନ ନେଇ ଇୟୁ ସଦସ୍ୟଗୁଡ଼ିକ ରାଜି ହୋଇଛନ୍ତି।

## ଲଢ଼େଇ



▶▶ ରୁଷିଆର ମୋର୍ଟାର ମାଡ଼ରେ ଦକ୍ଷିଣ ୟୁକ୍ରେନ୍‌ର ଖେରସନ ଅଞ୍ଚଳରେ ୨ ଜଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଖାର୍‌କିଭ୍‌ରେ ମିଶାଇଲ୍ ମାଡ଼ରେ ୨ ଜଣ ଆହତ ହୋଇଛନ୍ତି।

▶▶ ଯୁଦ୍ଧରେ ରୁଷିଆର ବର୍ବରତା ସମ୍ପର୍କରେ ମିଥ୍ୟା ତଥ୍ୟ ପ୍ରକାଶ କରିବା ନେଇ ନିର୍ବାସନରେ ଥିବା ସାଇନ୍ସ ଫିକ୍ସନ ଲେଖକ ଡିମିଟ୍ରି ଗ୍ଲୁଖୋଭ୍‌ସ୍କିଙ୍କ ବିରୋଧରେ ଅଭିଯୋଗ ଆସିଛି। ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ମସ୍କୋ ଧମକ ଦେଇଛି।

▶▶ ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପୂର୍ବ ଓ ପୂର୍ବାଞ୍ଚଳରେ ରୁଷିଆର ୯୦ଟି ଆକ୍ରମଣକୁ ୟୁକ୍ରେନୀୟ ସୈନ୍ୟ ପ୍ରତିହତ କରିଥିବା ସେନା ପକ୍ଷରୁ ଦାବି କରାଯାଇଛି।



"ୟୁକ୍ରେନ୍ ଯୁଦ୍ଧରେ ରୁଷିଆକୁ ଚାଇନା ସମର୍ଥନ କରିପାରେ। ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନରୁ ବେଜିଂ କ୍ଷାନ୍ତ ରହିବା ଉଚିତ। ନାଟୋ ଏହି ଯୁଦ୍ଧରେ ଏକ ପକ୍ଷ ନୁହେଁ, ବରଂ ସହଯୋଗୀ।
-ଜେନ୍ସ ଷ୍ଟୋଲଟେନ୍‌ବର୍ଗ, ନାଟୋ ସେକ୍ରେଟାରି ଜେନେରାଲ

# ୟୁକ୍ରେନ୍‌କୁ ଅସ୍ତ୍ର ଚିନ୍ତା

ରୁଷିଆକୁ ଇରାନ ସମେତ କେତେକ ପାଶ୍ଚାତ୍ୟ ବିରୋଧୀ ଦେଶ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ଘାତକ ଡ୍ରୋନ୍ ଯୋଗାଇଆସୁଥିବାବେଳେ ଏହାର ମୁକାବିଲା ପାଇଁ ୟୁକ୍ରେନ୍ ମଧ ଅନ୍ତର୍ଜାତୀୟ ସମୁଦାୟର ସହଯୋଗ ଲୋଡ଼ିଛି। ସେପଟେ ଚାଇନା ମଧ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ଅଚାନକ ଗସ୍ତ ବେଳେ ଅତିରିକ୍ତ ସାମରିକ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦ୍ୱିତୀୟ ବର୍ଷରେ ପହଞ୍ଚିଥିବା ଯୁଦ୍ଧର ଅନ୍ତ ଆଶା ଦିଶୁ ନ ଥିବାରୁ ୟୁକ୍ରେନ୍‌କୁ ଆଉ ସାମରିକ ସହଯୋଗ ନ କରିବା ପାଇଁ ଆମେରିକୀୟମାନେ ଚାପ ପକାଇବା ଆରମ୍ଭ କଲେଣି। ୟୁକ୍ରେନ୍‌କୁ ସାମରିକ ସହାୟତା ଦେବା ସପକ୍ଷରେ ଜନମତ ଏବେ ୫୮%କୁ ଖସିଯାଇଛି। ଫେବୃୟାରୀ ୬ରୁ ୧୩ ମଧ୍ୟରେ ୪,୦୦୦ ଆମେରିକୀୟଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। ୨୦୨୨ ଏପ୍ରିଲରେ ଅସ୍ତ୍ର ପ୍ରେରଣ ସପକ୍ଷରେ ୭୩% ଆମେରିକୀୟ ମତ ଦେଇଥିଲେ। ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଆଗ୍ରହୀ ଫ୍ଲୋରିଡା ଗଭର୍ନର ରୋନ୍ ଡେ'ସାଣ୍ଟିସ୍‌ଙ୍କ ମତରେ ୟୁକ୍ରେନ୍‌କୁ ନେଇ ବାଇଡେନ୍‌ଙ୍କ 'ବ୍ଲାଙ୍କ ଚେକ୍' ପଲିସି ଆମେରିକା ପାଇଁ କ୍ଷତିକାରକ। ଆମେରିକା ସମେତ ବ୍ରିଟେନ୍, ତୁର୍କୀ, କାନାଡା, ଜର୍ମାନୀ, ସ୍ପେନ୍, ଫ୍ରାନ୍ସ, ବେଲ୍‌ଜିୟମ୍, ନେଦରଲାଣ୍ଡ୍ସ, ଇଟାଲୀ, ନରୱେ ମଧ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଓ ଅନ୍ୟ ଉପକରଣ ପଠାଇସାରିଛନ୍ତି। ଆମେରିକା ନେତୃତ୍ୱାଧୀନ ନାଟୋ ହେଉଛି ୟୁକ୍ରେନ୍‌ର ବଡ଼ ଶକ୍ତି। କିନ୍ତୁ ଚାଇନା ରୁଷିଆକୁ ଅସ୍ତ୍ର ଯୋଗାଇଲେ ୟୁକ୍ରେନ୍‌ର ଚିନ୍ତା ଆହୁରି ବଢ଼ିଯିବ ବୋଲି କୁହାଯାଉଛି।


୨୦୨୩ ଫେବୃୟାରୀ ୨୦ରେ ଆମେରିକା ରାଷ୍ଟ୍ରପତି ଜୋ' ବାଇଡେନ୍ କିଭ୍ ଗସ୍ତ ବେଳେ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍ସ୍କିଙ୍କ ସହ ଏକ ଚର୍ଚ୍ଚକୁ ଯାଇଥିଲେ।


୨୦୨୨ ଅକ୍ଟୋବର ୮ରେ ତୈଳ ଟ୍ୟାଙ୍କର୍ ଧକ୍କାରେ ବିସ୍ଫୋରଣ ଘଟି କ୍ରିମିଆ ବ୍ରିଜ୍ ଜଳି ଉଠିଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୪/୨୦୨୩ | Bhubaneswar, Friday, February 24/2023 | ପୃଷ୍ଠା-୧


# ଦ୍ରୁତ ଅଭିବୃଦ୍ଧିରେ ଓଡ଼ିଶା

## ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୨-୨୩

- ୨୦୨୩-୨୪ରେ ଅଭିବୃଦ୍ଧି ହାର ରହିବ ୮.୫%
- କୃଷି, ଶିଳ୍ପ, ମୁଣ୍ଡ ପିଛା ଆୟ, ମହିଳା ନିଯୁକ୍ତି, ସେବା କ୍ଷେତ୍ରରେ ଆଗୁଆ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

କୋଭିଡ୍ ମହାମାରୀ ପରେ ରାଜ୍ୟର ଅଭିବୃଦ୍ଧି ହାର ବଢୁଛି। ଓଡ଼ିଶା ଏବେ ଦେଶର ସବୁଠୁ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବା ରାଜ୍ୟରେ ପରିଣତ ହୋଇଛି। ରାଜ୍ୟର ଆର୍ଥିକ ଶୃଙ୍ଖଳା ଓଡ଼ିଶାର ଅର୍ଥନୀତିକୁ ଦୃଢ଼ ସ୍ଥିତିରେ ରଖିଛି। ଜାତୀୟ ହାର ତୁଳନାରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ଅଧିକ ରହିଛି। ୧୫ ବର୍ଷ ଧରି ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ହୋଇ ରହିଛି। କୃଷି, ଶିଳ୍ପ, ସେବା କ୍ଷେତ୍ର, ମହିଳା ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗୁଆ ରହିଛି। ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ(ଜିଡିପି) ଓ ଋଣ ବୋଝ ଅନୁପାତ କ୍ରମାଗତ ହ୍ରାସ ପାଇ ୧୪.୭%ରେ ପହଞ୍ଚିବ। ୨୦୨୨-୨୩ରେ ରାଜ୍ୟର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୮ରୁ ୮.୫ ପ୍ରତିଶତ ରହିବ। ଗୁରୁବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୨-୨୩ରେ ଏହି ଆକଳନ କରିଛନ୍ତି।

୨୦୨୧-୨୨ରେ ରାଜ୍ୟର ସାମଗ୍ରିକ ଘରୋଇ ଅଭିବୃଦ୍ଧି ୧୧.୫ ପ୍ରତିଶତ ଥିଲା। କୋଭିଡ୍ ସତ୍ତ୍ୱେ ୨୦୧୩-୧୪ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ୭.୯ ପ୍ରତିଶତ ରହିଛି। ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟ ରାଜସ୍ୱ ସଂଗ୍ରହରେ ରେକର୍ଡ ସୃଷ୍ଟି କରିଥିବା ବେଳେ ମୁଣ୍ଡ ପିଛା ଆୟ ବଢିଛି। ରାଜ୍ୟରେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୫୦ହଜାର ୬୭୬ ରହିଥିବା ବେଳେ ଜାତୀୟ ସ୍ତରରେ ଏହା ୧ ଲକ୍ଷ ୭୦ ହଜାର ୬୨୦ ଟଙ୍କା ରହିଛି। ରାଜ୍ୟରେ ଏହି ମୁଣ୍ଡ ପିଛା ଆୟ ୨୦୧୫-୧୬ରେ ୯୪,୭୯୭ ଟଙ୍କା ରହିଥିଲା। ଗତ ୭ ବର୍ଷରେ ଓଡ଼ିଶା ଏବଂ ଜାତୀୟ ହାର ମଧ୍ୟରେ ମୁଣ୍ଡ ପିଛା ଆୟର ଦୂରତାକୁ ହ୍ରାସ କରିବାରେ ରାଜ୍ୟ ସଫଳ ହୋଇଛି। ଜାତୀୟ ସ୍ତରରେ ୨୦୧୫-୧୬ରେ ମୁଣ୍ଡ ପିଛା ଆୟ ୩୧.୬ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ଏହାର ଦୂରତା ୧୨ ପ୍ରତିଶକୁ ଖସି ଆସିଛି। ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ମୁଣ୍ଡ ପିଛା ଆୟ ୧୦.୯ ପ୍ରତିଶତ ବଢ଼ିଛି। ଏହି ସମୟରେ ଜାତୀୟ ସ୍ତର ଅଭିବୃଦ୍ଧି ୯.୪ ପ୍ରତିଶତ ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱସ୍ତରରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଶକ୍ତି ଓ ଅନ୍ୟାନ୍ୟ ☞ ପୃଷ୍ଠା-୨

### ଆଜିର ସମ୍ପାଦକୀୟ

## ବନ୍ଧୁତ୍ୱବାଦର ବିପଦ

### ଆଜିର ମନ୍ତବ୍ୟ

“କୌଣସି ପ୍ରସଙ୍ଗ ଉପରେ ପାର୍ଲାମେଣ୍ଟରେ ବିରୋଧୀ ଦଳ ପ୍ରଶ୍ନ କଲେ ତାଙ୍କୁ ନୋଟିସ ପଠାଯାଉଛି। ନଚେତ୍ ସେମାନଙ୍କ ଘରେ ଇଡି ଚଢ଼ାଉ କରୁଛି। ମୋଦି ସରକାର ଭାରତୀୟ ଗଣତନ୍ତ୍ରକୁ ‘ହିଟ୍ଲରଶାହି’ରେ ପରିଣତ କରିଦେଇଛନ୍ତି।

– ମଲିକାର୍ଜୁନ ଖାର୍ଗେ, କଂଗ୍ରେସ ସଭାପତି

## ଆଜି ବଜେଟ

ଭୁବନେଶ୍ୱର,୨୩।୨(ବ୍ୟୁରୋ)



ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହର ଅନୁମୋଦନ ପାଇଁ ଉକ୍ତ ବଜେଟକୁ ବିଧାନସଭାରେ ଉପସ୍ଥାପନ କରିବେ। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ସରକାର ବଜେଟକୁ ଗ୍ରାମାଞ୍ଚଳ ଭିତ୍ତିଭୂମି, ପାନୀୟ ଜଳ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଉପରେ ଅଧିକ ଫୋକସ ଦେବେ। ଆସନ୍ତା ବଜେଟର ଆକାର ଗତ ବଜେଟଠାରୁ ୧୫ ପ୍ରତିଶତ ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାରୁ ରାଜ୍ୟ ସରକାର ନିଜ ଉତ୍ସରୁ ପ୍ରାୟ ୧ ଲକ୍ଷ କୋଟି ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ।







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ମନ ଭାବୁଥାଇ ଯାହା,**
**କାଳେ ପ୍ରାପତ ହୁଏ ତାହା ।**

ବ୍ୟକ୍ତି ଭିତରେ ଉଚ୍ଚଭାବନା ଓ କଳ୍ପନା ରହିଲେ ତାହା ବାସ୍ତବତାର ରୂପ ନେଇଥାଏ । ଭଲ ତଥା ସୁସ୍ଥ କଳ୍ପନା ହିଁ ସମସ୍ତ କ୍ଷେତ୍ରର ଆଧାର ଅଟେ । କଳ୍ପନାର ଶକ୍ତି ଅଦ୍ଭୁତ । ମନ ମଧ୍ୟରେ ଯିଏ ଯାହା ଚିନ୍ତା କରିଥାଏ ତାହା ଦିନେ ନା ଦିନେ ଫଳବତୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଏସା କରେଙ୍ଗା, ତେସା କରେଙ୍ଗା,**
**ସିପେଇ ଦେଖିଲେ ଶୋଇ ପଡେଙ୍ଗା ।**

କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି । କିନ୍ତୁ ଅସଲ ଟାଣୁଆ ଲୋକ ହାବୁଡ଼ରେ ପଡିଗଲେ ମୁହଁ ଫିଟାଇବାକୁ ସାହସ ଜୁଟାଇ ପାରି ନ ଥାନ୍ତି । ଉପରେ ଉପରେ ବାହାଦୁରି ଦେଖାଉଥିବା ଭୀରୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଛଉନୃତ୍ୟ ଗୁରୁ ତ୍ରିଲୋଚନଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତଙ୍କୁ ସମ୍ମାନିତ କରୁଛନ୍ତି ।

**ବାରିପଦା ଅଫିସ, ୨୩।୨**

ଦେଶ ବିଦେଶରେ ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଛଉନୃତ୍ୟକୁ ପ୍ରଚାରପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତଙ୍କୁ ମିଳିଛି ସମ୍ମାନଜନକ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର । ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି । ଏନେଇ ଜିଲାବାସୀ ଖୁସି ବ୍ୟକ୍ତ କରିଛନ୍ତି । ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଦାନ୍ତିଆମୁହାଁ ବଡ଼ଜାମବଣୀ ଗ୍ରାମରେ ୧୯୭୧ ଜୁଲାଇ ୧ରେ ଜନ୍ମଗ୍ରହଣ କରିଥିବା ତ୍ରିଲୋଚନ ଅନେକ ବିଦେଶୀ କଳାକାରଙ୍କୁ ନୃତ୍ୟ ଶିକ୍ଷା ମଧ୍ୟ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଦୀର୍ଘ ଦିନ ଧରି ସେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି । ସେ ମୟୂରଭଞ୍ଜ ଛଉର ପ୍ରାୟ ସମସ୍ତ ଗ୍ରାମୀଣ ସଙ୍ଗଠନକୁ ତାଲିମ ଦେଇଛନ୍ତି ।

# ୧୧ ଦିନ ପାଇଁ ୫୭ ଟ୍ରେନ୍ ବାତିଲ

## ୨୫ରୁ ୪ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ

**ଭଦ୍ରକ ଅଫିସ, ୨୩।୨**

ଦକ୍ଷିଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନ ଅଧୀନ ଭଦ୍ରକ ରାଣୀତାଲ ରେଳଷ୍ଟେଶନ ନିକଟରେ ଭଦ୍ରକ-ନାରାୟଣଗଡ଼ ତୃତୀୟ ଲାଇନ ରେଳପଥ ନିର୍ମାଣ ଲାଗି ଆସନ୍ତା ୨୫ ତାରିଖଠାରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ୧୧ ଦିନ ପାଇଁ ୫୭ଟି ଟ୍ରେନ୍ ବାତିଲ କରାଯାଇଛି । ଏଥିସହ ୪ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି । ଖଡଗପୁର ଏବଂ ଖୋର୍ଦ୍ଧା ମଧ୍ୟରେ ଚଳାଚଳ କରୁଥିବା ଏକ୍ସପ୍ରେସ୍, ସୁପରଫାଷ୍ଟ ଏବଂ ପାସେଞ୍ଜର ଟ୍ରେନ୍‌ଗୁଡ଼ିକ ରହିଛି । ଭୁବନେଶ୍ୱର-ନୂଆଦିଲ୍ଲୀ ଏବଂ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ, ବେଙ୍ଗାଲୁରୁ-ହାଓଡା ଦୁରନ୍ତୋ ଏକ୍ସପ୍ରେସ୍ ଆଦି ୪ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି । ସେହିଭଳି ଖଡଗପୁର-ଭଦ୍ରକ ଏବଂ ଖଡଗପୁର ମେମୁ ସ୍ପେଶାଲ ଟ୍ରେନ୍‌କୁ ମଧ୍ୟ ଅସ୍ଥାୟୀ ଭାବେ ବାତିଲ କରାଯାଇଥିବା ନେଇ ଦକ୍ଷିଣ-ପୂର୍ବ ରେଳପଥ ସିନିୟର ଡିଭିଜନାଲ ଅପରେଶନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଥିବା ଭଦ୍ରକ ଷ୍ଟେଶନ ମ୍ୟାନେଜର ସୁବାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

## ଦ୍ରୁତ ଅଭିବୃଦ୍ଧିରେ...

ପ୍ରଥମ ପୃଷ୍ଠାରୁ...

ସାମଗ୍ରୀର ଦାମ ବୃଦ୍ଧି ପାଇଛି । ୨୦୨୨-୨୩ରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି । ରାଜ୍ୟରେ ୨୦୨୧-୨୨ରେ ମୁଦ୍ରାସ୍ଫୀତି ୩.୭ ପ୍ରତିଶତ ଥିବାବେଳେ ୨୦୨୨ ଡିସେମ୍ବର ସୁଦ୍ଧା ଏହା ୬.୬୫ ପ୍ରତିଶତ ହୋଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଜାତୀୟ ସ୍ତରରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୩.୫ ପ୍ରତିଶତ ଆକଳନ କରାଯାଇଥିବା ବେଳେ ଓଡ଼ିଶାରେ ଅଭିବୃଦ୍ଧି ହାର ୬ ପ୍ରତିଶତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି । ସେହିପରି ଶିଳ୍ପ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୦୫ ପ୍ରତିଶତ ହୋଇଥିବା ବେଳେ ସେବା କ୍ଷେତ୍ରରେ ୮.୭୯ ପ୍ରତିଶତ ହେବ ବୋଲି ରିପୋର୍ଟରେ କୁହାଯାଇଛି । ରୋଜଗାର ବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ରାଜ୍ୟରେ ମହିଳାମାନଙ୍କୁ ଆତ୍ମନିଯୁକ୍ତିରେ ଜାତୀୟ ହାରଠୁ ଓଡ଼ିଶା ଅଧିକ ସଫଳତା ପାଇଛି । ମହିଳାଙ୍କ ନିଯୁକ୍ତି ହାର ଜାତୀୟ ସ୍ତରରେ ୩୨.୫ ପ୍ରତିଶତ ଥିବାବେଳେ ଓଡ଼ିଶାରେ ନିଯୁକ୍ତି ହାର ୩୩.୨ ପ୍ରତିଶତ ରହିଛି । ବିତ୍ତୀୟ ପରିଚାଳନାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଆସିଛି । ଗତ ୧୭ ବର୍ଷରେ ନିରନ୍ତର ଭାବେ ବଳକା ରାଜସ୍ୱ ଭାବେ ଓଡ଼ିଶା ମାନ୍ୟତା ପାଇଛି । ୨୦୧୯-୨୦ରେ ରାଜ୍ୟ ଘରୋଇ ଉତ୍ପାଦରେ ଅନ୍ୟ ରାଜ୍ୟକୁ ପଛରେ ପକାଇଛି । ହରିୟାଣା, ମହାରାଷ୍ଟ୍ର, ଗୁଜରାଟ, କର୍ନାଟକ, ତାମିଲନାଡୁକୁ ଓଡ଼ିଶା ପଛରେ ପକାଇଛି ।

ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଆଦି କ୍ଷେତ୍ରରେ ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ମୁଣ୍ଡ ପିଛା ବ୍ୟୟରେ ବହୁ ପଛରେ ରହିଛି । ଯଦିଓ ଅନ୍ତର୍ଜାତୀୟ ଯୁଦ୍ଧ ପରିସ୍ଥିତି, ଜିଏସ୍‌ଟି କ୍ଷତିପୂରଣ ବନ୍ଦ, ଅସ୍ଥିର ଖଣି ରାଜସ୍ୱ, କେନ୍ଦ୍ରୀୟ ଟିକସ ଭାଗୀଦାରି ହ୍ରାସ, ପିପିପି ମୋଡ୍‌ରେ ଭିତ୍ତିଭୂମି ବ୍ୟୟ, ଶକ୍ତି କ୍ଷେତ୍ର ପାଇଁ ଗ୍ୟାରେଣ୍ଟର ଏବଂ ବାରମ୍ବାର ବିପର୍ଯ୍ୟୟ ପରିଚାଳନା ଆଦିର ମୁକାବିଲା ପାଇଁ ସରକାର ଏକାଧିକ ଆର୍ଥିକ ପଦକ୍ଷେପ ନେଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦାବି କରାଯାଇଛି । ୨୦୨୧-୨୨ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଓ ପ୍ରଦର୍ଶନ ସନ୍ତୋଷଜନକ ରହିଥିବା ବେଳେ ୨୦୨୨-୨୩ରେ ଏହି ଟ୍ରେଣ୍ଡ ଜାରି ରହିବ ବୋଲି ସରକାର ଆଶା ରଖିଛନ୍ତି ।

**ବକେୟା ବିଦ୍ୟୁତ୍ ଦେୟ ଅସୁଲ ପ୍ରସଙ୍ଗ**

# ଚିଠିକୁ ନେଇ ଚାଷୀ ଅସନ୍ତୋଷ

**ବରଗଡ଼ ଅଫିସ୍, ୨୩।୨**

ଚାଷୀଙ୍କୁ ବକେୟା ବିଦ୍ୟୁତ୍ ଦେୟ ଛାଡ଼ ଦାବି ନେଇ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଚାଷୀମାନେ ଦାବି କରିଆସୁଛନ୍ତି । ଏ ନେଇ ବିଭିନ୍ନ ଚାଷୀ ସଙ୍ଗଠନ ବିକ୍ଷୋଭ ପ୍ରଦର୍ଶନ, ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ଜିଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟପଟେ ପରିଚୟପତ୍ର ପଞ୍ଜୀକରଣ ସମୟରେ ଚାଷୀଙ୍କଠାରୁ ବକେୟା ବିଦ୍ୟୁତ୍ ଦେୟ ପଇଠ ସମ୍ପର୍କିତ ରସିଦ ରଖିବା ଏବଂ ବକେୟା ବିଦ୍ୟୁତ୍ ଦେୟ ପଇଠ କରି ନ ଥିବା ସମ୍ପୃକ୍ତ ଚାଷୀଙ୍କ ପରିଚୟପତ୍ର ପଞ୍ଜୀକରଣ ନ କରିବାକୁ ବିଦ୍ୟୁତ୍‌ବିଭାଗ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଭିଜନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ବରଗଡ଼ର ନିର୍ବାହୀ ଯନ୍ତ୍ରୀ ସମବାୟ ଉପନିବନ୍ଧକ (ଡିଆର୍‌ସିଏସ୍) ଏବଂ ଅନ୍ୟ ପଦାଧିକାରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିବା ଜଣାପଡ଼ିଛି । ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ଟିପିଡବ୍ଲ୍ୟୁଓଡିଏଲ ବରଗଡ଼ର ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା-୧୩୦(୨୪), ତା:୧୩।୨।୨୩ରେ ଉଲ୍ଲେଖ ରହିଛି, ବରଗଡ଼ ଜିଲାର ଉଠାଜଳସେଚନ ମାଧ୍ୟମରେ ଚାଷ କରୁଥିବା ଚାଷୀଙ୍କ ଉପରେ ବହୁ ପରିମାଣର ବିଦ୍ୟୁତ୍ ଦେୟ ବକେୟା ପଡ଼ିଛି । ଚାଷୀ ପରିଚୟପତ୍ର ପଞ୍ଜୀକରଣ ସମୟରେ


TPWODL
TP WESTERN ODISHA DISTRIBUTION LIMITED

ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ଚିଠିର ନକଲ ।

ସମସ୍ତ ବକେୟା ବିଦ୍ୟୁତ୍ ଦେୟ ପଇଠ ରସିଦ ଯାଞ୍ଚ କରିବା ଏବଂ ବକେୟା ବିଦ୍ୟୁତ୍ ଦେୟ ପଇଠ ହୋଇଥିଲେ ଚାଷୀ ପରିଚୟପତ୍ର ପ୍ରସ୍ତୁତ କରିବାକୁ ବିଭାଗ ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି । ଏହି ଚିଠି ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଚାଷୀ ତଥା ସଚେତନ ନାଗରିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଚାଷୀନେତା କିଶୋର ଦେବତା କହିଛନ୍ତି, ଅନ୍ୟବର୍ଷ ଚାଷୀମାନେ ବିଦ୍ୟୁତ୍ ଦେୟ ବାବଦ କିଛି ଟଙ୍କା ପଇଠ କରି ସେହି ରସିଦ୍ ପରିଚୟପତ୍ର ପ୍ରସ୍ତୁତି ବେଳେ ଦେଖାଉଥିଲେ । ମାତ୍ର ଏଥର ଚିଠିରେ ସମ୍ପୂର୍ଣ୍ଣ ବକେୟା ବିଦ୍ୟୁତ୍ ବିଲ୍ ଅସୁଲ କରିବାକୁ ସମବାୟ ଉପନିବନ୍ଧକଙ୍କୁ ଟିପିଡବ୍ଲ୍ୟୁଓଡିଏଲ ଅନୁରୋଧ କରିବା ଚାଷୀଙ୍କୁ ବ୍ୟଥିତ କରିଛି । ଅନ୍ୟ ଜଣେ ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ବକେୟା ବିଦ୍ୟୁତ୍ ବିଲ୍ ଅସୁଲ ପାଇଁ ଏକ ଘରୋଇ କମ୍ପାନୀ ଜିଲା ପ୍ରଶାସନକୁ ଚିଠି ଲେଖିବା ବିଡ଼ମ୍ବନାର ବିଷୟ । ଏହାକୁ ଆମେ ବିରୋଧ କରୁଛୁ । ଯଦି ଏହି ନିଷ୍ପତ୍ତିରୁ ଟିପିଡବ୍ଲ୍ୟୁଓଡିଏଲ ନ ଓହରିବ କିମ୍ବା ବିଦ୍ୟୁତ୍ ଦେୟ ପାଇଁ ପ୍ରଶାସନ ଚାଷୀଙ୍କୁ ବାଧ୍ୟ କରିବ ତେବେ ଚାଷୀମାନେ ତାର ଉପଯୁକ୍ତ ଜବାବ ଦେବେ ବୋଲି ମହାପାତ୍ର କହିଛନ୍ତି । ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ ବରଗଡ଼ର ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ପଚାରିବାରୁ ସେହି ଚିଠି ନୂଆ ନୁହେଁ, ଅନ୍ୟବର୍ଷ ମଧ୍ୟ ବିଦ୍ୟୁତ୍ ଦେୟ ଅସୁଲ ପାଇଁ ସେଭଳି ଚିଠି ହୋଇଆସୁଥିଲା ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀ ପଣ୍ଡା ଗୁରୁବାର ବରଗଡ଼ ସମବାୟ ଉପନିବନ୍ଧକଙ୍କୁ ଆଉ ଏକ ଚିଠି କରି ପୂର୍ବ ଚିଠିକୁ ପ୍ରତ୍ୟାହାର କରିନେଇଥିବା ଜଣାପଡ଼ିଛି ।

# କୋଟିଆ ବିଷୟରେ ତଥ୍ୟ ନାହିଁ: ପ୍ରମିଳା

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

କୋରାପୁଟ ଜିଲା କୋଟିଆରେ ଆନ୍ଧ୍ର ସରକାର ଭତ୍ତା ଓ ରାଶନକାର୍ଡ ବାଣ୍ଟିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜାରି ରହିଛି । ଏଭଳିସ୍ଥଳେ ଏହାକୁ ନେଇ ବିରୋଧୀ ମଧ୍ୟ ବିଧାନସଭାରେ ହୋହଲ୍ଲା କରୁଛନ୍ତି । ତେବେ ଏ ନେଇ ରାଜସ୍ୱ ମନ୍ତ୍ରୀ କିମ୍ବା ଜିଲା ପ୍ରଶାସନ ନିକଟରେ କୌଣସି ସୂଚନା ନାହିଁ । ଗୁରୁବାର ବିଧାନସଭାରେ ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଆନ୍ଧ୍ରପ୍ରଦେଶ ସରକାରଙ୍କ ଅଧିକାରୀମାନେ ୨୦୨୧ରେ କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରିବା ସହିତ ସେଠାରେ ରାଶନ କିମ୍ବା ଭତ୍ତା ବାଣ୍ଟିଥିବା କଥା ଜିଲା ପ୍ରଶାସନ ନିକଟରେ ଖବର ନାହିଁ । କୋଟିଆରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ ମଧ୍ୟ ହୋଇନାହିଁ । ସେଭଳି କାର୍ଯ୍ୟକଳାପ କିଛି ଦୃଷ୍ଟିଗୋଚର ହେଲେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମଲ୍ଲିକ କହିଛନ୍ତି ।

# ରାସ୍ତାରୁ ହଟିବ ୨୦.୩୯ ଲକ୍ଷ ଗାଡ଼ି

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ରାଜ୍ୟର ୨୦ ଲକ୍ଷ ୩୯ ହଜାର ୫୦୦ ଗାଡ଼ି ରାସ୍ତାରୁ ହଟିବ । ଯେଉଁ ଗାଡ଼ିଗୁଡ଼ିକ ୧୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ଓ ଯେଉଁ ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ନ ଥିବ, ସେଗୁଡ଼ିକୁ ସ୍କ୍ରାପ୍ କରାଯିବ । ସ୍କ୍ରାପ୍ ହେବାକୁ ଥିବା ଗାଡ଼ିଗୁଡ଼ିକ ମଧ୍ୟରେ ସର୍ବାଧିକ ୧୨ ଲକ୍ଷ ୯୯ ହଜାର ୩୫୧ଟି ମୋଟରସାଇକେଲ, ସ୍କୁଟର ରହିଛି । ଗୁରୁବାର ବିଧାନସଭାରେ ଭାଜପା ସଦସ୍ୟ କୁସୁମ ଟେଟେଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟରେ ୮୦ ଲକ୍ଷ ୨୦ ହଜାର ୫୦୦ ଗାଡ଼ିର ଫିଟ୍‌ନେସ୍ ରହିଛି । ଫିଟ୍‌ନେସ୍ ନ ଥିବା ଗାଡ଼ିଗୁଡ଼ିକୁ ସ୍କ୍ରାପିଂ ପାଇଁ ରାଜ୍ୟ ସରକାର ସ୍କ୍ରାପ୍ ପଲିସି-୨୦୨୨ ପ୍ରଣୟନ କରିଛନ୍ତି ।

# ଗୋପିକା ବର୍ମା ପାଇବେ 'ମାହାରୀ ସମ୍ମାନ'

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**



ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ, ରାଜ୍ୟ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ମାର୍ଚ୍ଚ ୧୭ରୁ ରବୀନ୍ଦ୍ର ମଣ୍ଡପଠାରେ 'ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ ଉତ୍ସବ' ଆୟୋଜିତ ହେବ । ତିନିଦିନ ଧରି ଚାଲିଥିବା ଥିବା ଏହି ଉତ୍ସବରେ ଚେନ୍ନାଇର ମୋହିନୀ ଆଟମ୍ ନୃତ୍ୟଶିଳ୍ପୀ ଗୋପିକା ବର୍ମାଙ୍କୁ 'ମାହାରୀ ସମ୍ମାନ' ପ୍ରଦାନ କରାଯିବ । ସମ୍ମାନ ବାବଦକୁ ୫୦ହଜାର ଟଙ୍କା, ମାନପତ୍ର ଓ ଫଳକ ପ୍ରଦାନ କରାଯିବ । ପ୍ରଥମ ସନ୍ଧ୍ୟାରେ ୪ଜଣ ଶିଳ୍ପୀ ବେହେଲା ବାଦକ ଗୁରୁ ରମେଶ ଚନ୍ଦ୍ର ଦାସଙ୍କୁ 'ବୀଣାକାର', ମର୍ଦ୍ଦଳ ବାଦକ ଗୁରୁ ଶରତ ଚନ୍ଦ୍ର ରଥଙ୍କୁ 'ମାଦେଳୀ', ନୃତ୍ୟ ଶିଳ୍ପୀ ସିକା ଦାସଙ୍କୁ 'ନାଚୁଣୀ ସମ୍ପ୍ରଦା' ଓ ଗାୟକ ନିମକାନ୍ତ ରାଉତରାଏଙ୍କୁ 'ଗାଉଣୀ ସମ୍ପ୍ରଦା' ଉପାଧି ପ୍ରଦାନ କରାଯିବ ।

# ଜାତୀୟ ଖୋ ଖୋ ଖେଳାଳିଙ୍କ ଆତ୍ମହତ୍ୟା

**ଝୁମ୍ପୁରା, ୨୩।୨ (ଡି.ଏନ୍.ଏ.)**


ମନିକା ନାଏକ । (ଫାଇଲ ଫଟୋ)

କେନ୍ଦୁଝର ଜିଲା ବାରିଆ ଥାନା ନୟାଧନୁର୍ଜୟପୁର ଗ୍ରାମର ଜାତୀୟ ଖୋ ଖୋ ଖେଳାଳି ମନିକା ନାଏକ(୧୭) ଗୁରୁବାର ଆତ୍ମହତ୍ୟା କରିଛନ୍ତି । ମନିକା ନିଜ ଘରେ ଫ୍ୟାନରେ ବେକ୍‌ରେ ରଶି ଲଗାଇ ଝୁଲି ପଡ଼ିଥିଲେ । ପରିବାର ଲୋକେ ଜାଣିବା ପରେ ତାଙ୍କୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘରୋଇ କଳହରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ୍ୟ କାରଣ ଅସ୍ପଷ୍ଟ ରହିଛି । ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା (ନଂ.୬/୨୩) ରୁଜୁ କରିଛି । ମନିକା ଉଖୁଣ୍ଡା କଲେଜରେ +୨ରେ ଅଧ୍ୟୟନ କରୁଥିଲେ । ଜାତୀୟ ଜୁନିୟର ମହିଳା ଖୋ ଖୋ ଦଳରେ ଓଡ଼ିଶା ପକ୍ଷରୁ ସାମିଲ ହୋଇ ଦଳଗତ ଓ ବ୍ୟକ୍ତିଗତ ଭାବେ ବହୁ ପୁରସ୍କାରର ଅଧିକାରିଣୀ ହୋଇପାରିଥିଲେ । ନିକଟରେ ଝାଡ଼ଖଣ୍ଡରେ ଅନୁଷ୍ଠିତ ଖୋ ଖୋ ପ୍ରତିଯୋଗିତାରେ ଓଡ଼ିଶାକୁ ବିଜୟୀ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**ଚକ୍ରଧରପୁର ଫାଣ୍ଡିରେ ଯୁବକଙ୍କୁ ଗୁଳିକରି ହତ୍ୟା ମାମଲା**

# ୫୦ ଲକ୍ଷ କ୍ଷତିପୂରଣ ଦେବେ ରାଜ୍ୟ ସରକାର

**କଟକ ଅଫିସ, ୨୩।୨**

ଜଗତସିଂହପୁର ଜିଲା ଚକ୍ରଧରପୁର ଫାଣ୍ଡିରେ ୨୦୦୫ରେ ଘଟିଥିବା ଗୁଳିକାଣ୍ଡରେ ମୃତ ଯୁବକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି । ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ଏହି ମାମଲାର ରାୟ ପ୍ରଦାନ କରି ୭ ଦିନ ମଧ୍ୟରେ ଉକ୍ତ ରାଶି ମୃତକ ସୟଦ ମମତାଜ ଅଲିଙ୍କ ମାଆଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ସରକାର ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିବାରୁ ଅବଶିଷ୍ଟ ୪୯ ଲକ୍ଷ ଟଙ୍କା ଡ୍ରାଫ୍ଟ ଆକାରରେ ମୃତକଙ୍କ ମାଆ ନିଗର ବେଗମଙ୍କୁ ପ୍ରଦାନ କରିବା ପାଇଁ ସ୍ପଷ୍ଟ କରିଛନ୍ତି । ଆବେଦନକାରିଣୀ ନିଗର ବେଗମଙ୍କ ବଡ଼ପୁଅ ସୟଦ ମମତାଜ ଅଲି ଜଣେ ସୁପରଭାଇଜର ଭାବେ ଚଣ୍ଡିଖୋଲ-ପାରାଦୀପ ପୋର୍ଟ ଟ୍ରଷ୍ଟ ରୋଡ୍ ପ୍ରୋଜେକ୍ଟରେ କାମ କରୁଥିଲେ । ସେ ଜଣେ ଡିପ୍ଲୋମା ମେକାନିକାଲ ଇଞ୍ଜିନିୟର ଡିଗ୍ରୀଧାରୀ ହୋଇଥିବାବେଳେ ମାତ୍ର ୫୦୯୫ ଟଙ୍କା ମାସିକ ଦରମାରେ ୨୦୦୪ରୁ କାମ କରିଆସୁଥିଲେ । ହିନ୍ଦୁସ୍ତାନ କନ୍‌ଷ୍ଟ୍ରକଶନ୍ କମ୍ପାନୀରେ କାମ କରୁଥିବା ଜୟନ୍ତ ଦାସଙ୍କୁ କୌଣସି କାରଣରୁ ୨୦୦୫ ନଭେମ୍ବର ୨୮ ତାରିଖ ରାତିରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ମୁରଲୀଧର ସାହୁ ଉଠାଇ ଆଣିଥିଲେ । ସେ ଚକ୍ରଧରପୁର ଫାଣ୍ଡିର ଇନ୍‌ଚାର୍ଜ ଥିଲେ । ଏ ବାବଦରେ ଜାଣିବା ପରେ ମୃତକଙ୍କ ସମେତ ଅନ୍ୟମାନେ ଫାଣ୍ଡିରେ ପହଞ୍ଚି ଜୟନ୍ତଙ୍କୁ ଉଠାଇ ଆଣିବାର କାରଣ ଜାଣିବାକୁ ଚାହିଁଥିଲେ । ସାମାନ୍ୟ ବଚସାରୁ ଉତ୍ତ୍ୟକ୍ତ ହୋଇ ଏଏସ୍‌ଆଇ ମୁରଲୀଧର ନିଜ ରିଭଲଭର ଉଠାଇ ଗୁଳି କରିଥିଲେ । ସୟଦ ମମତାଜଙ୍କ ଛାତିରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ଟଳିପଡ଼ିଥିଲେ । ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିଲେ । ଏହି ଘଟଣାରେ ସମ୍ପୃକ୍ତ ପୋଲିସ ଏଏସ୍‌ଆଇଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ଘଟଣାର ଆରଡିସି ସ୍ତରୀୟ ତଦନ୍ତ କରାଯାଇଥିଲା ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ । ସ୍ଥଗିତ ରହିଥିବା କାମଗୁଡ଼ିକ ସହଯୋଗଭିତ୍ତିରେ ଆଗକୁ ଆଗକୁ ବଢ଼ିଚାଲିବ । ବ୍ୟବସାୟରେ ଟେନ୍‌ସନ ଲାଗି ରହିବ, କିନ୍ତୁ କ୍ଷତିର ପ୍ରଶ୍ନ ନାହିଁ । ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ ।

**ବୃଷ** ଆଜି କୌଣସି ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି । ପରିବାରର ଅପବ୍ୟୟ ଦୁଶ୍ଚିନ୍ତାର କାରଣ ହୋଇପାରେ । ନିକଟ ସମ୍ପର୍କୀୟଙ୍କ ପାରିବାରିକ କଥାରେ କୌତୂହଳ ହୋଇ କଳହକୁ ଆମନ୍ତ୍ରଣ କରିପାରନ୍ତି । ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ ।

**ମିଥୁନ** ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି । କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ । ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ । ଆଲୋଚନା ପରିସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ।

**କର୍କଟ** ଗତକାଲିଠାରୁ ସମସ୍ୟା ବିଜଡ଼ିତ କର୍ମକ୍ଷେତ୍ରର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ । ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ । ଆନୁଷ୍ଠାନିକ କ୍ଷେତ୍ରରେ ଅଜଣା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ନୂତନ କର୍ମସଂସ୍ଥାନ ଲାଗି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ।

**ସିଂହ** ବନ୍ଧୁ ଗହଣରେ ମନୋରଞ୍ଜନରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ । ପାରିବାରିକ ଅସ୍ଥିରତା ଲାଗିରହିଲେ ମଧ୍ୟ କାମ ଅଟକିବ ନାହିଁ । ଆକସ୍ମିକ ଆବଶ୍ୟକତା କାରଣରୁ ଅର୍ଥାଭାବ ସାମୟିକ ବିଚଳିତ ଭାବ ସୃଷ୍ଟି କରିବ । ଆଣ୍ଠୁଗଣ୍ଠି ରୋଗ ପୀଡ଼ାରେ ଯନ୍ତ୍ରଣା ଅନୁଭବ କରିବେ ।

**କନ୍ୟା** କଠିନ ଶ୍ରମ ଓ ସମୟ ବିନିଯୋଗ କରି ମଧ୍ୟ ମନମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହେବେ । ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ ।

**ତୁଳା** ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ । କ୍ରୀଡ଼ା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ । ଆନୁଷ୍ଠାନିକ କାମରେ ସତର୍କରେ ନ ଚଳିଲେ ବିବାଦଘେରରେ ପଡ଼ିବେ ।

**ବିଛା** ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ । କର୍ମକ୍ଷେତ୍ରରୁ ଅବହେଳା ଅଭିଯୋଗ ପ୍ରତି ସତର୍କ ରୁହନ୍ତୁ । ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ । ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ । ପଡ଼ୋଶୀଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ ।

**ଧନୁ** କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟ କଲେ ସଫଳତା ପାଇବେ । ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି ଅବଶ୍ୟ ବିଶେଷ ଗୁରୁତର ହେବନାହିଁ । ଆତ୍ମୀୟମାନଙ୍କ ନିକଟରୁ ସ୍ନେହ, ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି । ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗିରହିବେ କିନ୍ତୁ କିଛି କ୍ଷତି କରିପାରିବେ ନାହିଁ ।

**ମକର** ବନ୍ଧୁଙ୍କ ସହ ଅଯଥା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ । ଦୀର୍ଘଦିନର ଚିକିତ୍ସା ପରେ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଖୁସୀ ହେବେ । ପଢ଼ାରେ ଅବହେଳା ଓ ଅମନଯୋଗୀ କାରଣରୁ ସନ୍ତାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ରହିପାରନ୍ତି ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେବେ ତାହା ସହଜ ଓ ସୁବିଧାରେ ହାସଲ କରିବେ । ବ୍ୟବସାୟିକ କ୍ଷେତ୍ରରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ୍ ହେବେ । କଠୋର ପରିଶ୍ରମ କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବେ । ହଠାତ୍ କାହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ ।

**ମୀନ** ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧି ପାଇବା କାରଣରୁ ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ । କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ । ପୂର୍ବଭାଦ୍ରପଦ୍ ନକ୍ଷତ୍ର ବିବାଦୀୟ ଘଟଣାରେ ବିଜୟୀ ହେବେ । ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ଶୁକ୍ରବାର, ଫେବୃୟାରୀ ୨୪ ତାରିଖ, ଜାତୀୟ ଉତ୍ପାଦନ ଶୁଳ୍କ ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ଓ ବ୍ରତୋପନୟନ ପାଇଁ ଶୁଭଦିନ । ଦିବା ଘ.୦୬।୧୩ମି. ଗତେ ଘ.୦୭।୦୦ମି. ମଧ୍ୟେ, ଘ.୦୭।୪୬ମି. ଗତେ ଘ.୦୯।୦୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୩୬ମି. ଗତେ ଘ.୧୧।୫୯ମି. ମଧ୍ୟେ, ଦିବା ଘ.୧୦।୩୩ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁକାଳ ।

# ଗୁଣାତ୍ମକ ସାମଗ୍ରୀ, ଲୋକ ସମ୍ପର୍କକୁ ଗୁରୁତ୍ୱ

**ବର୍ତ୍ତମାନ ସମୟରେ ସୁନ୍ଦର ଘରଟିଏ କରିବା ପାଇଁ ସମସ୍ତଙ୍କ ମନରେ ଅନେକ ଆଶା ଓ ସ୍ୱପ୍ନ ରହିଥାଏ। ହେଲେ ବାସସ୍ଥଳୀକୁ ସୁନ୍ଦର ଓ ମନଲାଖି କରିବା ଲାଗି ପ୍ରାୟତଃ ସମସ୍ତେ ଚାହାନ୍ତି। ଏପରିକି ଗୃହୋପକରଣ ଓ ଆସବାବପତ୍ର ଆଦିରେ ଏବେ ପ୍ଲାଏଉଡ୍ ଏକ ଅବିଚ୍ଛେଦ୍ୟ ସାମଗ୍ରୀ ଭାବେ ସ୍ଥାନ ପାଇଛି। ବିଶେଷକରି ଗ୍ରାହକଙ୍କୁ ଗୁଣାତ୍ମକ ସାମଗ୍ରୀ ଯୋଗାଇବା ସହ ଲୋକ ସମ୍ପର୍କକୁ ମୂଳମନ୍ତ୍ର ଭାବେ ଗ୍ରହଣକରି ଅନେକ ସଫଳତା ହାସଲ କରିଥିବା 'ଭାରତ ପ୍ଲାଏଉଡ୍ସ'ର ପରିଚାଳନା ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ରାଏଙ୍କ ସହ ଧରିତ୍ରୀର ବିଶେଷ ଆଲାପ...**

ଧରିତ୍ରୀ | OrissaPOST BUSINESS EMINENCE AWARDS


ବ୍ରଜେନ୍ଦ୍ର କୁମାର ରାଏ

**ପ୍ର– ଆପଣଙ୍କ ବାଲ୍ୟ ଜୀବନ କିପରି ଥିଲା?**
ଉ– କଟକ ଜିଲା ଆଠଗଡ଼ର ରାଧାଦର୍ଶନପୁର ଆମ ଗାଁ। ଏଇଠୁ ମୋର ବାଲ୍ୟ ଜୀବନ ଆରମ୍ଭ ହୋଇଥିଲା। ଏପରି କି ସ୍ଥାନୀୟ ଖୁଣ୍ଟକଟା ହାଇସ୍କୁଲରୁ ଶିକ୍ଷା ସମାପ୍ତ ପରେ ଖୋର୍ଦ୍ଧା କଲେଜରୁ ବାଣିଜ୍ୟ ସ୍ନାତକରେ ଉଚ୍ଚଶିକ୍ଷା ହାସଲ କରିଥିଲି। ବିଶେଷକରି ଗ୍ରାମ୍ୟ ପରିବେଶର ଆନନ୍ଦମୟ ଜୀବନ ବେଶ୍ ସୁରୁଖୁରୁରେ କଟିଥିଲା।

**ପ୍ର– ବ୍ୟବସାୟ ବୃତ୍ତିକୁ ଆପଣାଇଲେ କାହିଁକି?**
ଉ– ଆଠଗଡ଼ର ବିଶିଷ୍ଟ ବ୍ୟବସାୟୀ ମହାବୀର ରାଏ ମୋ ବାପା। ଆମର କିରୋସିନ ହୋଲ୍‌ସେଲ୍ ଓ ଗ୍ରୋସେରି ବ୍ୟବସାୟ ଥିଲା। ଏପରିକି ପିଲାଟି ଦିନରୁ ବ୍ୟବସାୟର କଳା ବାପାଙ୍କଠାରୁ ଶିଖିଛି। ବିଶେଷକରି କିଣାବିକାର ଜୀବନ ଅତି ନିକଟରୁ ପରଖିଛି। ସେଥିପାଇଁ ବ୍ୟବସାୟ ପ୍ରତି ଆଗ୍ରହ ସ୍ୱତଃ ମନରେ ଆସିଯାଇଥିଲା।

**ପ୍ର– ପାରିବାରିକ ବ୍ୟବସାୟକୁ ଛାଡ଼ି ପ୍ଲାଏଉଡ୍ ବ୍ୟବସାୟରେ ପ୍ରବେଶ କଲେ କାହିଁକି?**
ଉ– ୧୯୭୮ରେ ବ୍ୟବସାୟ କରିବାକୁ ମନ ବଳିଲା। ଏପରିକି କୃଷି ଓ ଆଗ୍ରୋବେସ୍ ବ୍ୟବସାୟ କରିବାର ଇଚ୍ଛା ଥିଲା। ହେଲେ ସେତେବେଳେ କଟକ ସହରରେ ପ୍ଲାଏଉଡ୍ ଷ୍ଟୋର ସୀମିତ ଥାଏ। ବିଶେଷକରି ଘର ତିଆରି ପାଇଁ କାଠର ଏକ ବିକଳ୍ପ ଭାବେ ପ୍ଲାଏଉଡ୍‌କୁ ମୁଁ ଭାବିଲି। ସେହିଭଳି ସହଜଲବ୍ଧ ଆଗ୍ରୋବେସ୍ କାଠକୁ ପରିବର୍ତ୍ତିତ ଢଙ୍ଗରେ ପ୍ଲାଏଉଡ୍ ପ୍ରସ୍ତୁତ କରାଯାଇଥାଏ, ଯାହା କି ପରିବେଶ ଉପଯୋଗୀ। ପୁନଶ୍ଚ ସବୁ ବର୍ଗର ଆର୍ଥିକ କ୍ଷମତାକୁ ସୁହାଇଲା ଭଳି ଗୃହନିର୍ମାଣଠାରୁ ସାଜସଜ୍ଜା ପର୍ଯ୍ୟନ୍ତ ପ୍ଲାଏଉଡ୍ ବହୁଳ ଭାବେ ଉପଯୋଗୀ ହୋଇଥାଏ। ଏହି ଭାବନାରେ ପ୍ଲାଏଉଡ୍ ବ୍ୟବସାୟ ଆରମ୍ଭ କରିଥିଲି।

**ପ୍ର– ବର୍ତ୍ତମାନ ଏହାର ଚାହିଦା କିଭଳି ରହିଛି?**
ଉ– ବର୍ତ୍ତମାନ ସମୟରେ ଗୃହନିର୍ମାଣ ଓ ଆନ୍ତଃ ସାଜସଜ୍ଜା (ଇଣ୍ଟେରିୟର) ପାଇଁ ପ୍ଲାଏଉଡ୍ ଅନିବାର୍ଯ୍ୟ ହୋଇପଡ଼ିଛି। ଏହାଛଡ଼ା ଘରର ଝରକା, କବାଟ, ଫଲ୍‌ସ ସିଲିଂ ସଦୃଶ ବ୍ୟବସାୟିକ ଶୋ'ରୁମ୍, କ୍ୟାବିନ, ପାର୍ଟିସନ୍, କାର୍ଯ୍ୟାଳୟର ଆସବାବପତ୍ର ସବୁଥିରେ ପ୍ଲାଏଉଡ୍‌ର ଉପଯୋଗ ରହିଛି। ଏକଥା ବି କୁହାଯାଇପାରେ ପାରମ୍ପରିକ ମୂଲ୍ୟବାନ୍ କାଠର ସ୍ଥାନ ପ୍ଲାଏଉଡ୍ ହୋଇପାରିଛି। ଏହାଛଡ଼ା ଆଲୁମିନିୟମ, କାଚ, ୟୁପିଭିସି, ଡବ୍ଲ୍ୟୁପିଭିସି ଆଦିର ଚାହିଦା ରହିଥିବାରୁ ଏହାକୁ ମଧ୍ୟ ଆମେ ବ୍ୟବସାୟରେ ସାମିଲ କରିଛୁ।

**ପ୍ର– ଆପଣଙ୍କ ଆଗାମୀ ଲକ୍ଷ୍ୟ କ'ଣ ରହିଛି?**
ଉ– ଆମେ ବ୍ୟବସାୟ କରୁଥିବା ଜିନିଷଗୁଡ଼ିକ ପ୍ରାୟତଃ ଅନ୍ୟ ରାଜ୍ୟ ଯଥା ହରିୟାଣା, ଗୁଜରାଟ, ପଶ୍ଚିମବଙ୍ଗ, ତେଲଙ୍ଗାନା, କର୍ଣ୍ଣାଟକ ଆଦିରୁ ଆମଦାନୀ କରିଥାଉ। ହେଲେ ଓଡ଼ିଶାରେ ଏହାର ଉତ୍ପାଦନ ନାହିଁ। ଏପରିକି ଆଗାମୀ ଦିନରେ ଆବଶ୍ୟକ ସାମଗ୍ରୀଗୁଡ଼ିକ ଓଡ଼ିଶାରେ ଉପଲବ୍ଧି କରାଇବା ସହ ମ୍ୟାନୁଫାକ୍ଚରିଂ ୟୁନିଟ୍ ବସାଇବାର ଲକ୍ଷ୍ୟ ରହିଛି। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ।

**ପ୍ର– ଆପଣ ଅବସର ସମୟ କିପରି କାଟନ୍ତି?**
ଉ– ବ୍ୟବସାୟ ସାଙ୍ଗକୁ ସମାଜସେବା କ୍ଷେତ୍ରରେ ମଧ୍ୟ ମୁଁ ନିୟୋଜିତ ଥାଏ। ଯେମିତି କି ବହୁ ଶିକ୍ଷାନୁଷ୍ଠାନ, ସାର୍ବଜନୀନ ପୂଜା କମିଟି, ସମାଜ ସଂସ୍କାର ସହ ମୁଁ ଯୋଡ଼ିହୋଇ ରହିଛି। ଏପରିକି କୃଷି, ପର୍ଯ୍ୟାବରଣ ଓ ଉଦ୍ୟାନ କୃଷିରେ ମୁଁ ମନୋନିବେଶ କରିଥାଏ। ସର୍ବୋପରି ସମାଜର ଅବହେଳିତ ଲୋକଙ୍କ ହିତରେ ଅବସର ସମୟକୁ ଅତିବାହିତ କରିଥାଏ।

**ପ୍ର– ବ୍ୟବସାୟ ପାଇଁ ଆସୁଥିବା ଯୁବବର୍ଗଙ୍କ ପାଇଁ କି ବାର୍ତ୍ତା ଦେବେ?**
ଉ– ଗ୍ରାହକ ସନ୍ତୁଷ୍ଟି ମନ୍ତ୍ର ସେବା ଓ ବିଶ୍ୱାସଭାଜନ ହେବା ପାଇଁ ବ୍ୟବସାୟୀଟିଏ ସର୍ବତ୍ର ଚେଷ୍ଟିତ ହେବା ଆବଶ୍ୟକ। ଧୈର୍ଯ୍ୟର ସହ ନିଜର ବ୍ୟବସାୟକୁ ଇମାନଦାରି ଓ ସତ୍ୟତା ଉପରେ ପର୍ଯ୍ୟବସିତ କରାନ୍ତୁ। ନିଜକୁ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟରେ ନିୟୋଜିତ କରିବା ଉଚିତ। ତେବେ ଯାଇ 'ବାଣିଜ୍ୟେ ବସତେ ଲକ୍ଷ୍ମୀ' ଉକ୍ତି ପୂରଣ ହୋଇପାରିବ।

# 'ଗୋପବନ୍ଧୁ ଓଡ଼ିଶାବାସୀଙ୍କ ପାଇଁ ପ୍ରେରଣାଦାୟୀ'

**ସାକ୍ଷୀଗୋପାଳ, ୨୩।୨ (ସ୍ୱ.ପ୍ର./ଡି.ଏନ୍.ଏ.)**


ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋପବନ୍ଧୁଙ୍କ ସଂଗ୍ରହାଳୟକୁ ବୁଲି ଦେଖୁଛନ୍ତି।

- **ଐତିହ୍ୟ ଜନ୍ମପୀଠକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**
- **ଓଡ଼ିଶାର ସବୁ ବରପୁତ୍ରଙ୍କ ଜନ୍ମସ୍ଥାନ ବିକଶିତ ହେବ**

ମାନବ ସମାଜର ମଣି ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ତାଙ୍କ ତ୍ୟାଗ, ଦେଶଭକ୍ତି, ସେବା ଓ ଜାତିପ୍ରୀତିର ତୁଳନା ନାହିଁ। ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଓଡ଼ିଶାର ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ସେବା ଓ ମାନବିକତାର ନୂଆ କୀର୍ତ୍ତି ସ୍ଥାପନ କରିଯାଇଛନ୍ତି। ଓଡ଼ିଶାରେ ଜାତୀୟବାଦୀ ଚେତନାର ବିକାଶରେ ଗୋପବନ୍ଧୁ କର୍ଣ୍ଣଧାର ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଜିଲା ସତ୍ୟବାଦୀ ବ୍ଲକ ଗୋପବନ୍ଧୁଙ୍କ ରୂପାନ୍ତରିତ ଜନ୍ମପୀଠ ସୁଆଣ୍ଡୋ ଗ୍ରାମକୁ ଲୋକାର୍ପିତ ଅବସରରେ ଆୟୋଜିତ ଏକ ଜନସଭାରେ ଯୋଗଦେଇ ସେ କହିଛନ୍ତି। ଭୋଗ ନୁହେଁ, ତ୍ୟାଗ ହିଁ ମହାନ, ସେବା ହିଁ ଶ୍ରେଷ୍ଠ– ଏହା ହିଁ ହେଉଛି ଗୋପବନ୍ଧୁଙ୍କ ଜୀବନର ବାର୍ତ୍ତା। ସେ ସବୁବେଳେ ଆମ ପାଇଁ ପ୍ରେରଣା ହୋଇ ରହିଛନ୍ତି ଓ ରହିଥିବେ। ଗୋପବନ୍ଧୁଙ୍କ 'ଭାର୍ଗବୀ ସଂକଳ୍ପ'କୁ ଜୀବନର ବ୍ରତ କରି ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ହେଲିକପ୍ଟର ଯୋଗେ ସୁଆଣ୍ଡୋ ଗ୍ରାମରେ ପହଞ୍ଚିଥିଲେ। ସେଠାରୁ ଏକ ବ୍ୟାଟେରିଚାଳିତ ଗାଡ଼ିରେ ଯାଇଥିଲେ। ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରୂପାନ୍ତରିତ ଐତିହ୍ୟ ପୀଠ ଷଠିଘର, ଲୋକେଶ୍ୱର ମହାଦେବ ମନ୍ଦିର, ଗୋପବନ୍ଧୁଙ୍କ ସଂଗ୍ରହାଳୟକୁ ଲୋକାର୍ପିତ କରିଥିଲେ। ଗୋପବନ୍ଧୁଙ୍କ ପୁରାତନ ଷଠିଘରକୁ ସଂରକ୍ଷଣ ରଖି ନୂତନ ଭାବେ ନିର୍ମାଣ କରାଯାଇଥିବା ଗୋପବନ୍ଧୁଙ୍କ ପ୍ରତ୍ୟେକ ସ୍ମୃତିକୁ ୫–ଟି ସଚିବ ଭି.କେ. ପାଣ୍ଡିଆନ ଓ ଗୋପବନ୍ଧୁଙ୍କ ନାତି ଧୀରେନ୍ଦ୍ର ନାଥ ଦାସଙ୍କ ସହ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ପରେ ଗୋପବନ୍ଧୁଙ୍କ ୧୫ ଫୁଟ ଉଚ୍ଚ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ମଧ୍ୟ ଉନ୍ମୋଚନ କରିବା ସହିତ ବିକଶିତ ଶିବ ମନ୍ଦିର, ପୋଖରୀ, ମ୍ୟୁଜିୟମ, ପୈତୃକ ବାସଗୃହ, ଶିଶୁ ଉଦ୍ୟାନର ଉଦ୍‌ଘାଟନ କରିଛନ୍ତି। ଏହାସହିତ ଜନ୍ମପୀଠକୁ ରାସ୍ତା, ପରିକ୍ରମା ରାସ୍ତା ଓ ପଟ୍ଟନାୟକିଆରେ ଏକ ସୂଚନାକେନ୍ଦ୍ରର ମଧ୍ୟ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଜୟ ଜଗନ୍ନାଥରୁ ଉଦ୍‌ବୋଧନ ଆରମ୍ଭ କରି କହିଥିଲେ, ଗୋପବନ୍ଧୁ ଥିଲେ ଜଣେ ଯୁଗପୁରୁଷ। ଓଡ଼ିଆ ଜାତି ତାଙ୍କ ନିକଟରେ ସବୁବେଳେ ଋଣୀ। ତାଙ୍କ ସ୍ମୃତି ରକ୍ଷା ପାଇଁ ଯେତେ ଯାହା କଲେ ବି କମ୍ ହେବ। ଏବେ ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋର ହୋଇଛି କାୟାକଳ୍ପ। ଆଗକୁ ୫–ଟି ଉପକ୍ରମରେ ଓଡ଼ିଶାର ସବୁ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗୋପବନ୍ଧୁଙ୍କ ଜନ୍ମ ମାଟିର ବିକାଶରେ ଉତ୍କଳମଣିଙ୍କ ପରିବାର ଓ ସୁଆଣ୍ଡୋ ଜନସାଧାରଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୋପବନ୍ଧୁଙ୍କ ଦାୟାଦ ୭ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷେ କାର୍ଯ୍ୟକ୍ରମରେ ଗୋପବନ୍ଧୁଙ୍କ ନାତି ଧୀରେନ୍ଦ୍ର କୁମାର ଦାସ ଯୋଗଦେଇ ଉତ୍କଳମଣିଙ୍କ ଜନ୍ମପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଉମାକାନ୍ତ ସାମନ୍ତରାୟ, ଲୋକସେବକ ମଣ୍ଡଳ ଉପାଧ୍ୟକ୍ଷ ନିରଞ୍ଜନ ରଥ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜଗତ୍‌ସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ସ୍ୱପ୍ନାରାଣୀ ଦାସ, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ନେତା ପ୍ରମୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉତ୍କଳମଣିଙ୍କ ଜୀବନ ଦର୍ଶନ ସମ୍ପର୍କରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିସହ ଓଡ଼ିଶାର ସାରସ୍ୱତ ସାଧକ ସତ୍ୟନାରାୟଣ ମିଶ୍ରଙ୍କ ରଚିତ ପୁସ୍ତକ 'ଉତ୍କଳମଣି'କୁ ଉପସ୍ଥିତ ମଞ୍ଚରେ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଜିଲାପାଳ ସମର୍ଥ ବର୍ମା ଧନ୍ୟବାଦ ଦେଇଥିଲେ।

## ନାତୁଣୀ ବୋହୂ, ଅଣନାତୁଣୀଙ୍କୁ ସଭାସ୍ଥଳକୁ ଛାଡ଼ିଲେନି

ଗୋପବନ୍ଧୁଙ୍କ ଜନ୍ମପୀଠରେ ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ଲୋକାର୍ପଣ କାର୍ଯ୍ୟକ୍ରମ ଚାଲିଥିଲା। ଏହି ଅବସରରେ ୯୦ବର୍ଷୀୟା ଲୀଳାବତୀ ନାମକ ମହିଳା ନିଜକୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାତୁଣୀବୋହୂ ବୋଲି ପରିଚୟ ଦେଇ ତାଙ୍କ ଅଣନାତୁଣୀଙ୍କ ସହ ସୁଆଣ୍ଡୋ ଗ୍ରାମକୁ ଆସିଥିଲେ। ହେଲେ ସଭାସ୍ଥଳର ବ୍ୟାରିକେଡ୍ ନିକଟରେ ମୁତୟନ ଥିବା ପୋଲିସ ଅଧିକାରୀମାନେ ସେମାନଙ୍କୁ ଅଟକାଇ ଥିଲେ। ସେମାନେ ଗୋପବନ୍ଧୁଙ୍କ ଦାୟାଦ ବୋଲି ପରିଚୟ ଦେଇଥିଲେ ମଧ୍ୟ ଭିତରକୁ ଯିବା ପାଇଁ ପୋଲିସ ଅନୁମତି ଦେଇ ନ ଥିଲା। ଫଳରେ ନାତୁଣୀ ବୋହୂ ଓ ଅଣନାତୁଣୀ ସେଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ଫେରିଆସିଥିଲେ। ଏ ସମ୍ପର୍କରେ ଜଣେ ପୋଲିସ ଅଧିକାରୀଙ୍କୁ ପଚାରିବାରୁ ଗୋପବନ୍ଧୁଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ପୂର୍ବରୁ ପ୍ରଶାସନ ଦ୍ୱାରା କରାଯାଇଥିବା ପାସ୍ ପ୍ରଦାନ କରାଯାଇଥିଲା। ହେଲେ ଉକ୍ତ ବୃଦ୍ଧାଙ୍କ ପାଖରେ ପାସ୍ ନ ଥିଲା, ତେଣୁ ତାଙ୍କୁ ଛାଡିବା ସମ୍ଭବ ହେଲା ନାହିଁ ବୋଲି ସେ କହିଛନ୍ତି।

# ବାଉଁଶୁଣୀ ମଣ୍ଡି ପରିସରରେ ଚାଷୀଙ୍କ ମୃତ୍ୟୁ

**ଧାନ ବିକି ନ ପାରି ମାନସିକ ଚାପରେ ଥିଲେ**

**ବାଉଁଶୁଣୀ, ୨୩।୨ (ଡି.ଏନ୍.ଏ.)**

ବାଉଁଶୁଣୀ ମଣ୍ଡି ପରିସରରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସିଥିବା ବେଳେ ଜଣେ ଚାଷୀଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଧରଣୀ ମେହେର (୫୦)। ଧାନ ବିକି ନ ପାରି ସେ ଦୀର୍ଘଦିନ ହେଲା ମାନସିକ ଚାପରେ ଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ୍ ଜମାଘାଟି ଗ୍ରାମର ଧରଣୀ ଗତ ଜାନୁୟାରୀ ୨୫ ରେ ୫୬ କୁଇଣ୍ଟାଲ ୬୨ କେଜି ଧାନ ବିକିବାକୁ ଟୋକନ ପାଇଥିଲେ। କିନ୍ତୁ ମାସେ ପୂରିବାକୁ ବସିଥିବା ବେଳେ ମଣ୍ଡିରେ ଧାନ ବିକ୍ରୟ କରିପାରି ନ ଥିଲେ। ସେ ଧାର କରଜ କରି ଧାନଚାଷ କରିଥିଲେ। ବିକ୍ରି ପାଇଁ ଦିନ ଗଡୁଥିବା ବେଳେ ଟୋକନ ଲାପ୍ସ ହୋଇଯିବା ଆଶଙ୍କା ଥିବାରୁ ଚିନ୍ତାରେ ଥିଲେ। ଗୁରୁବାର ସକାଳେ ସେ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ଆସିଥିଲେ। ଧାନ ବିକ୍ରିରେ ବିଳମ୍ବ ହେବାରୁ କାଳେ ନିରାଶ ହୋଇ ଘରକୁ ଫେରିବାକୁ ପଡିବ ଭାବି ମଣ୍ଡି ପରିସରରେ ଥିବା ଏକ ଗଛମୂଳକୁ ଯାଇ ବସିଥିଲେ। ସେଠାରେ ବସିଥିବା ସମୟରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ଟଳି ପଡିଥିଲେ। ଆଖପାଖରେ ଥିବା ଲୋକେ ଏହା ଦେଖି ତାଙ୍କୁ ସଙ୍ଗେ ସଙ୍ଗେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଧରଣୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଷୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ବୌଦ୍ଧ ଜିଲାର ବିଭିନ୍ନ ମଣ୍ଡିରେ ନାନା ଅବ୍ୟବସ୍ଥା ଲାଗି ରହିଛି। କେତେବେଳେ ଟୋକନ ସମସ୍ୟା ତ ଆଉ କେତେବେଳେ ଟୋକନ ଲାପ୍ସ ହେବା ଯୋଗୁ ଚାଷୀ ହନ୍ତସନ୍ତ ହେଉଛି। ଫଳସ୍ୱରୂପ ଏଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି।

# ମୁକ୍ତା ଯୋଜନାକୁ ଅଧିକ ଗତିଶୀଳ ପାଇଁ ପ୍ରୟାସ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ରାଜ୍ୟରେ ମୁକ୍ତା ଯୋଜନାକୁ ଅଧିକ ଗତିଶୀଳ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏଥିନିମନ୍ତେ ନଗର ଉନ୍ନୟନ ବିଭାଗ ଓ ସହରାଞ୍ଚଳ ପରିଚାଳନା ସଂସ୍ଥା ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହେଇଛି। ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥି ଭାଥନନ୍ ଏବଂ ସହରାଞ୍ଚଳ ପରିଚାଳନା ସଂସ୍ଥାର ନିର୍ଦ୍ଦେଶିକା ମାନଭିତା ବରାଡି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୁକ୍ତା ଯୋଜନାରେ ଯୋଡ଼ି ହେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଓ ବସ୍ତି ଉନ୍ନୟନ କମିଟିଗୁଡ଼ିକର ଦକ୍ଷତା ବିକାଶ କରି ସେମାନଙ୍କ ଦ୍ୱାରା ଅଧିକରୁ ଅଧିକ କାମ କରାଇବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରାଥମିକତା ଦେଇଛି। ଏହି ଯୋଜନାରେ ଏସ୍‌ଏଚ୍‌ଜିଙ୍କ ଯୋଗଦାନ ଓ କାର୍ଯ୍ୟ ବୃଦ୍ଧି ହୋଇଥିବାରୁ କଣ୍ଟ୍ରାକ୍ଟର ମୁକ୍ତ ହେବା ସହ ଗୋଷ୍ଠୀ କଣ୍ଟ୍ରାକ୍ଟର ବ୍ୟବସ୍ଥାର ଉନ୍ନତି ଅଣିବା ନିମନ୍ତେ ବିଭାଗ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ରାଜ୍ୟର ୧୧୫ ପୌରାଞ୍ଚଳରେ ୨୦ ହଜାରରୁ ଅଧିକ ଏସ୍‌ଏଚ୍‌ଜି ଓ ୧ ହଜାରରୁ ଅଧିକ ବସ୍ତି ଉନ୍ନୟନ କମିଟି ମୁକ୍ତା ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାମ କରୁଛନ୍ତି।

**ଏସ୍‌ଏଚ୍‌ଜି ଓ ବସ୍ତି ଉନ୍ନୟନ କମିଟିର ଦକ୍ଷତା ବିକାଶ ତାଲିମ ପାଇଁ ଏମ୍‌ଓୟୁ**

ସହରାଞ୍ଚଳ ପରିଚାଳନା ସଂସ୍ଥା ଏସଏଚ୍‌ଜି ଓ ବସ୍ତି ଉନ୍ନୟନ ସଂସ୍ଥାଗୁଡ଼ିକୁ ତାଲିମ ଦେବ। ଏସ୍‌ଏଚ୍‌ଜି କଣ୍ଟ୍ରାକ୍ଟରଙ୍କୁ ଯେପରି କେହି ଠକି ନ ପାରିବେ ଓ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯିବ। ଏଥିପାଇଁ ୯ଟି କ୍ଲଷ୍ଟରରେ ୧୧୫ଟି ପୌରାଞ୍ଚଳରେ ନିୟମିତ ଭାବେ ଏହି ତାଲିମ ପ୍ରଦାନ କରାଯିବ। ତାଲିମ ପରେ ମଧ୍ୟ ଆସେସମେଣ୍ଟ କରାଯାଇ ଗୋଷ୍ଠୀଗୁଡ଼ିକ ଦକ୍ଷତା ବୃଦ୍ଧ କରାଯିବ। ଏହି ସହରୀ କର୍ମ ନିଯୁକ୍ତି ଯୋଜନାରେ ଏବେସୁଦ୍ଧା ୭ଲକ୍ଷ ସହରୀ ଗରିବ ଓ ପ୍ରବାସୀ ଶ୍ରମିକ ୨୦୮ କୋଟି ଟଙ୍କା ମୂଲ୍ୟର ୨୨ ହଜାର ୫୦୦ ଗୋଷ୍ଠୀସ୍ତରୀୟ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ନଗରଉନ୍ନୟନ ବିଭାଗ ଯୁଗ୍ମ ସଚିବ ସୁଦ୍ଧା ନିର୍ଦ୍ଦେଶକ ତଥା ମୁକ୍ତା ଯୋଜନା ରାଜ୍ୟ ନୋଡାଲ ଅଧିକାରୀ ଶାରଦା ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।







## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ



@ ହରପ୍ରିୟା



@ ଦେବବ୍ରତ



@ ଗୋପାଳବଲ୍ଲଭ



@ ବ୍ରଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରକୃତି ଆମର ଶ୍ରେଷ୍ଠ ଗୁରୁ




ମହୋତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

ନାଉଗାଁ,୨୩।୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡାସ୍ଥିତ ମା'ଜାଗୁଲାଇ ପୀଠରେ ସଦ୍‌ଗୁରୁବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ବାର୍ଷିକ ଗୁରୁକୃପା ମହୋତ୍ସବ ଓ ଜିଲାସ୍ତରୀୟ ସଂକୀର୍ତ୍ତନ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଜିନିଷଠାରୁ ଆମେ ଶିକ୍ଷା ଗ୍ରହଣ କରୁ। ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ଓ ସରୀସୃପ ଆଦିଙ୍କୁ ମିଶାଇ ୨୪ଜଣ ଗୁରୁ ଅଛନ୍ତି। ସମସ୍ତଙ୍କଠାରୁ ଆମର କିଛି ଶିକ୍ଷା ଗ୍ରହଣ କରିବା ଅଛି। ପ୍ରକୃତିରୁ ଆମେ ଅନେକ ଗୁଡିଏ ଶିକ୍ଷା ଗ୍ରହଣ କରିଥାଉ। ପ୍ରକୃତି ଆମର ସବୁଠାରୁ ବଡ ଗୁରୁ। ପ୍ରକୃତିଠାରୁ ଆମ ବଞ୍ଚିବା ଓ ମରିବା ଶିକ୍ଷା ଗ୍ରହଣ କରିଥାଉ ବୋଲି ମତବ୍ୟକ୍ତ କରିଥିଲେ। ଉତ୍କଳ ମାଟିର ଗୁଣଗାନ କରିବା

### ଶ୍ରୀଗୁରୁକୃପା ମହୋତ୍ସବ, ଜିଲାସ୍ତରୀୟ ମହୋତ୍ସବ ଓ ଧର୍ମ ସଭା

ସହ ଏହା ଜଗନ୍ନାଥଙ୍କ ଧାମ, ଏହି ମାଟିରେ ଜନ୍ମଗ୍ରହଣ କରିବାକୁ ଅନେକ ଦେଶର ବ୍ୟକ୍ତିମାନେ ଇଚ୍ଛା ପ୍ରକାଶ କରିଥାନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ କିଟ୍ ଓ କିମସର କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ବିଶିଷ୍ଟ ଅତିଥି ଓଡ଼ିଶା ସାଧୁ ସନ୍ଥ ସମାଜର ସଭାପତି ତଥା ଗୋଠଦା ମଠର ମଠାଧୀଶ ଶ୍ରୀଚିନ୍ତାମଣୀ ପର୍ବତ ଗୋସ୍ୱାମୀ, ସମ୍ମାନିତ ଅତିଥି ଭାବେ ମୁକ୍ତିତୀର୍ଥ ଶ୍ରୀହରି ନାମ ସଂକୀର୍ତ୍ତନ ସେବା ସଂଘ ଜଗତ୍‌ସିଂହପୁରର ସଭାପତି ମହେଶ କୁମାର ଚୌଧୁରୀ, ଅଲଇଣ୍ଡିଆ ବାର ଆସୋସିଏଶନର ଉପସଭାପତି ଆଇନଜୀବି ଦେବୀ ପ୍ରସାଦ ଧଳ ପ୍ରମୁଖ ଯୋଗଦେଇ ବାବା ଶ୍ରୀବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନୀ ଉପରେ ଆଲୋପାତ କରିଥିଲେ। ଉକ୍ତ ସଭାରେ ଗୁରୁକୃପା କୁଟୀରର ପ୍ରତିଷ୍ଠାତା ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ପୌରୋହିତ୍ୟ କରିଥିଲେ। ପ୍ରାତଃ ସମୟରେ ପବିତ୍ର ଶଙ୍ଖ ଧ୍ୱନୀ ସହ ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା, ଦେବଦେବୀଙ୍କ ପୂଜାର୍ଚ୍ଚନା, ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଷୋଡଶ ଉପଚାର ପୂଜା ଓ ଚଣ୍ଡୀପାଠ କରାଯାଇଥିଲା। ପୂର୍ବାହ୍ନର ଜିଲାର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏହାକୁ ଜଗତ୍‌ସିଂହପୁର ମୁକ୍ତି ତୀର୍ଥ ଶ୍ରୀହରି ନାମ ସଂକୀର୍ତ୍ତନ ସେବା ସଂଘର ଉପଦେଷ୍ଟା ନିରଞ୍ଜନ ମହାନ୍ତି, ସମ୍ପାଦକ ସୁକାନ୍ତ କୁମାର ଲେଙ୍କା ଓ ଶ୍ରୀଗୁରୁ କୃପା ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ନାଥ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଦୁର୍ଘଟଣା ପରେ ଜଳିଗଲା ଟ୍ରକ୍

ଧର୍ମଶାଳା,୨୩।୨(ଡି.ଏନ.ଏ.):

ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଅନ୍ୟ ଏକ ଟ୍ରକ୍ ପଛରୁ ଧକ୍କା ଦେବାପରେ ଜଳିଯାଇଛି। ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ ନିକଟସ୍ଥ ସେଣ୍ଟ୍ରାଲ ବ୍ୟାଙ୍କ ସମ୍ମୁଖରେ ଏହି ଘଟଣା ଘଟିଛି। ଲୁହା ଗୁଣ୍ଡ ବୋଝେଇ ହୋଇଥିବା ଓଡି-୦୫-ୱାଇ-୦୧୨୮ନଂ. ବିଶିଷ୍ଟ ୧୨ ଚକିଆ ଟ୍ରକ ରାସ୍ତା କଡ଼ରେ ଛିଡ଼ା ହୋଇଥିଲା। ଏହି ସମୟରେ ଲୁହା ଗୁଣ୍ଡ ବୋଝେଇ କରି ଆସୁଥିବା ଓଆର୍-୦୪-କ୍ୟୁ-୨୭୯୧ନଂ. ଟ୍ରକ୍ ତାହାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପଛ ପଟେ ପିଟି ହୋଇଥିବା ଟ୍ରକଟି ଜଳିଯାଇଥିଲା। ଏହି ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବରପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଟ୍ରକ୍ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏନେଇ ଧର୍ମଶାଳା ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ ୨ଟିକୁ ଜବତ କରି ତଦନ୍ତ ଚଳାଇଛି।



# ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ଜଣେ ମୃତ

ଝୁମ୍ପୁରୀ,୨୩।୨(ଡି.ଏନ୍.ଏ.)

ସାନ ଭଉଣୀ ବିବାହ ଉତ୍ସବରେ ଯୋଗଦେଇ ଗୁରୁବାର ସ୍କୁଟିରେ ସାନଝିଅକୁ ବସାଇ ଶାଶୁଘର କୁଆଖିଆକୁ ଫେରୁଥିବା ବେଳେ ବାଟରେ ଦୁର୍ଘଟଣା ଘଟି ବଡ଼ ଭଉଣୀଙ୍କ ମୃତ୍ୟୁ ହୋଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣା ଦଶରଥପୁର ବ୍ଲକ୍ ରାମବାଗ-ଛତ୍ରପଡ଼ା ମୁଖ୍ୟ ରାସ୍ତାର ମନ୍ଦାରଖଣ୍ଡ କାର୍ତ୍ତିକେଶ୍ୱର ଛକରେ ଘଟିଛି। ମୃତକ ହେଲେ ଅସନପୁର ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ଶିବଚରଣ ସୂତାରଙ୍କ ଝିଅ ବିଷ୍ଣୁପ୍ରିୟା (୪୦)। ବିଷ୍ଣୁପ୍ରିୟା ସାନ ଭଉଣୀଙ୍କ ବିବାହ ଉତ୍ସବରେ ଯୋଗଦେବା ପାଇଁ ବୁଧବାର ନରେନ୍ଦ୍ରପୁର ଗ୍ରାମକୁ ଆସିଥିଲେ। ବିବାହ ପରେ ସେ ଘରକୁ ଫେରୁଥିବା ବେଳେ ଆଗରୁ ଆସୁଥିବା ଏକ ଟ୍ରକ (ନଂ. ଓଡି୦୪ବି-୭୪୩୧) ସହ ତାଙ୍କ ସ୍କୁଟି ଧକ୍କା ହୋଇଥିଲା। ବିଷ୍ଣୁପ୍ରିୟାଙ୍କ ମୁଣ୍ଡ ଉପରେ ଟ୍ରକ୍‌ର ପଛ ଚକ ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । କୁନିଝିଅଟି ବାମପଟକୁ ପଡ଼ିଯିବାରୁ ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଏକ ସମବାୟ ସମିତିରୁ ଧାନ ଆଣିବାକୁ ଯାଉଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାମବାଗ-ଛତ୍ରପଡ଼ା ମୁଖ୍ୟରାସ୍ତାକୁ ପ୍ରାୟ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ କରିଥିଲେ । ଖବରପାଇ ଦଶରଥପୁର ଥାନାଧିକାରୀ ହେମନ୍ତ ବେହେରା, ଏସ୍‌ଆଇ ପାର୍ବତୀ ନାୟକ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ସଦରମହକୁମା ଚିକିତ୍ସାଳୟକୁ ପଠାଇଥିଲେ। କ୍ଷତିପୂରଣ ପାଇଁ ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଗତବର୍ଷ ବିଷ୍ଣୁପ୍ରିୟାଙ୍କ ସ୍ୱାମୀ କର୍କଟ ରୋଗରେ ପ୍ରାଣ ହରାଇଥିଲେ। ବିଷ୍ଣୁପ୍ରିୟାଙ୍କ ମୃତ୍ୟୁ ପରେ ତାଙ୍କର ୨ ସନ୍ତାନ ଅନାଥ ହୋଇଯାଇଛନ୍ତି।

# ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ତ୍ରୀଙ୍କୁ ହତ୍ୟା

ପାଟକୁରା,୨୩।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାମଚନ୍ଦ୍ରପୁର ପଞ୍ଚାୟତ ଅଟାବୁହା ଗ୍ରାମର ଶିକ୍ଷୟିତ୍ରୀ ରଶ୍ମିତା ସେଠୀ (୪୨)ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ହତ୍ୟା କରାଯାଇଛି ବୋଲି ପାଟକୁରା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ମୃତା ଶିକ୍ଷୟିତ୍ରୀଙ୍କ ସ୍ୱାମୀ ତଥା ଉକ୍ତ ପଞ୍ଚାୟତର ବିଜେଡି ସଭାପତି ଉମାକାନ୍ତ ସେଠୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସର ସୂଚନା ଅନୁଯାୟୀ, ରଶ୍ମିତା ନିକଟସ୍ଥ ଚାଚାଜୀ ନୋଡ଼ାଲ ୟୁପି ସ୍କୁଲରେ ଶିକ୍ଷକତା କରନ୍ତି । ସ୍ୱାମୀ ଉମାକାନ୍ତ ପରକୀୟା ପ୍ରୀତିରେ ଲିପ୍ତ ରହିବା ଘଟଣାକୁ କେନ୍ଦ୍ରକରି ଗତ କିଛିଦିନ ତଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା । ରଶ୍ମିତା ସ୍ୱାମୀଙ୍କ ଏପରି ଗୁଣକୁ ବିରୋଧ କରିଆସୁଥିଲେ। ଏହାକୁ କେନ୍ଦ୍ରକରି ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ମୃତକଙ୍କ ବାବା ଅନାମ ଚରଣ ସେଠୀ ଥାନାରେ ଅଭିଯୋଗରେ କହିଛନ୍ତି । ସେ ଦର୍ଶାଇଛନ୍ତି, ପରକୀୟା ପ୍ରୀତି ଯୋଗୁ

### ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ରଶ୍ମିତାଙ୍କୁ ଉମାକାନ୍ତ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଅଧିକନ୍ତୁ ରଶ୍ମିତାଙ୍କୁ ମିଳୁଥିବା ଦରମାକୁ ଉମାକାନ୍ତ ବଳ ପୂର୍ବକ ନେଇଯାଉଥିଲେ । ନିଜର ୨ ଝିଅଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିବା ଲକ୍ଷ୍ୟରେ ନିର୍ଯାତନା ସହି ବି ରଶ୍ମିତା ପଡ଼ି ରହିଥିଲେ। ଏହାକୁ ନେଇ ରଶ୍ମିତାଙ୍କ ବାପା ଭାଇ ବହୁବାର ଆସି ବୁଝାସୁଝା କରୁଥିଲେ ମଧ୍ୟ ଉମାକାନ୍ତଙ୍କ କିଛି ପରିବର୍ତ୍ତନ ହେଉ ନ ଥିଲା । ଗତ ମଙ୍ଗଳବାର ରଶ୍ମିତା ସ୍କୁଲରୁ ଫେରିବା ପରେ ପରକୀୟା ପ୍ରୀତିକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ସନ୍ଧ୍ୟାରେ ଉମାକାନ୍ତ ଶ୍ୱଶୁର ଘରକୁ ଫୋନ୍ କରି ରଶ୍ମିତା କବାଟ ବନ୍ଦ କରି ଘରେ ଅଛି, କବାଟ ଖୋଲୁନାହିଁ ବୋଲି କହିଥିଲେ। ରଶ୍ମିତାଙ୍କ ଭାଇ ଅଟାବୁହା ଗ୍ରାମରେ ପହଞ୍ଚି ଉଭଣୀଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ । ଏନେଇ ପାଟକୁରା ଥାନାରେ ଏକ ମାମଲା(ନଂ.୧୬୨/୨୩) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଛନ୍ତି । ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଇଛି ।

# ମଣିପୁରୀ ହରିଣ ମୃତ

ବାରଙ୍ଗ,୨୩।୨(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀଉଦ୍ୟାନର ୩୬ ନଂ.(ଖ) ଏନ୍‌କ୍ଲୋଜରରେ ରହୁଥିବା ବୟସ୍କ ଅଣ୍ଡିରା ମଣିପୁରୀ ହରିଣର ଗୁରୁବାର ମୃତ୍ୟୁ ଘଟିଛି। ଗତ ସୋମବାର ଖାଦ୍ୟାଭାବରୁ ଏନ୍‌କ୍ଲୋଜର ଭିତରେ ଥିବା ଅନ୍ୟ ଏକ ଅଣ୍ଡିରା ମଣିପୁରୀ ହରିଣ ସହ ତା'ର ମାଡ଼ଗୋଳ ହୋଇଥିଲା। ଫଳରେ ବୟସ୍କ ହରଣଟିର ପେଟ ଓ ଦେହରେ କ୍ଷତ ସୃଷ୍ଟି ହୋଇଥିଲା। ଫଳରେ ସେ ଅଚେତ ହୋଇ ତଳେ ପଡିଯାଇଥିଲା। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ହରିଣଟିର ଚିକିତ୍ସା କରୁଥିବାବେଳେ ଗୁରୁବାର ତା'ର ମୃତ୍ୟୁ ଘଟିଛି। ତାର ପେଟରେ ସିଂଘ ପଶି ଯିବାରୁ ବିରାଟ କଣା ହୋଇଯାଇଥିଲା। ମୃତ୍ୟୁର କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ହରିଣର ଶବ ବ୍ୟବଚ୍ଛେଦ କରିଛନ୍ତି। ଏହି ବୟସ୍କ ହରିଣର ମୃତ୍ୟୁ ପରେ ନନ୍ଦନକାନନରେ ମଣିପୁରୀ ହରିଣ ସଂଖ୍ୟା ୨୨କୁ ହ୍ରାସ ପାଇଛି।

# ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

ପାଣିକୋଇଲି, ୨୩।୨ (ଡି.ଏନ.ଏ.):

ପାଣିକୋଇଲି ଥାନା ତଥା ବ୍ୟାସନଗର ପୌରାଞ୍ଚଳର ସନ୍ତରା ଗ୍ରାମରେ ରହୁଥିବା କେନ୍ଦୁଝର ଅଞ୍ଚଳର ରାମ ମୁର୍ମୁଙ୍କ ଝିଅ ମଇନାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୭/୨୩ ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, ସନ୍ତରା ଗ୍ରାମରେ ରାମ ମୁର୍ମୁ ପରିବାର ସହ ରହୁଥିଲେ। ବୁଧବାର ରାତିରେ ତାଙ୍କ ଝିଅ ମଇନା ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମେଡିକାଲ କର୍ତ୍ତୃପକ୍ଷ ପାଣିକୋଇଲି ପୋଲିସକୁ ଖବର ଦେଇଥିଲେ। ଶଙ୍ଖଚିଲା ପାଣ୍ଡି ଅଧିକାରୀ ଅମିୟ କୁମାର ବେହେରା ଘଟଣାସ୍ଥଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ତାଙ୍କର ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


बैंक ऑफ़ इंडिया Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଣୀହାଟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ରାଣୀହାଟ ଶାଖା/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଭୋଲେଶଙ୍କର ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରିୟବ୍ରତ ଦାସ, ପିତା: ହରେକୃଷ୍ଣ ଦାସ, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବକ୍ସିବାଟି ରୋଡ୍, କଟକ-୭୫୩୦୦୧ / ଜାମିନଦାର: ଶ୍ରୀ ଦେବବ୍ରତ ଦାସ, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବକ୍ସିବାଟି ରୋଡ୍, କଟକ | ଟ.୧୫,୪୯,୭୩୭.୦୨ +ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୯.୦୯.୨୦୨୨ / ୨୦.୦୨.୨୦୨୩ | ଶ୍ରୀ ଦେବବ୍ରତ ଦାସ ଏବଂ ଶ୍ରୀ ପ୍ରିୟବ୍ରତ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୦୫/୯୫୭, ପ୍ଲଟ୍ ନଂ.: ୧୭୭୯/୩୮୩୬, ଅନୁରୂପ ହାଲ ଖାତା ନଂ.: ୩୫୫, ପ୍ଲଟ୍ ନଂ.: ୧୭୭୯, ଅନୁରୂପ ସାବକ ଖାତା ନଂ.: ୧୦୭୯, ପ୍ଲଟ୍ ନଂ.: ୨୬୮୦, କିସମ: ଘରବାରୀ-୨, ତଳ ମହଲା, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବକ୍ସିବାଟି ରୋଡ୍, ସାମନ୍ତ ସାହି, ତହସିଲ: କଟକ ନଂ.: ୨୨୩, ଥାନା: ପୁରୀଘାଟ, ଥାନା ନଂ.: ୨, ହାଲ ମୌଜା: କଟକ ସହର ୟୁନିଟ-୨୩, ସାମନ୍ତ ସାହି, ଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଫ୍ଲାଟର ବିଲ୍ଟଅପ୍ ଏରିଆ: ୧୧୨୦ବର୍ଗଫୁଟ, ଜମିର ଅବିଭକ୍ତ ଅନୁପାତର କ୍ଷେତ୍ର: ଏକର୦.୦୧୪ଡିସିମିଲି, (୩ବିଏଚ୍‌କେ ଫ୍ଲାଟ ତଳ ମହଲା), ଏହାର ଚଉହଦ୍ଦିରେ-ଉତ୍ତର: ରାସ୍ତା, ଦକ୍ଷିଣ: ଜ୍ୟୋତ୍ସ୍ନା ମିତ୍ର ଏବଂ ଅନ୍ୟମାନେ (ପ୍ଲଟ୍ ନଂ.: ୧୭୭୯ଅଂଶ), ପୂର୍ବ: ତ୍ରିଲୋଚନ ମଲ୍ଲିକ, ପଶ୍ଚିମ: ସୁକୁଲତା ସାହୁ ଏବଂ ଭିକାରୀ ଚରଣ ନାୟକ |

ତାରିଖ : ୨୩.୦୨.୨୦୨୩, ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡି, ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର-୧୫

**ଦଖଲ ବିଜ୍ଞପ୍ତି**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର[ରୁଲ୍-୮(୧)]

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୧୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡିକ **ଦଖଲକୁ** ନିଆଯାଇଛି। ତେଣୁ ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭିଏସ୍‌ଏସ୍ ନଗର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଭିଏସ୍‌ଏସ୍ ନଗର ଶାଖା / ଋଣଗ୍ରହୀତା: ଶ୍ରୀ ରାଜୀବ କୁମାର ରାଉତ, ପିତା: ଶତ୍ରୁଘ୍ନ ରାଉତ, ସା/ପୋ: ବାହାଙ୍ଗା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୨ | ତା.୦୬.୦୨.୨୦୨୨ ସୁଦ୍ଧା ଟ.୨୦,୫୯,୩୭୮.୦୬ + ସେବାବଦ ସୁଧ ଏବଂ ତତ୍‌ପରବର୍ତ୍ତୀ ଖର୍ଚ୍ଚ | ୧୩.୧୨.୨୦୨୨ / ୨୦.୦୨.୨୦୨୩ | ଶ୍ରୀ ରାଜୀବ କୁମାର ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୧୩/୨୨୨୬, ପ୍ଲଟ୍ ନଂ.: ୬୫୦/୬୧୬୩ (୦.୦୧୪ ଡିସିମିଲି) ଏବଂ ୬୪୯/୬୧୬୨ (୦.୦୧୩ ଡିସିମିଲି), ସମୁଦାୟ କ୍ଷେତ୍ର: ୦.୦୨୭ ଡିସିମିଲି, କିସମ: ଘରବାରୀ, ମୌଜା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଏସ୍‌ଆର୍‌ଓ: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୬୪୯ (ଅଂଶ) ଏବଂ ପ୍ଲଟ୍ ନଂ.: ୬୫୦ (ଅଂଶ), ପୂର୍ବ: ପ୍ଲଟ୍ ନଂ.: ୬୪୯ (ଅଂଶ) ଏବଂ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୫୦ (ଅଂଶ) |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୩.୦୨.୨୦୨୩

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**CENTRAL MINE PLANNING & DESIGN INSTITUTE LIMITED**
cmpdi
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"



**PARADIP PORT AUTHORITY**
**e-TENDER CALL NOTICE**
No: CE/HW-II-W-01-23/44 Dt.17.02.2023

Name of the work: **Construction of South Breakwater Extension, Groynes and Breakwater Toe Protection Wall at Paradip Port.**
Estimated cost: **Rs.508.52 Crores.**
Last Date & time of submission: **29.04.2023 upto 17:15 Hrs.**
Refer our website for details : eprocure.gov.in/eprocure/app.

**Executive Engineer,**
**HWD-II, PPA**

PPA/PR/225/2022-2023 dtd.22.02.2023



**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-45(07)/SERIFED/2022-23/299 Date: 23.02.2023

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 01 no of the work at Khirachora Gopinath Temple Road, Remuna, Balasore. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 28.02.2023 to 17.00 hours up to dt. 11.03.2023**. Online bids shall be received **till 17.00 hours dt. 11.03.2023** & shall be opened **at 11.30 AM on Dt. 13.03.2023**. Any addendum / corrigendum / cancellation of tender can also be seen in the said website.

Sd/-
**MANAGING DIRECTOR**



**कार्यपालक अभियंता का कार्यालय पेयजल एवं स्वच्छता प्रमंडल, मेदिनीनगर**
ई–प्रोक्योरमेंट अल्पकालीन निविदा आमंत्रण सूचना
**(1th Call)**

निविदा सूचना संख्या – **DWSD/SVS (JJM)/Med-36/2022-23** दिनांक 22.02.2023

| Sl.No. | Name of Work / Group No. | No. of Schemes | Estimated Cost (Rs.) | Bid Security (Rs.) | Cost of BOQ (Rs.) | Time of Completion |
|---|---|---|---|---|---|---|
| 1 | केन्द्र प्रायोजित योजना "जल जीवन मिशन" के अन्तर्गत :– Construction of Rural Pipe Water Scheme through DT/ HYDT/GPT (Solar Based) 01/2.0 H.P. D.C Motor Pump complete set for different tolas of concern villages which is not included in MVS and has no electricity or less electricity to supply water 2000 LPH maximum at least 15/30 year for 24x7 supply with 100% coverage by Tap water Facility under JJM for the year 2022-23. | | | | | |
| (i) | **Kachan group** of svs scheme under Panchayat Ramgarh, Block Ramgarh **(Group No. 01)** | 14 | 14837141.00 | 297000.00 | 10000.00 | 06 Month |
| (ii) | **Karma group** of svs scheme under Panchayat Dhawadih, Block Satbarwa **(Group No. 02)** | 14 | 15157809.00 | 304000.00 | 10000.00 | 06 Month |
| (iii) | **Ramgarh group** of svs scheme under Panchayat **Ramgarh**, Block Ramgarh **(Group No. 03)** | 20 | 19240186.00 | 385000.00 | 10000.00 | 06 Month |
| (iv) | **Nimiya group** of svs scheme under Panchayat **Guri**, Block Bishrampur **(Group No. 04)** | 11 | 11454623.00 | 230000.00 | 10000.00 | 06 Month |
| (v) | **Baghi group** of svs scheme under Panchayat **Uldanda**, Block Ramgarh **(Group No. 05)** | 10 | 11576843.00 | 232000.00 | 10000.00 | 06 Month |
| (vi) | **Rewaratu group** of svs scheme under Panchayat **Rewaratu**, Block Satbarwa **(Group No. 06)** | 11 | 14868830.00 | 298000.00 | 10000.00 | 06 Month |
| (vii) | **Guri group** of svs scheme under Panchayat **Guri**, Block Bishrampur **(Group No. 07)** | 12 | 11647885.00 | 233000.00 | 10000.00 | 06 Month |
| (viii) | **Sarja group** of svs scheme under Panchayat **Ramgarh**, Block Ramgarh **(Group No. 08)** | 9 | 9682785.00 | 194000.00 | 10000.00 | 03 Month |
| | **Total :-** | **101 Nos.** | | | | |
| 2 | Date & time of Tender Uploading on Website | **28.02.2023 / 12.30 P.M.** | | | | |
| 3 | Date & time of Document Download start date | **28.02.2023 / 12.35 P.M.** | | | | |
| 4 | Last date & time of Bid Submission | **10.03.2023 / 05.00 P.M.** | | | | |
| 5 | Last date time of Submission Cost of BOQ and EMD (in Hard Copy) | **11.03.2023 / 05.00 P.M.** 1. Office of the Superintending Engineer, DW&S Circle, Medininagar 2. Office of the Executive Engineer, DW&S Division, Medininagar | | | | |
| 6 | Date & time of Opening Tender | **13.03.2023 / 04.00 P.M.** | | | | |
| 7 | Name & Address of Office inviting tender | Executive Engineer, DW&S Division, Medininagar | | | | |
| 8 | Name & Address of Tender Opening officer | Executive Engineer, DW&S Division, Medininagar | | | | |
| 9 | Contact No. of Procurement office | 9835068475 | | | | |
| 10 | Help No. of e-Procurement Cell | 0651-2490920 | | | | |

नोटः– 1. विभागीय स्वीकृत्यादेश सं0–231 (स्वी0) रांची, दिनांक 14.02.2023
2. निविदा की प्राक्कलित राशि घट–बढ़ सकती है। तत्पश्चात अग्रधन की राशि देय मान्य होगा।
विस्तृत जानकारी हेतु वेबसाइट http://jharkhandtenders.gov.in पर देखा जा सकता है।

कार्यपालक अभियंता,
पेयजल एवं स्वच्छता प्रमंडल, मेदिनीनगर।

PR 291087 Drinking Water and Sanitation(22-23)D

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସନ୍ତୋଷ


@ ହରପ୍ରିୟା


@ ଦେବବ୍ରତ


@ ଗୋପାଳବଲ୍ଲଭ


@ ବ୍ରଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆରଡିସିଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

- ତହସିଲ କାର୍ଯ୍ୟର ସାପ୍ତାହିକ ସମୀକ୍ଷା ପାଇଁ ପରାମର୍ଶ
- ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୨୩।୨**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ସୁରେଶ ଚନ୍ଦ୍ର ଦଳେଇ ଗୁରୁବାର ଦିନିକିଆ ନୟାଗଡ଼ ଜିଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ଆରଡିସି ମାଛିପଡ଼ାସ୍ଥିତ ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନ କରିଥିଲେ । ବିଦ୍ୟାଳୟ ରୂପାନ୍ତରୀକରଣ କାମ ଦେଖିବା ସହ ସ୍ୱଚ୍ଛତା ପରଖିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଭଲମନ୍ଦ ପଚାରି ବୁଝିବା ସହ ନିରାମୟ କେନ୍ଦ୍ର ବୁଲି ଦେଖିଥିଲେ । ପରିଦର୍ଶନ ସମୟରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ।

ପୂର୍ବାହ୍ନ ୧୧ଟାରେ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲାର ସମସ୍ତ ତହସିଲର ବିଭିନ୍ନ ମାମଲାର ପୁଙ୍ଖାନୁପୁଙ୍ଖ ତଦାରଖ କରିଥିଲେ। ତହସିଲ କାର୍ଯ୍ୟାଳୟର ସାପ୍ତାହିକ ସମୀକ୍ଷା କରିବା ପାଇଁ ଉପଜିଲାପାଳଙ୍କୁ ସେ ପରାମର୍ଶ ଦେଇଥିଲେ । ଜିଲାରେ ଥିବା ଜଳସେଚିତ ଓ ଅଣ-ଜଳସେଚିତ ଜମିର ପରିମାଣ ନିର୍ଦ୍ଧାରଣ କରିବା ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନୟାଗଡ଼ ଓ ଦଶପଲ୍ଲାରେ ଆରମ୍ଭ ହୋଇଥିବା ବାଇପାସ୍ କାମର ଅଗ୍ରଗତି ଉପରେ ପଚାରି ବୁଝିଥିଲେ । ପରେ ସମାଜ ମଙ୍ଗଳ କାର୍ଯ୍ୟାଳୟ, ସାମାଜିକ ସୁରକ୍ଷା, ଜିଲା ଶିଶୁ ସୁରକ୍ଷା, ଖାଦ୍ୟ ଓ ଯୋଗାଣ, ପଞ୍ଚାୟତ, ଜିଲା ଯୋଜନା, ସ୍ୱଳ୍ପ ସଞ୍ଚୟ , କ୍ରୀଡ଼ା,ଜିଲା ସୂଚନା ଓ ଲୋକ ସମ୍ପର୍କ,ବନ୍ଦୋବସ୍ତ ଅଯୁକ୍ତ, ସବରେଜିଷ୍ଟ୍ରାର, ଆଞ୍ଚଳିକ ପରିବହନ,ଅବକାରୀ ଓ ଜିଲା ପରିଷଦର ବିଭିନ୍ନ ବିଭାଗ ଉପରେ ସମୀକ୍ଷା କରିଥିଲେ । ଅପରାହ୍ନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ, କ୍ଷୁଦ୍ର ଜଳସେଚନ, ଜଳସେଚନ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, କୃଷି, ପ୍ରାଣୀ ସମ୍ପଦ,ମତ୍ସ୍ୟ, ଉଦ୍ୟାନ ବିଭାଗ, ଜଳ ବିଭାଜିକା ଓ ବିଦ୍ୟୁତ୍ ବିଭାଗର ବିଭିନ୍ନ ଯୋଜନା ମାଧ୍ୟମରେ ଚାଲୁଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଧାନ ଚାଷ ସହିତ ମାଛ ଚାଷ, ଉଦ୍ୟାନ କୃଷି, କୁକୁଡ଼ା ଚାଷ, ଛେଳି ଓ ଘୁଷୁରି ପାଳନ ପରି ଲାଭଜନକ ଚାଷ କଲେ ସୀମିତ ସମୟରେ ଚାଷୀ ଅଧିକ ଉପକୃତ ହୋଇପାରିବ କହିଥିଲେ । ଏଥିପାଇଁ ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନବଦ୍ଧ ଭାବେ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମନ୍ୱିତ ଚାଷର ବୃଦ୍ଧି ପାଇଁ ଚାଷୀମାନଙ୍କୁ ପରାମର୍ଶ , ତାଲିମ,ଆର୍ଥିକ ସହାୟତା,ଉତ୍ପାଦର ବିକ୍ରି ପାଇଁ ବିସ୍ତୃତ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରି କାର୍ଯ୍ୟ କଲେ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ହେବ ବୋଲି କହିଥିଲେ । ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।


ସମୀକ୍ଷା ବୈଠକରେ ଆରଡିସି ଓ ଅନ୍ୟମାନେ ।

### ଯୋଜନା ଅନେକ, ମିଳୁନି ସୁଫଳ

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମାଳ ମାଳ ଯୋଜନା ସରକାର କାର୍ଯ୍ୟକାରୀ କରୁଛନ୍ତି । ହେଲେ ସେହି ଯୋଜନାର କେତେଦୂର ସୁଫଳ ମିଳୁଛି ସେନେଇ ସମୀକ୍ଷା ହେଉଛି । ହେଲେ ଯୋଜନାର ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚୁନି ବୋଲି ଅଭିଯୋଗ ଉଠୁଛି । ଗୁରୁବାର ଆରଡିସିଙ୍କ ଗସ୍ତ ଓ ସମୀକ୍ଷାକୁ ଅନୁଧାନ କଲେ ସବୁ କିଛି ଠିକ୍ ଚାଲିଛି ବୋଲି ଜଣାପଡିଛି । ଆରଡିସି ଖୁସି ବ୍ୟକ୍ତ କରି ଫେରିଛନ୍ତି । କିନ୍ତୁ ଆରଡିସିଙ୍କ ଗସ୍ତ ପରେ କୁହାଯାଇଛି ସମୀକ୍ଷା ଯଦି ସଠିକ ମାର୍ଗରେ ହୁଅନ୍ତା ଏହାର ସୁଫଳ ମିଳନ୍ତା । ହେଲେ ସମୀକ୍ଷା ସଠିକ୍ ମାର୍ଗରେ କରାଯାଉନି । ଏନେଇ ନୟାଗଡ ଏନଏସିର ପୂର୍ବତନ ଅଧକ୍ଷ ଭବନୀ ଦାଶ କୁହନ୍ତି, ଆରଡିସି ଅଚାନକ ଗସ୍ତ କରି ପରିଦର୍ଶନ କରିଥିଲେ ଭଲ ହୋଇଥାଆନ୍ତା । ଆରଡିସିଙ୍କ ଗସ୍ତ ନେଇ ଜିଲାପାଳ ବି ଜାଣି ପାରନ୍ତେ ନାହିଁ । ଏଥିରେ କିଛିଟା ପରିବର୍ତ୍ତନ ଆସନ୍ତା । ଆରଡିସି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନ କରି ଗଲା ବେଳେ ସବୁ କିଛି ଠିକ୍‌ଠାକ ଥିଲା । ଏଣୁ ସନ୍ତୋଷ ବ୍ୟକ୍ତ କରିବା ସ୍ୱାଭାବିକ କଥା । ଆରଡିସି ଯଦି ବ୍ୟକ୍ତିଗତ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥାଆନ୍ତେ ଅସୁବିଧା କ'ଣ ଜାଣି ପାରି ଥାଆନ୍ତେ । ଲୋକମାନେ ବି ନିଜର ସୁବିଧା ଅସୁବିଧା କହି ପାରନ୍ତେ । ହେଲେ ସେପରି ବ୍ୟବସ୍ଥା କରାଯାଉ ନ ଥିବାରୁ ଚିରାଚରିତ ସମସ୍ୟାରେ ପରିବର୍ତ୍ତନ ଆସୁନି ବୋଲି ସେ କହିଛନ୍ତି ।

# ବନ ବିଭାଗ କାଠଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

**ନୂଆଗାଁ,୨୩।୨(ଡି.ଏନ୍.ଏ.)**

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନରୁ ଗୁରବାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବନ ବିଭାଗ କାଠ ନେଇ ଯାଉଥିବା ବେଳେ ମହିତମା ଗ୍ରାମବାସୀ ବିରୋଧ କରି ଗାଡିକୁ ଅଟକାଇ ରଖିଥିଲେ । ମହିପୁର ରେଞ୍ଜରଙ୍କ ସମେତ ମହିପୁର ବନାଞ୍ଚଳର ସମସ୍ତ ବନପାଳ ପହଞ୍ଚି ପୋଲିସର ସହାୟତା ଲୋଡିଥିଲେ଼। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ନୂଆଗାଁ ଥାନା ପୋଲିସ ସହାୟତାରେ ବନ ବିଭାଗ କାଠ ଗାଡିକୁ ନେବାରେ ସକ୍ଷମ ହୋଇଥିଲା। ଏହି ପିକ୍‌ଅପ୍ ଭ୍ୟାନ୍‌ରେ ଶାଳଗଣ୍ଡି ଲୋଡ ହୋଇ ଯାଉଥିବା ଦେଖି ମହିତମା ଗ୍ରାମର କିଛି ଲୋକ କାଠ ଗାଡିକୁ ଅଟକାଇ କାଠ କେଉଁ ଆଡେ ଯାଉଛି ବୋଲି ପ୍ରଶ୍ନ କରିଥିଲେ । ମହିତମା ଫରେଷ୍ଟର ରାକେଶ କୁମାର ସାହୁ ପହଞ୍ଚି ଫରେଷ୍ଟ ବିଭାଗ ନିଜ କାମ ପାଇଁ ପରିମିଟ କରି କାଠ ନେଉଛି । ସେସବୁ କାଠ ଗଣ୍ଡି ଖଣ୍ଡପଡ଼ା ନାରାୟଣ ସ ମିଲକୁ ଯିବ ଏବଂ ସେଠାରେ ସାଇଜ କାଟି ଆଣିଲା ପରେ ବନ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ଗୁମି ଫରେଷ୍ଟ ବିଟ ଓ କୃଷ୍ଣପ୍ରସାଦ ବିଟରେ ଲାଗିବ ବୋଲି ଫରେଷ୍ଟର ସାହୁ କହିଥିଲେ। ବନ ବିଭାଗ ଦେଇଥିବା ପରିମିଟକୁ ମଧ୍ୟ ଲୋକମାନଙ୍କୁ ଦେଖାଇଥିଲେ । ତେବେ ଆମ ଅଞ୍ଚଳରୁ ଜବତ କରାଯାଇଥିବା କାଠକୁ ଆମ ଗାଁ କାମରେ ନ ଲଗାଇ କାହିଁକି ଅନ୍ୟ କେଉଁଠି ବ୍ୟବହାର କରାଯିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ । ବିଭିନ୍ନ ଆଳ ଦେଖାଇ ବନ ବିଭାଗ ମହିତମା ଅଞ୍ଚଳ ଜଙ୍ଗଲରୁ କାଠ କାଟି ନେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଆମେ କାଠ ଗାଡିକୁ ଛାଡିବୁ ନାହିଁ ବୋଲି ଜିଦ୍ ଧରିଥିଲେ । ଏ ସଂକ୍ରାନ୍ତରେ ମହିପୁର ରେଞ୍ଜର ଖବର ପାଇ ଅନ୍ୟ ଫରେଷ୍ଟରମାନଙ୍କୁ ଘଟଣାସ୍ଥଳକୁ ପଠାଇବା ସହ ପୋଲିସର ସହଯୋଗ ଲୋଡିଥିଲେ । ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି କାଠ ଗାଡିକୁ ଛାଡି ଦେବା ପାଇଁ କହିଥିଲେ। ଗ୍ରାମବାସୀଙ୍କ କଥା ନ ଶୁଣି ବନ ବିଭାଗ କାଠ ଗାଡିକୁନେଇ ପଳାଇ ଯାଇଥିଲେ। ପୂର୍ବରୁ ବିନା ପରମିଟରେ ମହିତମା ସେକ୍ସନ ଅଫିସଠାରୁ ଟ୍ରାକ୍ଟରରେ କାଠ ଚୋରାଚାଲଣା ହେଉଥିବା ସମୟରେ ମହିତମା ଗ୍ରାମବାସୀ ଅଟକାଇଥିଲେ। ଶେଷରେ ବନ ବିଭାଗ ଅପଦସ୍ତ ହୋଇ କାଠ ଅନଲୋଡ କରିବା ପାଇଁ ବାଧ୍ୟ ହୋଇଥିଲା।


ଗ୍ରାମବାସୀ କାଠଗାଡ଼ିକୁ ଅଟକାଇଛନ୍ତି ।

### ପୋଲିସ ସହାୟତାରେ କାଠଗାଡ଼ି ନେଲା ବନ ବିଭାଗ

# ଜେଲ ଗଲେ ୨ ଅଭିଯୁକ୍ତ, ଚୋରି ସାମଗ୍ରୀ ଜବତ

**ନୟାଗଡ଼ ଅଫିସ,୨୩।୨**

ନୟାଗଡ଼ ସଦର ଥାନା ପୋଲିସ ଦୁଇ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଗୋଲଗୋଳା ନୂଆସାହି ଗାଁର ଚଗଲା ନାୟକ(୨୮) ଓ ଫକୁ ନାୟକ(୪୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦେଇଛି । ଜାନୁୟାରୀ ୨୨ରେ ବାଲୁଗାଁ ପଞ୍ଚାୟତ ଜୟମଙ୍ଗଳପ୍ରସାଦ ଗାଁର ବିକ୍ରମ ନାୟକ ଝିଅ ବାହାଘର ପାଇଁ ରଖିଥିବା ୧ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ବାସନକୁସନ ଓ ଖାଦ୍ୟ ପଦାର୍ଥ ଚୋରାଇ ନେଇଥିଲେ । ଅଭିଯୋଗ ପରେ ପୋଲିସ ୧୭/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଦୁଇ ଚୋରଙ୍କଠାରୁ କେବଳ ବାସନକୁସନ ଜବତ ହୋଇଥିବା ବେଳେ ସୁନା ଉପକରଣ ଜବତ ହୋଇନାହିଁ । ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତ ଥିବା ପୋଲିସ କହିଛି।

# ରାଜ୍ୟରେ ପ୍ରଥମ ସ୍ଥାନରେ ନୟାଗଡ଼ ପୋଲିସ

**ନୟାଗଡ଼ ଅଫିସ,୨୩।୨:** ନୟାଗଡ଼ ପୋଲିସ ଆଇନ ଶୃଙ୍ଖଳା, ପେପର ୱାର୍କ, ନାଗରିକଙ୍କ ସେବା, ସୁପରିଭିଜନ ଠାରୁ ଆରମ୍ଭ କରି ଅପରାଧିଙ୍କୁ ଧରିବାରେ ସଫଳତାକୁ ନେଇ ରାଜ୍ୟରେ ପ୍ରଥମ ସ୍ଥାନ ଅକ୍ତିଆର କରିଛି। ରାଜ୍ୟର ୩୬ ପୋଲିସ ଜିଲାର ୬୦୦ ଥାନା ମଧ୍ୟରୁ ୫୮୭ ଥାନାକୁ ପଛରେ ପକାଇ ନୟାଗଡ଼ ଜିଲାର ୧୩ଟି ଥାନା ପ୍ରଥମରେ ରହିଛି। ଜିଲାର ୧୩ଟି ଥାନାର ଆଇଆଇସି ଓ ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀଙ୍କ ସହଯୋଗ କ୍ରମେ ଏହି ସଫଳତା ମିଳିଛି ବୋଲି ଏସ୍‌ପି ଅଲେଖ ଚନ୍ଦ୍ର ପହି କହିଛନ୍ତି। ନୟାଗଡ଼ ଜିଲା ପୋଲିସ ୬୬.୦୬ ପ୍ରତିଶତ ମାର୍କ ପାଇଛି । ଗତ ମାସରେ ଗଞ୍ଜାମ ଜିଲା ପ୍ରଥମରେ ଥିବାବେଳେ ନୟାଗଡ଼ ପୋଲିସ ଚତୁର୍ଥ ସ୍ଥାନରେ ଥିଲା। ଚଳିତ ମାସରେ ପ୍ରଥମ ସ୍ଥାନକୁ ନୟାଗଡ ଆସିଥିବା ବେଳେ ଗଞ୍ଜାମ ୩ୟ ସ୍ଥାନକୁ ଯାଇଛି। ୨ୟ ସ୍ଥାନରେ ଭଦ୍ରକ, ୪ର୍ଥ ସ୍ଥାନରେ ମୟୁରଭଞ୍ଜ ଓ ୫ମରେ ଝାରସୁଗୁଡ଼ା ରହିଛି ।

**ବ୍ୟାଙ୍କ ଅଫ୍ ଇଣ୍ଡିଆ** — बैंक ऑफ़ इंडिया Bank of India BOI
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍** ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଣୀହାଟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ରାଣୀହାଟ ଶାଖା/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଭୋଲେଶଙ୍କର ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରିୟବ୍ରତ ଦାସ, ପିତା: ହରେକୃଷ୍ଣ ଦାସ, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବଜ୍ରକବାଟି ରୋଡ୍, କଟକ-୭୫୩୦୦୧ / ଜାମିନଦାର: ଶ୍ରୀ ଦେବବ୍ରତ ଦାସ, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବଜ୍ରକବାଟି ରୋଡ୍, କଟକ | ଟ.୧୫,୪୯,୭୩୭.୦୨ +ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୯.୦୯.୨୦୨୨ / ୨୦.୦୨.୨୦୨୩ | ଶ୍ରୀ ଦେବବ୍ରତ ଦାସ ଏବଂ ଶ୍ରୀ ପ୍ରିୟବ୍ରତ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୦୫/୯୫୭, ପ୍ଲଟ୍ ନଂ.: ୧୭୭୯/୩୮୩୬, ଅନୁରୂପ ହାଲ ଖାତା ନଂ.: ୩୫୫, ପ୍ଲଟ୍ ନଂ.: ୧୭୭୯, ଅନୁରୂପ ସାବକ ଖାତା ନଂ.: ୧୦୭୯, ପ୍ଲଟ୍ ନଂ.: ୨୬୮୦, କିସମ: ଘରବାରୀ-୨, ତଳ ମହଲା, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବଜ୍ରକବାଟି ରୋଡ୍, ସାମନ୍ତ ସାହି, ତହସିଲ: କଟକ ନଂ.: ୨୨୩, ଥାନା: ପୁରୀଘାଟ, ଥାନା ନଂ.: ୨, ହାଲ ମୌଜା: କଟକ ସହର ୟୁନିଟ-୨୩, ସାମନ୍ତ ସାହି, ଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଫ୍ଲାଟର ବିଲ୍ଟଅପ୍ ଏରିଆ: ୧୧୨୦ବର୍ଗଫୁଟ, ଜମିର ଅବିଭକ୍ତ ଅନୁପାତର କ୍ଷେତ୍ର: ଏକର୦.୦୧୪ଡିସିମିଲି, (୩ବିଏଚ୍‌କେ ଫ୍ଲାଟ ତଳ ମହଲା), ଏହାର ଚାରିପାର୍ଶ୍ୱରେ-ଉତ୍ତର: ରାସ୍ତା, ଦକ୍ଷିଣ: ଜ୍ୟୋତ୍ସ୍ନା ମିତ୍ର ଏବଂ ଅନ୍ୟମାନେ (ପ୍ଲଟ୍ ନଂ.: ୧୭୭୯ଅଂଶ), ପୂର୍ବ: ତ୍ରିଲୋଚନ ମଲ୍ଲିକ, ପଶ୍ଚିମ: ସୁକୁଲତା ସାହୁ ଏବଂ ଭିକାରୀ ଚରଣ ନାୟକ |

ତାରିଖ : ୨୩.୦୨.୨୦୨୩, ସ୍ଥାନ : ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**ବ୍ୟାଙ୍କ ଅଫ୍ ଇଣ୍ଡିଆ** — ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡି, ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର-୧୫
**ଦଖଲ ବିଜ୍ଞପ୍ତି** ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର[ରୁଲ୍-୮(୧)]

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୧୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡିକ **ଦଖଲକୁ** ନିଆଯାଇଛି। ତେଣୁ ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭିଏସ୍‌ଏସ୍ ନଗର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଭିଏସ୍‌ଏସ୍‌ଏସ୍ ନଗର ଶାଖା / ଋଣଗ୍ରହୀତା: ଶ୍ରୀ ରାଜୀବ କୁମାର ରାଉତ, ପିତା: ଶତ୍ରୁଘ୍ନ ରାଉତ, ସା/ପୋ: ବାହାଙ୍ଗା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୨ | ତା.୦୬.୦୨.୨୦୨୨ ସୁଦ୍ଧା ଟ.୨୦,୫୯,୩୭୮.୦୬ + ସେବାବଦ ସୁଧ ଏବଂ ତତ୍‌ପରବର୍ତ୍ତୀ ଖର୍ଚ୍ଚ | ୧୩.୧୨.୨୦୨୨ / ୨୦.୦୨.୨୦୨୩ | ଶ୍ରୀ ରାଜୀବ କୁମାର ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୧୩/୨୨୨୬, ପ୍ଲଟ୍ ନଂ.: ୬୫୦/୬୧୬୩ (୦.୦୧୪ ଡିସିମିଲି) ଏବଂ ୬୪୯/୬୧୬୨ (୦.୦୧୩ ଡିସିମିଲି), ସମୁଦାୟ କ୍ଷେତ୍ର: ୦.୦୨୭ ଡିସିମିଲି, କିସମ: ଘରବାରୀ, ମୌଜା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଏସ୍‌ଆର୍‌ଓ: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୬୪୯ (ଅଂଶ) ଏବଂ ପ୍ଲଟ୍ ନଂ.: ୬୫୦ (ଅଂଶ), ପୂର୍ବ: ପ୍ଲଟ୍ ନଂ.: ୬୪୯ (ଅଂଶ) ଏବଂ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୫୦ (ଅଂଶ) |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୩.୦୨.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**PARADIP PORT AUTHORITY**
e-TENDER CALL NOTICE
No: CE/HW-II-W-01-23/44 Dt.17.02.2023
Name of the work: **Construction of South Breakwater Extension, Groynes and Breakwater Toe Protection Wall at Paradip Port.**
Estimated cost: **Rs.508.52 Crores.**
Last Date & time of submission: **29.04.2023 upto 17:15 Hrs.**
Refer our website for details : eprocure.gov.in/eprocure/app.
**Executive Engineer, HWD-II, PPA**
PPA/PR/225/2022-2023 dtd.22.02.2023

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
Bid identification no:- VI-45(07)/SERIFED/2022-23/299 Date: 23.02.2023

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 01 no of the work at Khirachora Gopinath Temple Road, Remuna, Balasore. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 28.02.2023 to 17.00 hours up to dt. 11.03.2023**. Online bids shall be received **till 17.00 hours dt. 11.03.2023** & shall be opened **at 11.30 AM on Dt. 13.03.2023**. Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

कार्यपालक अभियंता का कार्यालय पेयजल एवं स्वच्छता प्रमंडल, मेदिनीनगर
ई–प्रोक्योरमेंट अल्पकालीन निविदा आमंत्रण सूचना
(1th Call)

निविदा सूचना संख्या – **DWSD/SVS (JJM)/Med-36/2022-23** दिनांक 22.02.2023

| Sl.No. | Name of Work / Group No. | No. of Schemes | Estimated Cost (Rs.) | Bid Security (Rs.) | Cost of BOQ (Rs.) | Time of Completion |
|---|---|---|---|---|---|---|
| 1 | केन्द्र प्रायोजित योजना "जल जीवन मिशन" के अन्तर्गत :– Construction of Rural Pipe Water Scheme through DT/ HYDT/GPT (Solar Based) 01/2.0 H.P. D.C Motor Pump complete set for different tolas of concern villages which is not included in MVS and has no electricity or less electricity to supply water 2000 LPH maximum at least 15/30 year for 24x7 supply with 100% coverage by Tap water Facility under JJM for the year 2022-23. | | | | | |
| (i) | **Kachan group** of svs scheme under Panchayat Ramgarh, Block Ramgarh **(Group No. 01)** | 14 | 14837141.00 | 297000.00 | 10000.00 | 06 Month |
| (ii) | **Karma group** of svs scheme under Panchayat Dhawadih, Block Satbarwa **(Group No. 02)** | 14 | 15157809.00 | 304000.00 | 10000.00 | 06 Month |
| (iii) | **Ramgarh group** of svs scheme under Panchayat **Ramgarh**, Block Ramgarh **(Group No. 03)** | 20 | 19240186.00 | 385000.00 | 10000.00 | 06 Month |
| (iv) | **Nimiya group** of svs scheme under Panchayat **Guri**, Block Bishrampur **(Group No. 04)** | 11 | 11454623.00 | 230000.00 | 10000.00 | 06 Month |
| (v) | **Baghi group** of svs scheme under Panchayat **Uldanda**, Block Ramgarh **(Group No. 05)** | 10 | 11576843.00 | 232000.00 | 10000.00 | 06 Month |
| (vi) | **Rewaratu group** of svs scheme under Panchayat **Rewaratu**, Block Satbarwa **(Group No. 06)** | 11 | 14868830.00 | 298000.00 | 10000.00 | 06 Month |
| (vii) | **Guri group** of svs scheme under Panchayat **Guri**, Block Bishrampur **(Group No. 07)** | 12 | 11647885.00 | 233000.00 | 10000.00 | 06 Month |
| (viii) | **Sarja group** of svs scheme under Panchayat **Ramgarh**, Block Ramgarh **(Group No. 08)** | 9 | 9682785.00 | 194000.00 | 10000.00 | 03 Month |
| | **Total :-** | **101 Nos.** | | | | |
| 2 | Date & time of Tender Uploading on Website | **28.02.2023 / 12.30 P.M.** | | | | |
| 3 | Date & time of Document Download start date | **28.02.2023 / 12.35 P.M.** | | | | |
| 4 | Last date & time of Bid Submission | **10.03.2023 / 05.00 P.M.** | | | | |
| 5 | Last date time of Submission Cost of BOQ and EMD (in Hard Copy) | **11.03.2023 / 05.00 P.M.** 1. Office of the Superintending Engineer, DW&S Circle, Medininagar 2. Office of the Executive Engineer, DW&S Division, Medininagar | | | | |
| 6 | Date & time of Opening Tender | **13.03.2023 / 04.00 P.M.** | | | | |
| 7 | Name & Address of Office inviting tender | Executive Engineer, DW&S Division, Medininagar | | | | |
| 8 | Name & Address of Tender Opening officer | Executive Engineer, DW&S Division, Medininagar | | | | |
| 9 | Contact No. of Procurement office | 9835068475 | | | | |
| 10 | Help No. of e-Procurement Cell | 0651-2490920 | | | | |

नोटः– 1. विभागीय स्वीकृत्यादेश सं0–231 (स्वी0) रांची, दिनांक 14.02.2023
2. निविदा की प्राक्कलित राशि घट–बढ़ सकती है। तत्पश्चात अग्रधन की राशि देय मान्य होगा।
विस्तृत जानकारी हेतु वेबसाइट http://jharkhandtenders.gov.in पर देखा जा सकता है।

कार्यपालक अभियंता,
पेयजल एवं स्वच्छता प्रमंडल, मेदिनीनगर।
PR 291087 Drinking Water and Sanitation(22-23)D

# ମଶା ଉତ୍ପାତରେ ସହରବାସୀ ଅତିଷ୍ଠ

**ସଂକ୍ଷେପରେ**

## ଆମେ ବିପଦରେ ସାଥୀ ପକ୍ଷରୁ ବଳକା ଖାଦ୍ୟ ବଣ୍ଟନ

ପାଣିକୋଇଲି,୨୩।୨(ଡି.ଏନ.ଏ.): ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦରେ ସାଥୀ ପକ୍ଷରୁ ବଳକା ଖାଦ୍ୟ ବଣ୍ଟନ କରାଯାଇଛି। ପାଣିକୋଇଲିର ଏକ ବ୍ରତ ଘର ଭୋଜିରେ ପ୍ରାୟ ୨ଶହ ଲୋକଙ୍କ ଖାଦ୍ୟ ବଳି ଯାଇଥିଲା। ଏନେଇ ଭୋଜି କରିଥିବା ବ୍ୟକ୍ତି ଆମେ ବିପଦରେ ସାଥିଙ୍କୁ ସୂଚନା ଦେବା ପରେ ସଦସ୍ୟମାନେ ସେଠାରେ ଉପସ୍ଥିତ ରହି ଖାଦ୍ୟ ଆଣିଥିଲେ। ଏହାକୁ ପଥରପଦା ବେଙ୍ଗା ଆଦିବାସୀ ସାହି ଓ କଲେଜ ପାଖ ଆଦିବାସୀ ସାହିରେ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବାସ ଧଳ, ମନମୋହନ ବାରିକ, ତାରିଣୀ ପଟ୍ଟନାୟକ, ଅଶୋକ ବେହେରା, ରବୀନ୍ଦ୍ର ବେହେରା, ତପନ ମହାନ୍ତି, ବାଦଲ ନାୟକ, ଗୋଲକ ବିହାରୀ ପରିଡ଼ା, ଦୀପ୍ତିରଞ୍ଜନ ପରିଡ଼ା, ସତ୍ୟବ୍ରତ ପଣ୍ଡା, ସତ୍ୟ ବାରିକ ଓ ସଞ୍ଜୟ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଯାଜପୁର ରୋଡ,୨୩।୨(ଡି.ଏନ.ଏ.)



ବ୍ୟାସନଗର ଡାକବଙ୍ଗଳା ଛକ ନିକଟ ପରିବା ମାର୍କେଟ ପାଖର ଦୃଶ୍ୟ।

■ ମହଙ୍ଗା ପଡିଲା ଘରୋଇ ସଂସ୍ଥାକୁ ସମ୍ପ୍ରସାରଣ
■ ଏନ୍‌ଜିଟି ଫାଶରେ ପଡିବାର ସମ୍ଭାବନା
■ ବ୍ୟାସନଗର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଘରୋଇକରଣ ହେଲେ ପରିମଳ ବ୍ୟବସ୍ଥା ସୁଧୁରିବ ବୋଲି ବ୍ୟାସନଗର ପୌରାଞ୍ଚଳବାସୀ ବହୁତ ଆଶା ରଖିଥିଲେ । ହେଲେ ଗତ କିଛି ମାସ ହେଲା ସବ୍ୟସାଚୀ ମହାକୁଡ ନାମକ ଏକ ଘରୋଇ ସଂସ୍ଥାକୁ ସଫେଇ ଦାୟିତ୍ୱ ସମ୍ପ୍ରସାରଣ କରିବା ପରେ ବ୍ୟାସନଗର ପୌର କର୍ତ୍ତୃପକ୍ଷ ମହରଗରୁ ଯାଇ କାନ୍ତାରରେ ପଡିଛନ୍ତି । ସହରର ବିଭିନ୍ନ ସ୍ଥାନରେ ବହୁଦିନ ଧରି ଆବର୍ଜନା ଉଠୁନାହିଁ। ଆବଶ୍ୟତାଠାରୁ ଅଧିକ ହୋଲଡିଂ ଟ୍ୟାକ୍ସ ଆଦାୟ କରାଯାଉଥିଲେ ହେଁ ମଶା ନିୟନ୍ତ୍ରଣ କରିବାରେ ପୌର କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ଯଦ୍ୱାରା କଠିନ ବର୍ଜ୍ୟବସ୍ତୁର ସଠିକ ପରିଚାଳନା କରି ନ ପାରିବା ଅଭିଯୋଗରେ ଏହି ପୌରାଞ୍ଚଳ ଖୁବ୍‌ଶୀଘ୍ର ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି)ର ଫାଶରେ ପଡିବାର ସମ୍ଭାବନା ସୃଷ୍ଟି କରିଛି।

ଏନ୍‌ଜିଟି ପକ୍ଷରୁ କୌଣସି ବର୍ଜ୍ୟବସ୍ତୁକୁ ଖୋଲା ସ୍ଥାନ ପକାଇବା ଏବଂ ଆବର୍ଜନା ସ୍ଥାନରେ ଜଳାଇବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଏହାର ଖିଲାପ ଦୃଷ୍ଟିଗୋଚର ହେଲେ ଖିଲାପକାରୀଙ୍କଠାରୁ ପରିବେଶୀୟ କ୍ଷତିପୂରଣ ବାବଦରେ ଜରିମାନା ସ୍ୱରୂପ ୫ ହଜାର ଟଙ୍କା ଓ ସମୂହ ଆବର୍ଜନା ଜଳାଇଲେ ୨୫ ହଜାର ଟଙ୍କା ଭୂ-ରାଜସ୍ୱ ଆକାରରେ ଆଇନ ଅନୁଯାୟୀ ଆଦାୟ କରାଯିବ । କିନ୍ତୁ ଯାଜପୁର ଜିଲାର ବ୍ୟାସନଗର ପୌରପରିଷଦ ଏହି ନିର୍ଦ୍ଦେଶକୁ ଅବମାନନା କରି ଚାଲିଛନ୍ତି। ଫଳରେ ଡ୍ରେନେଜ ଓ ପରିବେଶ ସମସ୍ୟାରେ ବ୍ୟାସନଗର ସହରବାସୀ ରୁନ୍ଧି ହେଉଛନ୍ତି । ଦେଶରେ ବ୍ୟବସ୍ଥାଗତ ଦୃଷ୍ଟିରୁ ପୌରାଞ୍ଚଳକୁ ପ୍ରଶାସନିକ ବ୍ୟବସ୍ଥାରୁ ମୁକ୍ତ କରାଯାଇଛି । ସହରବାସୀଙ୍କ ମତଦାନରେ କାଉନସିଲ ଓ ଅଧ୍ୟକ୍ଷ ନିର୍ବାଚିତ ହେଉଛନ୍ତି । ଯଦ୍ୱାରା ସେମାନେ ନିଜ ଅଞ୍ଚଳର ବିକାଶର ପରିଭାଷା ନିଜେ ସ୍ପଷ୍ଟ କରି ତାଙ୍କ ସହରକୁ ଆହୁରି ବିକାଶମୁଖର କରି ପାରିବେ। କିନ୍ତୁ ବ୍ୟାସନଗର ପୌରପରିଷଦ ଅଞ୍ଚଳରେ ବିକାଶର ଗତି ଓଲଟା ହୋଇଯାଇଛି। ପଦବୀ ଲୋଭରେ ସହରର ବିକାଶ ପ୍ରକ୍ରିୟାକୁ ପରାହତ କରିଛି । ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଆସୁଥିବା ଅନୁଦାନ ଠିକ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଲୋକଙ୍କ ଆଶା ଭରସାକୁ ନିଜ ସ୍ୱାର୍ଥରେ ଅଧିକ ନିୟୋଜିତ କରାଯାଉଛି । ଜନପ୍ରତିନିଧିମାନଙ୍କ ପାରିବାପଣିଆ ଓ ବିକାଶର ଦୃଷ୍ଟିଭଙ୍ଗୀ ଅଭାବରୁ ମୁଖ୍ୟମନ୍ତ୍ରୀଙ୍କ ମହତ୍ୱାକାଂକ୍ଷୀ ଯୋଜନାଗୁଡିକ ସଫଳ ହେଉନାହିଁ ବୋଲି ମତପ୍ରକାଶ ପାଉଛି। ଏହିକ୍ରମରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସରକାର ଅଧିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ଗତ ୨ ମାସ ହେବ ଅଭିଜ୍ଞ ସମ୍ପନ୍ନ ସଫେଇ ସଂସ୍ଥା ମହାକୁଡକୁ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ଯେଉଁ ସଫେଇ ପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା ସେଥିପାଇଁ ଏବେ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ରାସ୍ତାକଡରୁ ମଇଳା, ଡ୍ରେନ ଆଦୌ ସଫା ହେଉ ନ ଥିବାରୁ ମଶାଙ୍କ ଉତ୍ପାତ ଚରମସୀମାରେ ପହଞ୍ଚିଛି । କୌଣସି ମଶାମରା ଔଷଧ କାମରେ ଲାଗୁନାହିଁ। ପ୍ରାୟ ୬ ମାସ ହେବ ସହରର ଅଧିକାଂଶ ଡ୍ରେନ ସଫା ହୋଇନାହିଁ । ଡ୍ରେନରେ ଆବଶ୍ୟକ ମଶାତେଲ ସିଞ୍ଚନ କରାଯାଉ ନାହିଁ । ଏଥିପାଇଁ ଆସୁଥିବା ଅନୁଦାନକୁ ଠିକାସଂସ୍ଥା ଓ ପୌର କର୍ତ୍ତୃପକ୍ଷ ମିଳିମିଶି ଚଳୁ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ବାସ୍ତବରେ ମାସିକ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ କିଛି ପୌର ଅଧିକାରୀଙ୍କୁ ହାତକରି ଏହାର ୨ ଗୁଣ ବିଲ ଦାଖଲ କରାଯାଉଛି । ଯାହାକି ତଦନ୍ତ ସାପେକ୍ଷ ବୋଲି ସହରବାସୀ ଦାବି କରୁଛନ୍ତି ।

ଚୁକ୍ତି ଅନୁସାରେ ସଫେଇ କରିବାକୁ ବିଭିନ୍ନ ସର୍ତ୍ତ ରଖାଯାଇଛି। କିନ୍ତୁ କୌଣସି ତଦନ୍ତ ହେଉ ନ ଥିବାରୁ ସଂପୃକ୍ତ ଠିକାସଂସ୍ଥା ନିଜର ମନମାନି କରୁଥିବା ଚର୍ଚ୍ଚା ହେଉଛି। ଫଳରେ ସହରର ପରିମଳ ବ୍ୟବସ୍ଥା ଦିନକୁ ଦିନ ଭୁଶୁଡିବାରେ ଲାଗିଛି । ସହରର ସମସ୍ତ ଡ୍ରେନକୁ ଦେଖିଲେ ଆବର୍ଜନାରେ ପରିପୂର୍ଣ୍ଣ ରହିଛି । ଏଥିପାଇଁ ଡ୍ରେନରୁ ବର୍ଜ୍ୟପାଣି ଠିକ ଭାବେ ନିର୍ଗତ ହୋଇ ପାରୁନାହିଁ । ସଫେଇ କର୍ମଚାରୀ ଓ ଶ୍ରମିକମାନଙ୍କ ଉପସ୍ଥିତି ପାଇଁ ବାୟୋମେଟ୍ରିକ ମେଶିନ ସ୍ଥାପନ କରାଯାଇଛି। କିନ୍ତୁ ଏବେ ତାହା ବାଧ୍ୟତାମୂଳକ ହେଉ ନ ଥିବାରୁ ମନଇଚ୍ଛା ଶ୍ରମିକଙ୍କ ଉପସ୍ଥାନ ଦର୍ଶାଯାଇ ବିପୁଳ ଅର୍ଥ ହରିଲୁଟ କରାଯାଉଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ବିକ୍ରମ କୁମାର ମଲ୍ଲିକଙ୍କ ମତାମତ ନେବାକୁ ଗୁରୁବାର ତାଙ୍କୁ ଫୋନ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ଆଇନମନ୍ତ୍ରୀଙ୍କୁ ଦାବି ଜଣାଇଲା ଚଣ୍ଡିଖୋଲ ଓକିଲ ସଂଘ

ଚଣ୍ଡିଖୋଲ,୨୩।୨(ଡି.ଏନ.ଏ.): ଯାଜପୁର ଜିଲାର ଚଣ୍ଡିଖୋଲଠାରେ ପ୍ରସ୍ତାବିତ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଶୀଘ୍ର ଖୋଲିବା ଓ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ବଡ଼ଚଣାର ଆଇନଜୀବୀମାନଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି ହୋଇଛି। ଏନେଇ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ଭୁବନେଶ୍ୱରଠାରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ବୁଧବାର ସାକ୍ଷାତ କରି ଦାବି ଜଣାଇଛନ୍ତି। ଦୀର୍ଘଦିନ ହେବ ଚଣ୍ଡିଖୋଲରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ସହିତ ଅନ୍ୟ ୨ କୋର୍ଟ ଖୋଲିବା ପାଇଁ ପ୍ରସ୍ତାବ ପାରିତ ହୋଇ ସାରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବାରୁ ଆଇନଜୀବୀମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସରକାରଙ୍କ ପକ୍ଷରୁ ଘୋଷିତ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ବଡ଼ଚଣା ବ୍ଲକର ଆଇନଜୀବୀମାନେ ନିଯୁକ୍ତି ପାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଶୀଘ୍ର ସ୍ଥାନୀୟ ଆଇନଜୀବୀଙ୍କୁ ସେଠାରେ ନିଯୁକ୍ତି ଦେବା ପାଇଁ ବାର କର୍ମକର୍ତ୍ତା ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। କର୍ମକର୍ତ୍ତା ଅନୁରୂପ ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ଭେଟି ଏହି ଦାବି ଜଣାଇବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଛନ୍ତି। ବାର୍ ଆସୋସିଏଶନ ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଇନମନ୍ତ୍ରୀ ଓ ବିଧାୟକଙ୍କୁ ସାକ୍ଷାତ କରିଥିଲେ।



ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତା ମନ୍ତ୍ରୀଙ୍କୁ ଭେଟୁଛନ୍ତି।

## ଲୋକଙ୍କ ସମସ୍ୟା ଶୁଣିଲେ ବ୍ଲକ୍ ଅଧ୍ୟକ୍ଷ



ବ୍ଲକ ଅଧ୍ୟକ୍ଷ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଜେନାପୁର,୨୩।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଗୁରୁବାର ବ୍ଲକ୍ ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ ପରିଦର୍ଶନ କରି ଲୋକଙ୍କ ସମସ୍ୟା ଶୁଣିଛନ୍ତି। ସେ ପଞ୍ଚାୟତର ସମସ୍ତ ଗ୍ରାମ ପରିଦର୍ଶନ କରି ଜନସାଧାରଣଙ୍କ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ପ୍ରଥମେ ଶଙ୍ଖ ଗ୍ରାମରେ ପହଞ୍ଚିବା ପରେ ପଞ୍ଚାୟତ ତରଫରୁ ତାଙ୍କୁ ପାଛୋଟି ନିଆଯାଇଥିଲା। ପରେ ସେ ଗ୍ରାମରେ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ପଞ୍ଚାୟତର ହାମଜାପୁର, ରାଧାଦେଇପୁର, ପଟୁଣିଆ, ନଛିପୁର, କୂଳନରସିଂହପୁର, ଡିହନରସିଂହପୁର ଓ ଜେମାଦେଇପୁର ଆଦି ବିଭିନ୍ନ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପଞ୍ଚାୟତର ନଛିପୁର ଗ୍ରାମରେ ନିର୍ମାଣ ହେଉଥିବା ଖେଳ ପଡ଼ିଆ, ଶଙ୍ଖ ଗ୍ରାମରେ ନିର୍ମାଣ ହେଉଥିବା କଲ୍ୟାଣ ମଣ୍ଡପ ଓ ଶଗଡିଆ ନାଳ ଉପରେ ନିର୍ମାଣ ହେଉଥିବା ସେତୁ କାର୍ଯ୍ୟ ବୁଲି ଦେଖିଥିଲେ। ବିଭିନ୍ନ ଗ୍ରାମର ନଦୀ ଓ ନାଳରେ ଗାଧୁଆ ତୁଠ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବିଷୟରେ ଲୋକେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଛିପୁର ପ୍ରାଥମିକ ବିଦ୍ୟାଳୟ ତରଫରୁ ବ୍ଲକ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ଆବଶ୍ୟକ କାର୍ଯ୍ୟ ବିଷୟରେ ପରିଚାଳନା କମିଟି ଓ ଗ୍ରାମବାସୀ ଅବଗତ କରାଇଥିଲେ। ଅଧ୍ୟକ୍ଷଙ୍କ ଏହି ପରିଦର୍ଶନ ସମୟରେ ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ପଟୁଣିଆ ସରପଞ୍ଚ ବୈଶାଳୀ ରାଉତ, ସମିତିସଭ୍ୟ ଦୀପ୍ତିରଞ୍ଜନ ସାମଲ, ପଞ୍ଚାୟତ ବିଜେଡି ସଭାପତି ଅକ୍ଷୟ ଗନ୍ତାୟତ, ୧୫ନଂ. ଜୋନ ସଂଯୋଜକ ଅମରେନ୍ଦ୍ର ରାୟ, ପଞ୍ଚାୟତ ଯୁବ ସଭାପତି ଉମାକାନ୍ତ ରାଉତ, ଛାତ୍ର ସଭାପତି ସୁଶୀଲ ଗନ୍ତାୟତ, ଯୁବନେତା ସୁଶାନ୍ତ ନାୟକ, ଅଭୟ ସାମଲ, ସଞ୍ଜୀବ ଦଳାଇ, ରଞ୍ଜିତ ନାୟକ, ଜିଲା ଛାତ୍ର ସଂଯୋଜକ ଶକ୍ତିକାନ୍ତ ବଳ, ବରିଷ୍ଠ ବିଜେଡି ନେତା ତୀର୍ଥରଞ୍ଜନ ନାୟକ ଓ ବାସୁଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାବା ଭୈରାବନନ୍ଦ କଲେଜ ଛାତ୍ରୀ ନିବାସ ବନ୍ଦ

**ଭୂତଳ ଜଳ ପ୍ରଦୂଷିତ ଆଶଙ୍କା, ଜଣ୍ଡିସ ସଂକ୍ରମଣ ଅଣାୟତ୍ତ**

ଯାଜପୁର ଅଫିସ,୨୩।୨: ଚଣ୍ଡିଖୋଲର ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ନିବାସର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଓ ରୋଷେୟା ଇତିମଧ୍ୟରେ ଜଣ୍ଡିସ ରୋଗରେ ପୀଡ଼ିତ ହୋଇଛନ୍ତି। ତନ୍ମଧ୍ୟରୁ କେତେକ ଛାତ୍ରୀ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହେବା କାରଣରୁ ପରୀକ୍ଷା ଦେବାରୁ ବଞ୍ଚିତ ହେଲେଣି। ଭୂତଳ ଜଳ ପ୍ରଦୂଷିତ ହେବା କାରଣରୁ ଜଣ୍ଡିସ ବ୍ୟାପୁଥିବା ଅନୁମାନ କରାଯାଉଛି। ଏହି ଛାତ୍ରୀ ନିବାସରେ ପାଖାପାଖି ୨୯୦ ଛାତ୍ରୀ ରହୁଥିବା ବେଳେ ଦିନକୁ ଦିନ ଜଣ୍ଡିସ ବ୍ୟାପୁଥିବା ସ୍ଥିତିକୁ ଦେଖି ଶେଷରେ ଛାତ୍ରୀ ନିବାସକୁ ବୁଧବାରଠାରୁ ବନ୍ଦ କରାଯାଇ ଛାତ୍ରୀଙ୍କୁ ଘରକୁ ପଠାଇ ଦିଆଯାଇଛି। ଆକ୍ରାନ୍ତ ଛାତ୍ରୀମାନଙ୍କୁ ନେଇ ସେମାନଙ୍କ ଅଭିଭାବକ ଚିନ୍ତାରେ ପଡ଼ିଥିବାବେଳେ ଦୂର ଦୂରନ୍ତରୁ ଆସି ହଷ୍ଟେଲରେ ରହି ସମ୍ପୃକ୍ତ କଲେଜରେ ପାଠ ପଢୁଥିବା ଛାତ୍ରୀମାନେ ଏବେ ଶ୍ରେଣୀଗୃହ ପାଠ ପଢ଼ାରୁ ବଞ୍ଚିତ ହୋଇଛନ୍ତି। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପରିଚାଳନା କମିଟି ଏଭଳି ପରିସ୍ଥିତିରେ ବି ଉଦାସୀନ ରହି ଆସିଥିବା ପରିଲକ୍ଷିତ ହୋଇଛି।

କର୍ତ୍ତୃପକ୍ଷ ୩ ସପ୍ତାହ ତଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଚିଠି ଲେଖି ତାହାର ନକଲ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ପଠାଇ ନିଜ କର୍ତ୍ତବ୍ୟକୁ ସୀମିତ ରଖିଛନ୍ତି। ଜିଲା ଜଳ ଓ ପରିମଳ ବିଭାଗ ସ୍ଥାନୀୟ ଅଞ୍ଚଳରୁ ଜଳ ନମୁନା ସଂଗ୍ରହ କରିବା ପରେ ତାହାକୁ ପରୀକ୍ଷା କରି ରିପୋର୍ଟ ଦେଇଛି। ଉକ୍ତ ରିପୋର୍ଟରେ କେବଳ ଗୋଟିଏ ବୋରିଂର ଜଳରେ ଅଧିକ ମାତ୍ରାରେ ଆଇରନ, ଫ୍ଲୋରାଇଡ ଓ ମାଟି ଅଂଶ ରହୁଥିବା ଯୋଗୁ ସେହି ଜଳ ପାନୀୟ ଉପଯୋଗୀ ନୁହେଁ। କିନ୍ତୁ ଟାଟା ଷ୍ଟିଲ ଲାବୋରେଟୋରୀରେ ହୋଇଥିବା ଅନ୍ୟ ଜଳ ନମୁନା ପରୀକ୍ଷାରେ ସେଠାରେ ବ୍ୟବହୃତ ହେଉଥିବା ସବୁ ବୋରିଂର ଜଳ ଦୂଷିତ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଆୟୁଷ ଡାକ୍ତର ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରି ପାଣି ଟାଙ୍କି ଓ ବୋରିଂରେ ବ୍ଲିଚିଂ ସିଞ୍ଚନ କାମ ସାରି ଫେରିବା ବ୍ୟତୀତ ଆଉ ଅଧିକ କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କେବଳ ଏହି କଲେଜ ଛାତ୍ରୀ ନିବାସ ନୁହେଁ ନିକଟ ରାଣୀବନ୍ଧ ମୌଜାରେ ଥିବା ଅନେକ ମେସଗୁଡ଼ିକର ଅନ୍ତେବାସୀ ମଧ୍ୟ ଜଣ୍ଡିସ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଅଞ୍ଚଳର ଭୂତଳ ଜଳ କୌଣସି କାରଣରୁ ଦୂଷିତ ହୋଇଥିବା ଯୋଗୁ ଏଠାରେ ଜଣ୍ଡିସ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସ୍ୱଚ୍ଛ ଭାରତ ମିଶନ ସଫଳ ପାଇଁ ପରାମର୍ଶ




ସ୍ୱଚ୍ଛ ଭାରତ ମିଶନ ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧି।

**ବ୍ୟକ୍ତିଗତ ଶୋଷକ ଖାତ, ଖତଗାଡ଼ିଆ ନିର୍ମାଣରେ ବାଧକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦେୟ**

ରସୁଲପୁର,୨୩।୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ସ୍ୱଚ୍ଛଭାରତ ମିଶନ ସଫଳ କରିବାକୁ ପରାମର୍ଶ ଦିଆଯାଇଛି। ହେଲେ ବ୍ୟକ୍ତିଗତ ଶୋଷକ ଖାତ, ଖତଗାଡ଼ିଆ ନିର୍ମାଣରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଦେୟ ବାଧକ ସାଜୁଛି। ଏକାଧିକ ମାସ ହେଲା ଶୋଷକ ଖାତ ଓ ଖତ ଗାଡିଆ ନିର୍ମାଣ ହୋଇସାରିଛି। ମାତ୍ର ହିତାଧିକାରୀଙ୍କୁ ଏ ବାବଦ ଅର୍ଥ ପୈଠ କରାଯାଇ ପାରୁନାହିଁ। ଫଳରେ ନୂଆ ହିତାଧିକାରୀଙ୍କୁ ଏହି କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରାଯାଇ ପାରୁନାହିଁ। ଏଭଳି ସ୍ଥିତିରେ ବ୍ୟକ୍ତିଗତ ଶୋଷକ ଖାତ ଓ ଖତଗାଡିଆ ନିର୍ମାଣରେ ଆଖିଦୃଶିଆ ସଫଳତା ମିଳି ପାରୁନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି।

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଡିଓ ଅବନିକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉକ୍ତ ଯୋଜନା ଜରିଆରେ ପଞ୍ଚାୟତକୁ ନିର୍ମଳ ପୁରସ୍କାର, ବାହ୍ୟ ମଳମୂତ୍ର ମୁକ୍ତ ପଞ୍ଚାୟତ ପୁରସ୍କାର ପାଇଁ ଉପଯୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଶତପ୍ରତିଶତ ଘରୋଇ ପାଇଖାନା ନିର୍ମାଣ, ସରକାରୀ ନଳକୂପ ସ୍ଥାନରେ ଶୋଷକ ଖାତ ଓ ପ୍ଲାଟଫର୍ମ ନିର୍ମାଣ, ଗୋଷ୍ଠୀ ଭିତ୍ତିକ ଖତ ଗାଡ଼ିଆ ନିର୍ମାଣ, ଘରୋଇ ପାଇଖାନା ସ୍ଥାନରେ ଅତିରିକ୍ତ ମଇଳା ଟାଙ୍କି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକୁ ତ୍ୱରିତ ଉପାୟରେ ଆରମ୍ଭ କରିବା ସହ ପ୍ରତ୍ୟେକ ଗାଁରେ ଶତପ୍ରତିଶତ ସଫଳତା ହାସଲ ଉପରେ ଲକ୍ଷ୍ୟ ରହିଛି। ୨୦୧୪ରୁ କାର୍ଯ୍ୟକାରୀ ହୋଇ ଆସୁଥିବା ଘରୋଇ ପାଇଖାନା ଯୋଜନାରେ ସାମିଲ ହିତାଧିକାରୀଙ୍କ ମଧ୍ୟରୁ କେଉଁମାନଙ୍କ ଏକକ ମଇଳା ଟାଙ୍କି ରହିଛି, ସେମାନଙ୍କୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ଅଗ୍ରାଧିକାର ଆଧାରରେ ଅତିରିକ୍ତ ପାଇଖାନା ଟାଙ୍କି ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଟାଙ୍କି ନିର୍ମାଣ ପାଇଁ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନରୁ ହିତାଧିକାରୀ ପିଛା ୩.୫ ହଜାର ଟଙ୍କା ଖର୍ଚ୍ଚ କରାଯାଇ ପାରିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ ଜେନା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛ ଭାରତ ମିଶନର ବ୍ଲକ ସମନ୍ୱୟ ସଂଯୋଜିକା ଅପର୍ଣ୍ଣା ମଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ବାବା ମୁକ୍ତେଶ୍ୱର କ୍ୟାସେଟ ଉନ୍ମୋଚିତ

ସିଂହପୁର,୨୩।୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ବିଲସାହି ଛୋଟାଗଡିର ପ୍ରସିଦ୍ଧ ଶୈବପୀଠ ବାବା ମୁକ୍ତେଶ୍ୱରଙ୍କ ପୀଠରେ ବାବା ମୁକ୍ତେଶ୍ୱର କ୍ୟାସେଟ ଉନ୍ମୋଚିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କ ନିର୍ଦ୍ଦେଶନାରେ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସ, ଅନ୍ନପୂର୍ଣ୍ଣା ବେହେରା ଗୀତ ରଚନା କରିଛନ୍ତି। କଣ୍ଠଶିଳ୍ପୀ ଶ୍ରୀଚରଣ, ମାନସୀ ପାତ୍ର, ଅରୁପମା ନାୟକ, ବିଜୟିନୀ ଦାସ, ବିଜୟ ଲକ୍ଷ୍ମୀ ଶତପଥୀ ଏଥିରେ କଣ୍ଠଦାନ କରିଛନ୍ତି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ସରପଞ୍ଚ ଜ୍ଞାନରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ଆଶାଲତା ନାୟକ, ମୀନକେତନ ପରିଡା, ଗନ୍ଧର୍ବ ଦାସ, ଦିଲୀପ ରାଉତ ପ୍ରମୁଖ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଥିଲେ।



## ନିର୍ମାଣର ମାସେ ନ ପୂରୁଣୁ ଉଠିଲା ପିଚୁ

**ବାଉଜଙ୍ଗ-ଧାଉଡ଼ିଆପଦା ଗ୍ରାମ୍ୟ ଉନ୍ନୟନ ରାସ୍ତା**



ଚଣ୍ଡଖୋଲ,୨୩।୨(ଡି.ଏନ.ଏ.): ଯାଜପୁର ଜିଲା ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନରେ ରହିଛି ବାଉଜଙ୍ଗ-ଧାଉଡ଼ିଆପଦା ରାସ୍ତା। ଏହି ରାସ୍ତା ନିର୍ମାଣ ଗତ ମାସରେ ସମ୍ପୂର୍ଣ୍ଣ ହୋଇଥିଲାବେଳେ ଏହାକୁ ମାସେ ନ ପୂରୁଣୁ ଏଥିରୁ ପିଚୁ ଉଠି ଯାଇଥିବା ଦେଖାଦେଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଧିବାସୀମାନେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରିଛନ୍ତି।

ଜାରକା ଡିଭିଜନ ଓ ଚଣ୍ଡିଖୋଲ ସବ୍‌ଡିଭିଜନ ଅଧୀନରେ ରହିଥିବା ବାଉଜଙ୍ଗ ଧାଉଡ଼ିଆପଦା ରାସ୍ତା କାର୍ଯ୍ୟ ୨୦୨୧ ମେ'୨୭ରେ ଆରମ୍ଭ ହୋଇଥିଲା। ବିଭାଗ ତରଫରୁ ଏହି ରାସ୍ତା ନିର୍ମାଣ ପାଇଁ ୩କୋଟି ୪୫ ଲକ୍ଷ ୧୭ହଜାର ୨୨୧ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ନିର୍ମାଣର ଶେଷ ଅବଧି ରହିଥିଲା ୨୦୨୨ ଏପ୍ରିଲ୍ ୨୬। ଏକ ବର୍ଷ ମଧ୍ୟରେ ରାସ୍ତା କାମ ଶେଷ କରିବାକୁ ଠିକାଦାର ପ୍ରିୟବ୍ରତ ସାମଲଙ୍କୁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅବଧି ସମୟ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେଲାନାହିଁ। ବାରମ୍ବାର ଅବଧି ସମୟ ବୃଦ୍ଧି କରାଯାଇ ଗତ ଜାନୁଆରୀରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହି ରାସ୍ତାର ୫ କି.ମି. ୫୦୦ ମିଟର ଲମ୍ବ ରହିଥିଲାବେଳେ ଏହାର ୧.୫ କିଲୋମିଟର କଂକ୍ରିଟ୍ ଓ ୪ କିଲୋମିଟର ପିଚୁ କରାଯିବ ବୋଲି ବରାଦ କରାଯାଇଥିଲା। ଯଦିଓ ରାସ୍ତାଟି କେନାଲ ଉପରିଭାଗରେ ଯାଇଛି ସେଥିପାଇଁ ଉଭୟ ପଟରେ ପାଚେରି ନିର୍ମାଣ କରିବାକୁ କୁହାଯାଇଥିଲା। ତେବେ ଏହି କାର୍ଯ୍ୟ ସମୟରେ ବିଭାଗୀୟ ନିର୍ଦ୍ଦେଶନାମାକୁ ଅନୁପାଳନ କରା ଯାଇନାହିଁ। ତେଣୁ ଖୁବ୍ କମ୍ ଦିନ ଭିତରେ ରାସ୍ତାର ଉଭୟ ପାର୍ଶ୍ୱ ଭୁଶୁଡ଼ି ଯିବା ଆଶଙ୍କା ସୃଷ୍ଟି ହୋଇଛି। ରାସ୍ତାରେ ଗତ ଜାନୁୟାରୀରେ ପିଚୁ କାର୍ଯ୍ୟ ଶେଷ କରାଯାଇଥିଲା। ଏହା ମଧ୍ୟରେ ମାତ୍ର ୨୦ ଦିନ ବିତିଛି। ହେଲେ ରାସ୍ତାରୁ ପିଚୁ ଉଠିଗଲାଣି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରତ୍ୟେକ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନିର୍ମାଣ ଆରମ୍ଭ ସମୟରେ ଫଳକ ଲଗାଯିବା କଥା। ମାତ୍ର ଏଠାରେ ଠିକାଦାର ଏହାକୁ ଅଣଦେଖା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଗ୍ରସ୍ତ ହୋଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡ଼ିନାହିଁ। କେବଳ ସେତିକି ନୁହେଁ ଏହି ରାସ୍ତାରେ ପ୍ରତ୍ୟେକ ବର୍ଷ ବିଭାଗ ତରଫରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ମାତ୍ର ଏତେ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ରାସ୍ତାର ଅବସ୍ଥା ସୁଧୁରି ନାହିଁ। ଏ ସମ୍ପର୍କରେ ବିଭାଗୀୟ ସହାକରୀ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ରାସ୍ତା ପରିଦର୍ଶନ କରିବା ପରେ ପରିସ୍ଥିତି ସମ୍ପର୍କରେ ମତ ଦେବେ। ଏବେ ଦେଖିବାକୁ ଅପେକ୍ଷା କେବେ ସେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

**ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୋ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା**

**ବାଲିକୁଦା,(ସ୍ୱ.ପ୍ର.):** ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀର ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ମୋ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଘୋଷଣା କରିଛନ୍ତି। ଯାହାକୁ ନେଇ ବାଲିକୁଦାବାସୀ ଖୁସିବ୍ୟକ୍ତ କରିଛନ୍ତି। ଦୀର୍ଘଦିନ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ଅଭାବ ଯୋଗୁ ଅବହେଳିତ ହୋଇ ରହିଥିବା ବେଳେ ମୋ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପରେ ଅଞ୍ଚଳବାସୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାକୁ ଆଶା ବାନ୍ଧିଛନ୍ତି। ସରକାରଙ୍କ ଏହି ଘୋଷଣା ପାଇଁ ଚିକିତ୍ସିତ ଅବସ୍ଥାରେ ବିଧାୟକ ରଘୁନନ୍ଦନ ଦାସ, ବାଲିକୁଦା ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ପ୍ରଧାନ, ଉପାଧକ୍ଷା ପ୍ରିୟମ୍ବଦା ପଲାଉରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଭାଇକୁ ଭାଇର ମାଡ଼

**ବାଲିକୁଦା,୨୩।୨(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ରାହାଣ ଗ୍ରାମରେ ପୂର୍ବରାଗ ରଖି ଜେଲ ଫେରନ୍ତା ଯୁଗୋଳ ସ୍ୱାଇଁ ସାଇ ଭିତର ଭାଇ ପ୍ରିୟତୋଷ ସ୍ୱାଇଁଙ୍କୁ ବୁଧବାର ବିଳମ୍ବିତ ରାତିରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରିୟତୋଷ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କଲା ପରେ ଦଫା ୩୪୧,୨୯୪, ୩୨୩, ୫୦୬ ଆଇପିସିରେ ନଂ. ୮୩/୨୩ ରେ ମାମଲା ରୁଜୁ ହୋଇଛି। ଖବରରୁ ପ୍ରକାଶ, ରାହାଣ ଗାଁର ପ୍ରିୟତୋଷଙ୍କ ସାହି ଭିତର ଭାଇ ହେଉଛନ୍ତି ଯୁଗୋଳ। କିଛିଦିନ ତଳେ ପ୍ରିୟଙ୍କ ଘରେ ଯୁଗଳ ନିଆଁ ଲଗାଇ ଦେଇଥିଲେ। ଯେଉଁଥିପାଇଁ ତାଙ୍କ ନାମରେ ମାମଲା ରୁଜୁ ହୋଇ ସେ ଜେଲ ଯାଇଥିଲେ। କିନ୍ତୁ ବୁଧବାର ବେଲରେ ଆସି ମୋତେ ଜେଲ ପଠାଇଲେ କ'ଣ ହେବ ସିଧା ସିଧା ଗଲି ଓ ଆସିଲି ବୋଲି କହିବା ସହ ଖରାପ ଭାଷାରେ ପ୍ରିୟଙ୍କୁ ଗାଳି ଗୁଲଜ କରିଥିଲେ। ପ୍ରିୟ ପ୍ରତିବାଦ କରିବାରୁ ଏକ ଠେଙ୍ଗା ସାହାଯ୍ୟରେ ବାଡେଇ ଥିଲେ। ପଡୋଶୀ ଚିତ୍ତ ରଞ୍ଜନ ସ୍ୱାଇଁ ପ୍ରତିବାଦ କରିବାରୁ ସେ ଘଟଣାସ୍ଥଳରୁ ଚାଲି ଯାଇଥିଲେ ବୋଲି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ ଅଭିଯୋଗ ପାଇ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଅନନ୍ତପୁର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି

**ବାଲିକୁଦା,୨୩।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ବ୍ରାହ୍ମଣଡିହି ଗାଁର ଅଭିରାମ ଦାସ କହିଛନ୍ତି, ପଞ୍ଚାୟତର ବହୁ ବେକାର ଯୁବକ କାମ ପାଇଁ ଚାହୁଁଥିଲେ ମଧ ମେଶନ ଓ ଟ୍ରାକ୍ଟର ଯୋଗେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରାଯାଉଛି। ଅନିୟମିତତା କାମରେ କେତେଜଣ ଦଲାଲ ଓ ପ୍ରଶାସନିକ ଅଧିକାରୀ ଲିପ୍ତ ରହି ଅର୍ଥ ଆତ୍ମସାତ କରୁଛନ୍ତି। ପଞ୍ଚାୟତର ଏହି ଯୋଜନାରେ ପ୍ରକଳ୍ପଗୁଡିକ ହେଲା ମାଳଗଡ କୋଚିଳେଇ ମନ୍ଦିର ବେଢାରେ ମାଟି ଫିଲିଂ, ଗୋପୀନାଥପୁର ସ୍କୁଲଠାରୁ ପଟାବନ୍ଧକୁ ରାସ୍ତା ନିର୍ମାଣ, ପଦ୍ମଲାଭପୁର ପୋଖରୀ ପୁନଉଦ୍ଧାର, ଅନନ୍ତପୁର ଶ୍ମଶାନଠାରୁ କେଉପଡା ଜଟାଧାରୀ ପେଲେଇ ପର୍ଯ୍ୟନ୍ତ ରାସ୍ତା, ଭୁଆଶୁଣି ଗ୍ରାମର ମହାବୀରଙ୍କ ପୋଖରୀ ପୁନରୁଦ୍ଧାର ଇତ୍ୟାଦି। ଏହି ପ୍ରକଳ୍ପ ମେଶିନ ଓ ଟ୍ରାକ୍ଟର ସାହଯ୍ୟରେ କରାଯାଇଥିବା ସେ ବାଲିକୁଦା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

### କ୍ରିକେଟ୍: ଫାଇନାଲରେ ୟୁନିଟ-୯ ଭୁବନେଶ୍ୱର

**କୁଜଙ୍ଗ,୨୩।୨(ଡି.ଏନ.ଏ.):** କୁଜଙ୍ଗ ଥାନା ବାଲିତୁଠ ପଞ୍ଚାୟତ ବଡବୁଦା ଗାଁଠାରେ ମା' ବରୁଣେଇ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଭୈରବ ଚରଣ ଦାସ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିଟ-୯ ଭୁବନେଶ୍ୱର, ଷ୍ଟାର-୧୧ ଜଗତ୍‌ସିଂହପୁରକୁ ଭେଟିଥିଲା। ୟୁନିଟ-୯ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୯୦ ରନ କରିଥିଲା। ଜବାବରେ ଷ୍ଟାର-୧୧ ଜଗତ୍‌ସିଂହପୁର ୧୫ ଓଭର ଖେଳି ୯ ଉଇକେଟ ବିନିମୟରେ ୧୫୯ରନ କରି ପରାସ୍ତ ହୋଇଛି। ବିଜୟୀ ଦଳର କାଳିଆନନା ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ତାପସ ବାରିକ, ସୁଧୀର ଜେନା ପରିଚାଳନା କରିଥିଲେ।

### ଜୈବିକ ପଦ୍ଧତିରେ କୃଷି ଉତ୍ପାଦନ ସମ୍ପର୍କରେ କର୍ମଶାଳା

**ତିର୍ତ୍ତୋଲ, ୨୩।୨ (ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର ଜୈବିକ ପଦ୍ଧତିରେ କୃଷି ଉତ୍ପାଦନ ସମ୍ପର୍କିରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲାର ୬୫ଜଣ ଅଗ୍ରଣୀ ମହିଳା କୃଷିଜୀବୀ ଉପସ୍ଥିତ ରହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଜୀବନଜିତ୍ ସେନ୍, ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ କୁମାର ମାଝି, ବୈଜ୍ଞାନିକ ଦେବାଶିଷ ପଣ୍ଡା ହର୍ଷ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଶିବୁ ପ୍ରସାଦ ସାମନ୍ତରାୟ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କର୍ମଶାଳାରେ ବିଭିନ୍ନ ଉପାଦେୟ ପ୍ରଶିକ୍ଷଣ ପ୍ରଦାନ ରହିଥିଲେ। ଏହି ଉପଲକ୍ଷେ ଶିବିରାର୍ଥୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଥିବା ଜିଆ ଖତ ପ୍ରକଳ୍ପ ସହ ଅନ୍ୟ ଜୈବିକ କୃଷି ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ଜଗତ୍‌ସିଂହପୁର ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ଘୋର ବିଳମ୍ବ

- ଶେଷ ହେବା ଅବଧିର ୩ ବର୍ଷ ଅତିକ୍ରାନ୍ତ, ଚିଠା ଯୋଜନା ବି ହୋଇପାରିଲାନି
- ବଢୁଛି ଜନ ଅସନ୍ତୋଷ

**ଜଗତ୍‌ସିଂହପୁର ଅଫିସ, ୨୩।୨**

ଦିନକୁ ଦିନ ଜଗତ୍‌ସିଂହପୁର ସହର ଅସଜଡା ଭାବେ ତା'ର କାୟା ବିସ୍ତାର କରିଚାଲିଛି। ଟ୍ରାଫିକ୍ ସମସ୍ୟାଠାରୁ ବର୍ଜ୍ୟବସ୍ତୁ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଜଟିଳ ରୂପ ନେଉଛି। ଏହାର ସମାଧାନ ପାଇଁ ସହରର ମାଷ୍ଟର ପ୍ଲାନ୍ ଜରୁରୀ। ତେଣୁ ରାଜ୍ୟ ସରକାର ୨୦୧୭ରେ ଯୋଜନା ପ୍ରସ୍ତୁତ ପାଇଁ ନିଷ୍ପତ୍ତି ନେଇଥିଲା। ଏଥିସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ୬।୫।୧୮ରେ ବାଙ୍ଗାଲୋରର ସ୍କାଏ ଗ୍ରୁପ ଯୋଜନା ପ୍ରସ୍ତୁତ କରିବାକୁ ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆର୍‌ଆଇଟି) ସହ ରାଜିନାମା ସ୍ୱାକ୍ଷରୟୀତ କରିଥିଲା। ରାଜିନାମା ଅନୁଯାୟୀ ସ୍କାଏ ଗ୍ରୁପ ୨୩।୭।୧୯ ଭିତରେ ଯୋଜନା ସାରିବା କଥା। ଦୁଃଖର କଥା ହେଲା ଏହି ସଂସ୍ଥା ଧାର୍ଯ୍ୟ ସମୟର ୩ ବର୍ଷ ପରେ ମଧ ଯୋଜନା ସାରିବା ତ ଦୂରର କଥା ଚିଠା ଯୋଜନା ପ୍ରସ୍ତୁତ କରିପାରିନାହିଁ। ଏପରି କି କେବେ ସାରିବ ତାହା ମଧ ନିଶ୍ଚିତ ହୋଇପାରୁନାହିଁ। କୋଭିଡ୍ କାରଣରୁ ୨ ବର୍ଷ ଚିଠା ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଥିବା କୁହାଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏହାର ରୂପରେଖ ଚୂଡାନ୍ତ ହୋଇ ନ ପାରିବା ଅସନ୍ତୋଷର କାରଣ ହୋଇଛି।

ଓଡ଼ିଶା ଟାଉନ ପ୍ଲାନିଂ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଜେଆର୍‌ଆଇଟି ଜଗତ୍‌ସିଂହପୁର ସହରର ଉନ୍ନୟନ ପାଇଁ କାମ କରୁଛି। ଜଗତ୍‌ସିଂହପୁର ସହର ସମେତ ଏହି ବ୍ଲକ, ବାଲିକୁଦା, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳର ୯୩ଟି ରାଜସ୍ୱ ମୌଜାର ୧୧୪.୫୩ ବର୍ଗ କି.ମି. ଅଞ୍ଚଳକୁ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ। ବିଶେଷକରି ଜଗତ୍‌ସିଂହପୁର ବ୍ଲକର ପୁନଙ୍ଗ, ପଳାଶୋଳ, ଝଁକଟି, ଯଶୋବନ୍ତପୁର ସାଁପୁର, ତରଡ଼ାପଡ଼ା, ଓଡ଼ିଶୋ, ବଳରାମପୁର, ମୁଦୁପୁର, ମଣ୍ଡାସାହି ପଞ୍ଚାୟତକୁ ନୂଆକରି ମାଷ୍ଟର ପ୍ଲାନ୍‌ରେ ସାମିଲ କରାଯିବ। ବର୍ତ୍ତମାନର ସ୍ଥିତି ଯଥା ଉପଯୁକ୍ତ ରାସ୍ତା, ଡ୍ରେନ୍‌ର ଭିତ୍ତିଭୂମି ଅନୁଧ୍ୟାନ ସହ ସହରାଞ୍ଚଳର ସ୍ଥିତି, ସମସ୍ୟା ଓ ଏହାର ସମାଧାନର ବାଟ ବାହାର କରାଯିବ। ମୁଖ୍ୟ କଥା ହେଲା ସାଟେଲାଇଟ୍ ଚିତ୍ର ଏବଂ ଜିଆଇଏସ୍



ଜଗତସିଂହପୁର ସହର ଥାନା ଆଗ ଦେଇ ଯାଇଥିବା ରାସ୍ତାରେ ଗହଳି।

ପ୍ଲାଟ ଫର୍ମରେ ରାଜସ୍ୱ କାଡାଷ୍ଟ୍ରିଆଲ ମ୍ୟାପ୍‌କୁ ଦେଖି ଜମିର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ସ୍ଥାନ, ପାଣିପାଗ, ପ୍ଲଟ ଅନୁଯାୟୀ, ଜମିର ବ୍ୟବହାର, ପରିବେଶଜନିତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଲୋକ ସଂଖ୍ୟା, ଲିଙ୍ଗ ଅନୁପାତ, ଶିକ୍ଷାହାର ଆଦିକୁ ଅନୁଧ୍ୟାନ କରାଯିବ। ଆର୍ଥିକ ସ୍ଥିତି ଓ ନିଯୁକ୍ତି ଯଥା ପ୍ରଶାସନ, କୃଷି, ଖଣି, ଖାଦନ ଆଦିକୁ ଦେଖାଯିବ। କେତେ ସାଧାରଣ ଓ ବସ୍ତି ବାସିନ୍ଦାଙ୍କ ବାସୋପଯୋଗୀ ଘର, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସୁବିଧା ଅଛି ତାହା ଅନୁଧ୍ୟାନ ହେବ। ଜଳ ଯୋଗାଣ, ବର୍ଷା ଜଳ ବିନିଯୋଗ, ଡ୍ରେନେଜ୍, ସ୍ୱେରେଜ, ବିଦ୍ୟୁତ୍ ଯୋଗାଣ, ପୋଲିସ, ଅଗ୍ନିଶମ, ଶ୍ମଶାନ, ପାଣି, ପବନ, ମୃତ୍ତିକା ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟଟନ ବିଷୟରେ ଧାନ ଦିଆଯିବ। ପ୍ରାଥମିକ ଓ ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ସମୟରେ ପରିବେଶ ଯଥା ଜଳାଶୟ, ପ୍ରାକୃତିକ ନାଳ, ଜଙ୍ଗଲ, ବୃକ୍ଷଲତା, ଖାଲୁଆ ଜମି, କୃଷି ଜମି, ପ୍ରଦୂଷଣ ମାତ୍ରା, ପର୍ଯ୍ୟଟନ ସ୍ଥଳ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଇତ୍ୟାଦିକୁ ମଧ ପ୍ରାଥମିକତା ଦିଆଯିବ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ମାଇକ୍ରୋ ଲେଭେଲ ଷ୍ଟଡି କରାଯିବ। ଶେଷରେ କେଉଁସବୁ ପ୍ରକଳ୍ପ କରାଯିବା ବାଧ୍ୟତାମୂଳକ ଓ କେଉଁଟା ଇଚ୍ଛାଧୀନ ତାହା ସ୍ପଷ୍ଟ କରାଯିବ। କେଉଁ ପ୍ରକଳ୍ପ ଦୀର୍ଘ ମିଆଦି ଏବଂ କେଉଁଟା କମ ସମୟ ପାଇଁ ତା' ଉପରେ ପ୍ରସ୍ତାବ ରହିବ। ବାସୋଭଯୋଗୀ ଘର, ବ୍ୟବସାୟିକ ସ୍ଥାନ, ପାର୍କ, ସ୍ୱାସ୍ଥ୍ୟକେନ୍ଦ୍ର, କଲୋନୀରେ ବିବାହ, ବ୍ରତ ଘର ପାଇଁ ସ୍ଥାନ, ପାର୍କିଂ ଅଞ୍ଚଳ ଆଦିକୁ ଏକାଧିକ ଜୋନରେ ବିଭକ୍ତ କରାଯିବ। କିଛି ବି ଜମି ଯେପରି ଅଦରକାରୀ ନ ରୁହେ ତା' ଉପରେ ଗୁରୁତ୍ୱ ଦିଆଯିବ। ଏସବୁକୁ ଦେଖି ପ୍ରଥମେ ଚିଠା ମାଷ୍ଟର ପ୍ଲାନ୍ ଓ ପରେ ସ୍କାଏ ଗ୍ରୁପ୍ ସହାୟତାରେ ଜେଆର୍‌ଆଇଟି ସମସ୍ତ ବିଭାଗ ସହ ବୈଠକ କରି ପରାମର୍ଶ ଲୋଡିବ। ଏପରି କି କର୍ମଶାଳା, ସେମିନାର କରାଯାଇ ବ୍ୟାପକ ଚର୍ଚ୍ଚା ହେବ। ଜନସାଧାରଣଙ୍କୁ ଅଭିଯୋଗ ଓ ପରାମର୍ଶ ପାଇଁ ସୁଯୋଗ ମିଳିବ। ଏସବୁ ପ୍ରକ୍ରିୟା ପରେ ଚୂଡାନ୍ତ ମାଷ୍ଟର ପ୍ଲାନ ଘୋଷଣା ହେବ। ଏତେ କାମ ବାକି ଥିବାବେଳେ ଚିଠା ମାଷ୍ଟର ପ୍ଲାନ୍ ପ୍ରସ୍ତୁତରେ ବିଳମ୍ବ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏ ସମ୍ପର୍କରେ ଜେଆର୍‌ଆଇଟି ଭାରପ୍ରାପ୍ତ ସଚିବ ଅଶୋକ କୁମାର କର୍ଣ୍ଣଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା। ଜେଆର୍‌ଆଇଟି ବରିଷ୍ଠ କିରାଣି କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସ୍କାଏ ଗ୍ରୁପକୁ ଏ ବାବଦରେ ଏକାଧିକ ବାର ଅବଗତ କରାଯାଇ ତୁରନ୍ତ ଚିଠା ଯୋଜନା ଦାଖଲ କରିବାକୁ କୁହାଗଲାଣି। ତଥାପି ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଚିଠା ଯୋଜନା ଦାଖଲ କରିବ ବୋଲି ସ୍କାଏ ଗ୍ରୁପ ପକ୍ଷରୁ କୁହାଯାଇଛି ବୋଲି ସେ କହିଛନ୍ତି।

# ମିଥ୍ୟା ଅପପ୍ରଚାରରୁ ନିବୃତ୍ତ ରହୁ ବିରୋଧୀ




ଖବରଦାତା ସମ୍ମିଳନୀରେ ମହିଳା ବିଜେଡିର ସଦସ୍ୟମାନେ।

- ଖବରଦାତା ସମ୍ମିଳନୀରେ ତିର୍ତ୍ତୋଲ ମହିଳା ବିଜେଡିର ତାଗିଦ
- ଆବଶ୍ୟକ ସ୍ଥଳେ ବିଧାୟକଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇବୁ

**ରଘୁନାଥପୁର,୨୩।୨(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଛକସ୍ଥିତ ମଦନମୋହନ ମଠ ପରିସରରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସ୍ତରୀୟ ମହିଳା ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୋମାଲିକା ଦାଶଙ୍କ ଅଭିଯୋଗକୁ ଭିତ୍ତିକରି ଜଗତ୍‌ସିଂହପୁର ଥାନାରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୋଧରେ ୨ଟି ମାମଲା ତଦନ୍ତାଧୀନ ରହି ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ ହୋଇଛି। ବିରୋଧୀ ଦଳଙ୍କ ପକ୍ଷରୁ ବିଭିନ୍ନ ସୋସିଆଲ ମିଡିଆ ଓ ଖବରକାଗଜରେ ଏ ସମ୍ପର୍କରେ ଅପପ୍ରଚାର କରାଯାଉଥିବା ଖବରଦାତା ସମ୍ମିଳନୀରେ ମହିଳା ବିଜେଡି କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ସର୍ବଦା ଆଇନ ଓ ମହିଳାଙ୍କୁ ସମ୍ମାନ ଦେଇ ଆସିଥିବାବେଳେ ବିରୋଧୀଙ୍କ ପକ୍ଷରୁ ହେଉଥିବା ଅପପ୍ରଚାର ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ବୋଲି ମତ ପ୍ରକାଶ ପାଇଛି। ମହିଳା ବିଜେଡି ଆଇନ ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରି ନିରପେକ୍ଷ ତଦନ୍ତ ଦାବି କରିବା ସହ ଅଭିଯୋଗକାରିଣୀ ମହିଳାଙ୍କ ପ୍ରତି ସମ୍ମାନବୋଧ ରହିଛି ବୋଲି ରଘୁନାଥପୁର ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ କହିଛନ୍ତି। ସୋସିଆଲ ମିଡିଆରେ ବୁଲୁଥିବା ବିଧାୟକଙ୍କ ସହ ଅଭିଯୋଗକରିଣୀଙ୍କ ଫଟୋ ବଳପୂର୍ବକ ଉଠାଯାଇଥିବା ବାରି ହେଉ ନ ଥିବାବେଳେ ଏଗୁଡ଼ିକ ଅସଲି କିମ୍ବା ନକଲି ଏହାର ତଦନ୍ତ ପାଇଁ ମତପ୍ରକାଶ ପାଇଛି। କେତେମାସ ତଳୁ ବିଧାୟକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ତତ୍କାଳ ଅଭିଯୋଗକରିଣୀଙ୍କ ବୟାନ ଆଣିବାରେ ପୋଲିସ ବିଫଳ ହୋଇଥିଲା। ପୋଲିସ କାହିଁକିବିଫଳ ହେଲା ତାହା ଲୋକଲୋଚନକୁ ଅଣାଯାଉ। ଅଭିଯୋଗକାରିଣୀ ମହିଳା ବୟାନ ରଖିବା ପରେ ଏହା ମଧ୍ୟରେ ବିଗତ ହୋଇଯାଇଥିବା ସମୟ ପାଇଁ ଦାୟୀ କିଏ। ପୋଲିସ ନା ଅଭିଯୋଗକାରିଣୀ ତାହାର ପ୍ରକୃତ ସତ୍ୟାସତ୍ୟ ବାହାର କରାଯାଉ ବୋଲି ମହିଳା ବିଜେଡି ଖବରଦାତା ସମ୍ମିଳନୀରେ ଦାବି କରିଛି। ଏହାଛଡା ଗତ ୨୦୧୩ରେ ସୋମାଲିକା ନାମ ଥିବା ଏକ ଏତଲାର ନକଲ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହି ସମାନ ନାମ ଥିବା ମହିଳା କିଏ ଓ କାହା ବିରୋଧରେ ଏତଲା ହୋଇଛି ଏବଂ ଏହାର ସତ୍ୟାସତ୍ୟ କ'ଣ ଏହାକୁ ପୋଲିସ ସ୍ପଷ୍ଟ କରୁ ବୋଲି ମହିଳା ବିଜେଡି ଦାବି କରିଛି। ଜଣେ ମହିଳା ଭାବେ ଅଭିଯୋଗକାରିଣୀ ସୋମାଲିକାଙ୍କ ପ୍ରତି ମହିଳା ବିଜେଡିର କର୍ତ୍ତବ୍ୟବୋଧ ରହିଛି। ତଦନ୍ତ ସରିବା ପର୍ଯ୍ୟନ୍ତ ବିରୋଧୀ ଦଳ ବିଧାୟକଙ୍କ ବିରୋଧରେ କୁତ୍ସରଟନା ବନ୍ଦ ରଖନ୍ତୁ। ଯଦି ବିରୋଧୀ ଦଳ ମିଥ୍ୟା ଅପପ୍ରଚାରରୁ ନିବୃତ୍ତ ନ ରୁହନ୍ତି ତାହା ହେଲେ ବିଜୁ ମହିଳା ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏଥିରେ ରଘୁନାଥପୁର ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଜିଲାପରିଷଦ ରିନାରାଣୀ ମଲ୍ଲିକ ଓ ଜିଲା ପରିଷଦ ୨ ଇତିଶ୍ରୀ ମଲ୍ଲିକ, ଲିଲିପ୍ତ ପଣ୍ଡା, ବିରିଡି ବ୍ଲକ ଅଧକ୍ଷା ମମତା ପାତ୍ର, ଉପାଧକ୍ଷ ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ଦୀପ୍ତିମୟୀ ରାୟ, ନାରିନେତ୍ରୀ ମହେଶ୍ୱେତା ଜେନା, ବୈଜୟନ୍ତୀ ମହାନ୍ତି, ସରୋଜିନୀ ବେହେରା, କଳ୍ପନା ପଶାୟତ, ପ୍ରଜ୍ଞା ପରମିତା ଜେନାଙ୍କ ସହ ବହୁ ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମୃତ ଖବରଦାତାଙ୍କ ପରିବାରକୁ ୧୫ ଲକ୍ଷ ସହାୟତା

**ଜଗତ୍‌ସିଂହପୁର ଅଫିସ, ୨୩।୨**

କରୋନା ମହାମାରୀ ସମୟରେ କୋଭିଡ୍-୧୯ରେ ଦୈନିକ ଖବରକାଗଜ ତୀର୍ଥକ୍ଷେତ୍ର ବିରିଡ଼ି ଓ ବାଲିକୁଦା ବ୍ଲକ ପ୍ରତିନିଧି ଗଗନ ବିହାରୀ ଗୋଛାୟତଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ଖବରଦାତାମାନେ ଯେଉଁଭଳି ଭାବେ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ ସାଙ୍ଗକୁ ଅନ୍ୟ ସହାୟତା ଦେଉଥିଲେ ତାହାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିଥିଲେ। ଏଥିସହ ମୃତ ଖବରଦାତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ସହାୟତା ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ଅନୁଯାୟୀ ଗୋଛାୟତଙ୍କ ପତ୍ନୀ



କ୍ୟାପ୍ସନ୍....................

ଜୟନ୍ତୀପ୍ରଭା ଗୋଛାୟତଙ୍କୁ ଜିଲାପାଳ ପାରୁଲ ପଟାୱରୀ ୧୫ ଲକ୍ଷ ଟଙ୍କାର ଚେକ୍ ଗୁରୁବାର ପ୍ରଦାନ କରିଥିଲେ। ଏହି ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ସହାୟକ ଜିଲାପାଳ (ନିଜାରତ) ରମେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକଙ୍କୁ ହୋଟେଲରୁ ମୁକ୍ତ କଲା ଜିଲା ଶ୍ରମ ବିଭାଗ

**ଜଗତ୍‌ସିଂହପୁର ଅଫିସ, ୨୩।୨**

ବାଲିକୁଦା ଥାନା ଅନ୍ତର୍ଗତ କଣିଆ ବଜାରରେ ଥିବା ସାଇ ଶ୍ରଦ୍ଧା ହୋଟେଲରେ ରୋଷେୟା ଭାବେ କାମ କରୁଥିବା ଏରସମା ଅଞ୍ଚଳର କାର୍ତ୍ତିକ ଜେନାଙ୍କୁ ନଜରବନ୍ଦୀ କରି ରଖାଯାଇଥିବା ଅଭିଯୋଗ ହୋଇଥିଲା। ରୋଷେୟା ଜେନାଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ଜିଲା ଶ୍ରମ ବିଭାଗ ପଦକ୍ଷେପ ନେଇଛି। ପୋଲିସ ସହାୟତାରେ ଜିଲା ଶ୍ରମ ବିଭାଗର ୨ ଜଣ ସହକାରୀ ଶ୍ରମ ଅଧିକାରୀ ଜେନାଙ୍କୁ ହୋଟେଲରୁ ମୁକ୍ତ କରିଥିଲେ। ରୋଷେୟାଙ୍କ ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଶିବରାତ୍ର ଦିନ ତାଙ୍କ ସ୍ୱାମୀ ଘରକୁ ଯିବା ପାଇଁ ହୋଟେଲ ମାଲିକ ରବୀନ୍ଦ୍ର ବିଶ୍ୱାଳଙ୍କୁ କିଛି ଅର୍ଥ ମାଗିଥିଲେ। ନ ମିଳିବାରୁ ସ୍ୱାମୀ ଘରକୁ ଚାଲି ଆସିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ହୋଟେଲ ମାଲିକ ତାଙ୍କ ସ୍ୱାମୀଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିଲେ। ଆଗୁଆ ଟଙ୍କା ନେଇଥିବା କହି ଶୁଝିବାକୁ ପଡିବ। ନଚେତ ଅଧିକ ବର୍ଷେ ପାଇଁ କାମ କରିବାକୁ ପଡିବ ବୋଲି ସେ କହିଥିଲେ। ପରେ ତାଙ୍କ ସ୍ୱାମୀଙ୍କୁ ତାଙ୍କ ଇଚ୍ଛା ବିରୋଧରେ ହୋଟେଲରେ ରଖିଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଗ୍ରେଡେଶନ ପରିବର୍ତ୍ତେ ପ୍ରମୋଶନ ତାଲିକା ଦେଉଛନ୍ତି

**ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମାନୁନାହାନ୍ତି, ଜନ ସୂଚନା ଅଧିକାରୀ**

**ନାଉଗାଁ,୨୩।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ଜନ ସୂଚନା ଅଧିକାରୀ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜନ ସୂଚନା ଅଧିକାର ଆଇନ ବଳରେ ମଗା ଯାଇଥିବା ତଥ୍ୟକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ଜନ ସୂଚନା ଅଧିକାରୀଙ୍କୁ ମଗା ଯାଇଥିବା ତଥ୍ୟ ବଦଳରେ ଅନ୍ୟ ତଥ୍ୟ ପ୍ରଦାନ କରୁଛନ୍ତି।

ସୂଚନା ଯୋଗ୍ୟ, ଜୈନିକ ସାମାଜିକ କର୍ମୀ ୨୦୨୨ ନଭେମ୍ବର ୨୮ରେ ଜିଲା ଶିକ୍ଷାଧିଫକାରୀଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଶିକ୍ଷକଙ୍କର ଗ୍ରେଡଶନ ତାଲିକା ମଗାଯାଇଥିଲା। ଧାର୍ଯ୍ୟ ସମୟ ପୂରଣ ହୋଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଗଲାନାହିଁ। ପରବର୍ତ୍ତୀ ସମୟରେ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ଉକ୍ତ ତଥ୍ୟ ପ୍ରଦାନ ପାଇଁ ଆବେଦନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୫୩୨/୧୯।୧।୨୩ରେ ଜୈନିକ ଆବେଦନକାରୀଙ୍କୁ ୨୦୨୩ ଜାନୁୟାରୀ ୨୫ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଧାର୍ଯ୍ୟ ସମୟରେ ଅଭିଯୋଗ ଶୁଣାଣି କରାଯାଇ ୪ ଫେବୃୟାରୀ ମଧ୍ୟରେ ମଗା ଯାଇଥିବା ସମସ୍ତ ତଥ୍ୟ ପ୍ରଦାନ ପାଇଁ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ପରିତାପର ବିଷୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୨୫୫/୪।୨।୨୩ରେ ଡାକ ଯୋଗେ ତଥ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ ତଥ୍ୟ ମଗା ଯାଇଥିବା ଗ୍ରେଡଶନ ତାଲିକା ପରିବର୍ତ୍ତେ ଜିଲାର ପ୍ରମୋଶନ ତାଲିକା ରହିଥିଲା। ଯାହାକୁ ନେଇ ସମ୍ପୃକ୍ତ ସାମାଜିକ କର୍ମୀ ପୁନର୍ବାର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ସମସ୍ତ ତଥ୍ୟ ବିଷୟରେ ଅବଗତ କରାଇଥିଲେ। ପରେ ଜିଲା ଶିକ୍ଷାଧିକାରୀ ଫୋନ ଯୋଗେ ବ୍ଲକ ଶିକ୍ଷାଧିକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ ପାଇଁ କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ଠିକ ତଥ୍ୟ ମିଳିପାରି ନ ଥିବା ଆବେଦନକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯାଇଛି। ଯଥାଶୀଘ୍ର ମଗା ଯାଇଥିବା ତଥ୍ୟ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

# ଅଧିଗ୍ରହଣ ହେବାକୁ ଥିବା ଜମିର ନକ୍ସା ତହସିଲରେ ନାହିଁ

- ତହସିଲଦାରଙ୍କୁ ଚାଷୀ ଅଭିଯୋଗ କଲେ
- ଭାରତମାଳା ପ୍ରକଳ୍ପ ଜାତୀୟ ରାଜପଥ ନିର୍ମାଣ ପ୍ରସଙ୍ଗ

**ରଘୁନାଥପୁର,୨୩।୨(ଡି.ଏନ.ଏ.)**

ଭାରତମାଳା ପ୍ରକଳ୍ପ ଜାତୀୟ ରାଜପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ତଥା ଖାମଖିଆଲ ମନୋଭାବ ପ୍ରତିପୋଷଣ କରୁଛନ୍ତି। ଏହାକୁ ବିରୋଧ କରି ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ରଘୁନାଥପୁର ତହସିଲ ଅଧୀନ ରାଢଙ୍ଗ ଓ ଜିରା ଗାଁର ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଗୁରୁବାର ପ୍ରତିବାଦ କରିଥିଲେ। ଏ ସମ୍ପର୍କିତ ଦାବିପତ୍ର ତହସିଲଦାର ରୁପାଲିକା ଦାଶଙ୍କୁ ପ୍ରଦାନ କରିଥିଲେ। ଅର୍ଥନୈତିକ କରିଡର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାରତମାଳା ପ୍ରକଳ୍ପ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ୫ଟି ଗାଁରେ ଭୂମି ଅଧିଗ୍ରହଣ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିପାଇଁ ଚଳିତ ମାସ ୩ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନଠାରୁ ୨୧ଦିନ ଅବଧି ମଧ୍ୟରେ ଯେକୌଣସି ବ୍ୟକ୍ତି ତହସିଲ କାର୍ଯ୍ୟାଳୟରେ ଆପତ୍ତି ଅଭିଯୋଗ କରିବାକୁ ସୂଚନା ଦିଆଯାଇଛି। ଏହାଛଡା ସର୍ବସାଧାରଣଙ୍କ ନିରୀକ୍ଷଣ ନିମନ୍ତେ ଅଧିଗ୍ରହଣ ହେବାକୁ ଥିବା ଜମିର ସମସ୍ତ ନକ୍ସା ଓ ଅନ୍ୟ ବିଷଦ ବିବରଣୀ



ରଘୁନାଥପୁର ତହସିଲଦାରଙ୍କୁ ଚାଷୀମାନେ ଅଭିଯୋଗ ପତ୍ର ଦେଉଛନ୍ତି।

ତହସିଲ କାର୍ଯ୍ୟାଳୟରେ ମିଳିବ ବୋଲି ଉଲ୍ଲେଖ ରହିଛି। ମାତ୍ର ଏ ସମ୍ପର୍କିତ ତଥ୍ୟ ତହସିଲରେ ଉପଲବ୍ଧ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଜମି ହରାଇବାକୁ ଥିବା ବ୍ୟକ୍ତିମାନେ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ମହାରଣା ପ୍ରକାଶ କରିଛନ୍ତି। ଏହି ରାଜପଥ ନିର୍ମାଣ ହେବା ଦ୍ୱାରା ସାଧାରଣ ନାଗରିକ, ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ସେମାନଙ୍କ ଜୀବିକା, ବାସଗୃହ, ବୃକ୍ଷସମ୍ପଦ, ମାଛ ପୋଖରୀ ଓ ସବୁଦିନ ପାଇଁ ସେମାନଙ୍କ ଜମିର ଅଧିକାର ହରାଇ ବସିବେ। ଏହାଛଡା ବର୍ଷାଦିନେ ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ହେବାରେ ରାଜପଥ ବାଧକ ସାଜିବ। ରାଜପଥର ବାସ୍ତବ ଚିତ୍ର ସମ୍ପର୍କରେ ଜନତାଙ୍କୁ ଅଗୋଚର ରଖାଯାଉଥିବାରୁ ଭବିଷ୍ୟତରେ ଲୋକେ କ୍ଷତିପୂରଣ ପାଇବାରେ ଆଶଙ୍କା ସୃଷ୍ଟି ହୋଇଛି ବୋଲି ମହାରଣା କ୍ଷୋଭ ପ୍ରକାଶ କରିଛନ୍ତି। ଦେଶର ବିକାଶ ପାଇଁ ଜାତୀୟ ସ୍ୱାର୍ଥକୁ ସରକାର ପ୍ରାଧାନ୍ୟ ଦେଉଥିବାବେଳେ ବ୍ୟକ୍ତି ସ୍ୱାଧୀନତା ସମ୍ବିଧାନର ଧାରା ୧୪ ଓ ୨୧କୁ ପ୍ରାଧାନ୍ୟ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏହାଛଡା ଅଧିଗ୍ରହଣ ହେବାକୁ ଥିବା ଜମିର ନକ୍ସା ଓ ଅନ୍ୟ ବିଷଦ ବିବରଣୀ ପଞ୍ଚାୟତ ସ୍ତରରେ ଉପଲବ୍ଧ କରାଇବା ପାଇଁ ଦାବି କରାଯାଇଛି। ଜମି ଅଧିଗ୍ରହଣ ପୂର୍ବରୁ ଲୋକମାନଙ୍କ ସମସ୍ତ ସମସ୍ୟା ସମାଧାନ ହେବା ଜରୁରୀ ଅଟେ। ନଚେତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ମହାରଣା ସ୍ପଷ୍ଟ କରିଛନ୍ତି। ସାମାଜିକ କର୍ମୀ ଗୋବିନ୍ଦ ଓଝା, ବିକ୍ରମ ପ୍ରସାଦ ରାଉତ, ଉଲ୍ଲାସ ପାଳ, ପ୍ରଶାନ୍ତ ଜେନା, ବିପିନ ପାଳ, ପ୍ରମୋଦ ପାଳ, ବିପିନ ମୁଦୁଲିଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପ୍ରେମିକାର ଅଶ୍ଳୀଳ ଭିଡିଓ ଭାଇରାଲ କରି ଗିରଫ

ପାରଳାଖେମୁଣ୍ଡି, ୨୩।୨(ଡି.ଏନ୍.ଏ): ପ୍ରେମିକାର ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରି ପ୍ରେମିକ ଗିରଫ ହୋଇଛି। ଅଭିଯୁକ୍ତ ହେଲେ ଗଜପତି ଜିଲା କେ.ଝାଲରସିଂ ଗ୍ରାମର ଅମୂଲ୍ୟ ମିଶାଲ। ନୂଆଗଡ଼ ଗ୍ରାମର ଜନୈକ ଯୁବତୀ ଖଜୁରୀପଦା ମହାବିଦ୍ୟାଳୟରେ +୨ରେ ପାଠ ପଢୁଥିଲେ। ସେହି ସମୟରେ ଅମୂଲ୍ୟଙ୍କ ସହ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଅମୂଲ୍ୟ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅଶ୍ଳୀଳ ଭିଡ଼ିଓ କରିଥିଲେ। ବିବାହ ନ କଲେ ଅଶ୍ଳୀଳ ଭିଡ଼ିଓ ଭାଇରାଲ କରିଦେବାକୁ ଯୁବତୀଙ୍କୁ ଧମକ ଦେଇଥିଲେ। ଯୁବତୀଙ୍କ ବାପା ମା' ଅନ୍ୟଆଡ଼େ ଝିଅକୁ ବାହା ଦେବାକୁ ସ୍ଥିର କରିଥିବାରୁ ଅମୂଲ୍ୟ ଅଶ୍ଳୀଳ ଭିଡିଓ ଭାଇରାଲ କରିଦେଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପ୍ରେମିକ ଅମୂଲ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

### ହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ଆଜୀବନ ଜେଲ୍

ଆସିକା, ୨୩।୨(ଡି.ଏନ୍.ଏ): ଗଞ୍ଜାମ ଜିଲା ଶେରଗଡ଼ ଥାନା ଅନ୍ତର୍ଗତ କଣଭାଗ ଗ୍ରାମରେ ଗତ ୨୦୧୭ ମଇ ୩ ତାରିଖରେ ଘଟିଥିବା ଏକ ଯୌତୁକ ଜନିତ ହତ୍ୟା ଅଭିଯୋଗର ବିଚାର କରି ବୁଧବାର ଆସିକାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଅଭିଯୁକ୍ତ ସ୍ୱାମୀ କାହ୍ନୁ ପରିଡାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଦାଲତ ଏଥିସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜୋରିମାନା ଓ ଅର୍ଥ ଅନାଦେୟ ୩ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡର ଆଦେଶ ଦେଇଥିବା ଜଣାପଡିଛି। ଏହି ମାମଲାରେ ସମୁଦାୟ ୧୫ଜଣ ସାକ୍ଷୀ ବୟାନ ଦେଇଥିଲେ। ମାମଲାକୁ ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ପରିଚାଳନା କରୁଥିଲେ।

#### ଜଳିଗଲା ୧୨ ପରିବାରର ଘର

ବୁଗୁଡ଼ା, ୨୩।୨(ଡି.ଏନ୍.ଏ.)-ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବିରଞ୍ଚିପୁର ଗ୍ରାମର ତଳସାହିରେ ବୁଧବାର ଅଗ୍ନିକାଣ୍ଡ ଘଟି ୧୨ଟି ପରିବାରର ଘର ପୋଡ଼ି ଯାଇଛି। ଅଗ୍ନିକାଣ୍ଡରେ ସୀମାଞ୍ଚଳ ବେହେରା, ରଘୁନାଥ ବେହେରା, ସୋମନାଥ ବେହେରା, ବିଦ୍ୟାଧର ସାହୁ, ଲୋକନାଥ ସାହୁ, ଉପେନ୍ଦ୍ର ସାହୁ, ସନ୍ତ ସାହୁ, ଖଦାଳ ଗୌଡ଼, ଦିଲ୍ଲୀପ ପୋଲେଇ, ସୀମାଞ୍ଚଳ ପୋଲେଇ, ମୋହନ ଡାକୁଆ ଓ ବସନ୍ତ ସ୍ୱାଇଁଙ୍କ ଘର ପୋଡ଼ି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି।

### ବିଶ୍ୱ ମାତୃଭାଷା ଦିବସ

ରମ୍ଭା, ୨୩।୨: ଡିମିରିଆ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ସୁଚିସ୍ମିତା ପାଢ଼ୀ, ଅଙ୍କିତା ସେନାପତି, ଆଦ୍ୟାଶା ମୁଦୁଲି, ସାଇସ୍ମିତି, ଲଭଲି, ଭାଗ୍ୟଶ୍ରୀ କୋଟିଆରୀ ପ୍ରମୁଖ ପ୍ରାର୍ଥନା ଭଜନ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ରେଣୁବାଳା କେଇ, ସଙ୍ଗୀତା ନାହାକ, ଶିକ୍ଷକ ଡା.ଦ୍ୱାରିକାନାଥ ମହାରଣା ବିଶ୍ୱ ମାତୃଭାଷା ଦିବସ ଉପରେ ଆଲୋକପାତ କରିଥିଲେ।

### ଅଟୋ ସହ ଧକ୍କା ହୋଇ ବାଇକ୍ ଚାଳକ ମୃତ

ବୁଗୁଡ଼ା, ୨୩।୨(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଜପଲ୍ଲୀଠାରେ ବୁଧବାର ଅଟୋ ସହ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଙ୍କଜପଲ୍ଲୀ ଗ୍ରାମର ବିଦ୍ୟାଧର ଜେନା (୫୦)। ପୂର୍ବାହ୍ନରେ ବିଦ୍ୟାଧର ବାଲିପଦରରୁ ସଉଦା କିଣି ବାଇକରେ ଫେରିବା ବେଳେ ତାଙ୍କ ଗାଁଠାରେ ଏକ ଅଟୋ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ପରେ ବ୍ରହ୍ମପୁରକୁ ମେଡିକାଲକୁ ସ୍ଥାନାନ୍ତର କରିବାକୁ ଯାଉଥିବା ବେଳେ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଅଟୋ ଓ ବାଇକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

# ଧାନ ବିକିବାକୁ ୨୨ ହଜାର ଚାଷୀଙ୍କ ଅପେକ୍ଷା


ବେଗୁନିଆପଡ଼ାରେ ଧାନ ବିକିବାକୁ ଅପେକ୍ଷା କରିଥିବା ଚାଷୀ।

ଛତ୍ରପୁର, ୨୩।୨(ଡି.ଏନ୍.ଏ.)

ଗତ ଖରିଫ ବର୍ଷରେ ଗଞ୍ଜାମ ଜିଲାରେ ଧାନ ଅମଳ ୨୦ ବର୍ଷର ରେକର୍ଡ ଭାଙ୍ଗି ୨ ଗୁଣା ଅଧିକ ଆଦାୟ ହୋଇଛି। ଏଥିସହ ଧାନର ମାନ ମଧ ଭଲ ଥିବା ଚାଷୀମାନେ କହୁଛନ୍ତି। ଏଥିଲାଗି ଚାଷୀମାନେ ସରକାରୀ ମଣ୍ଡିରେ ଧାନ ବିକି ଭଲ ଦିପଇସା ପାଇବେ ବୋଲି ଆଶା ରଖିଛନ୍ତି। ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା ଲାଗି ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି। ୨୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ମଣ୍ଡିରେ ଧାନ ବିକିବା ପାଇଁ ଚାହିଁ ବସିଛନ୍ତି। ମାତ୍ର ଅଧିକାଂଶ ସୋସାଇଟି ଓ ମହିଳା ଗ୍ରୁପ୍‌ରେ ଟାର୍ଗେଟ ସରିଯାଇଥିବା ବେଳେ କେତେକ ସୋସାଇଟିରୁ ମିଲମାନେ ଠିକ୍ ସମୟରେ ଧାନ ଉଠାଉନାହାନ୍ତି। ଫଳରେ କେତେକ ସୋସାଇଟିରେ ଟୋକନ୍ ଅବଧି ସରିଗଲାଣି। ଏଥିଲାଗି ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ବିଭିନ୍ନ ସୋସାଇଟି ଓ ମହିଳା ସଂଘ ଗ୍ରୁପ୍‌ଠାରେ ଟାର୍ଗେଟ ନ ଥିବାରୁ ଏହା କିଣାଯାଇପାରୁନି। ତୁରନ୍ତ ଟାର୍ଗେଟ ଆଣି ଧାନ କିଣିବା ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି। ଏଥିସହ ୩୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକି ମଧ ତା'ର ପ୍ରାପ୍ୟ ପାଇ ନ ଥିବା ସେ ସ୍ମାରକପତ୍ରରେ ଦର୍ଶାଇଛନ୍ତି। ଏହାର ବ୍ୟବସ୍ଥା କରିବାକୁ ମହାସଭା ପକ୍ଷରୁ ଅନୁରୋଧ କରାଯାଇଛି। ଯୋଗାଣ ବିଭାଗ

**ଗଞ୍ଜାମ ଜିଲା**

ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୩୬୫ ପ୍ୟାକ୍ସ, ୧୦୪ ଏସ୍ଏଚଜି ଓ ଗୋଟିଏ ପାଣି ପଞ୍ଚାୟତ ପକ୍ଷରୁ ୧ ଲକ୍ଷ ୯ ହଜାର ୩୨୪ ଜଣ ଚାଷୀଙ୍କଠାରୁ ୪୭୪୨୯୧୨.୧୨ କୁଇଣ୍ଟାଲ ଧାନ କିଣାଯାଇପାରିଛି। ସରକାରଙ୍କୁ ଧାନ ବିକିବା ପାଇଁ ଚଳିତବର୍ଷ ୧ ଲକ୍ଷ ୩୧ ହଜାର ୨୩୮ ଜଣ ଚାଷୀ ଅନ୍‌ଲାଇନ୍‌ରେ ପଞ୍ଜୀକୃତ ହୋଇଛନ୍ତି। ଏହି ଧାନ କିଣା ପ୍ରକ୍ରିୟାରେ ଜିଲାର ୩୬୪ ମିଲର ମଧ ସାମିଲ ହୋଇଛନ୍ତି। ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ୨୦୨୧-୨୨ରେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୨୬ ହଜାର ୩୪୩ ଜଣ ଚାଷୀ ଧାନ ବିକିପାରି ନ ଥିଲେ।

## ବିକ୍ରି ଧାନର ପ୍ରାପ୍ୟ ନ ପାଇ ହତାଶ ଚାଷୀ

**ବେଗୁନିଆପଡ଼ା, ୨୩।୨:** ଗଞ୍ଜାମ ଜିଲାରେ ଧାନକିଣାକୁ ନେଇ ବ୍ୟାପକ ଅବ୍ୟବସ୍ଥା ସାମ୍ନାକୁ ଆସିବାରେ ଲାଗିଛି। କେଉଁଠି ଟୋକେନ୍ ଥାଇ ବି ଧାନ ବିକି ପାରୁ ନାହାନ୍ତି ତ ଆଉ କେଉଁଠି ଚାଷୀ ଧାନ ବିକ୍ରି କରି ପ୍ରାପ୍ୟ ପାଇ ପାରୁ ନାହାନ୍ତି। କିଛି ଚାଷୀଙ୍କ ଟୋକେନ୍ ଅବଧି ସରି ଯାଇଥିଲେ ହେଁ, ମଣ୍ଡିରେ ସେମାନଙ୍କ ଧାନ ଉଠିନି। କାରଣ ଟାର୍ଗେଟ ମିଳିବାରେ ବିଳମ୍ବ ହେଉଛି। ଫଳରେ ବର୍ତ୍ତମାନ ପରିସ୍ଥିତିରେ ଚାଷୀ ଚିନ୍ତାରେ ପଡିଛନ୍ତି। ସଂରକ୍ଷଣ ସମସ୍ୟା ଯୋଗୁଁ କିଛି ଚାଷୀ ଆନ୍ଧ୍ର ବେପାରୀ ଓ ସ୍ଥାନୀୟ ବେପାରୀଙ୍କୁ କୁଇଣ୍ଟାଲ ପିଛା ୪୦୦ଟଙ୍କା କମ୍‌ରେ ଧାନ ବିକି କ୍ଷତି ସହୁଛନ୍ତି। ବେଗୁନିଆପଡ଼ା ବ୍ଲକ ମର୍ଦ୍ଦକୋଟ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରୁ ଏବେ ଏଭଳି ଅଭିଯୋଗ ଚାଷୀ ଆଣୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଧାନ କ୍ରୟ କରାଯିବ ୨୪ ଘଣ୍ଟାରୁ ୭୨ ଘଣ୍ଟା ମଧ୍ୟରେ ଆକାଉଣ୍ଟକୁ ପ୍ରାପ୍ୟ ପଠାଯିବା କଥା। କିନ୍ତୁ ଧାନ ବିକ୍ରି କରିବାର ୧୫ ଦିନ ହୋଇ ଯାଇଥିଲେ ସୁଦ୍ଧା ବ୍ଲକର ମର୍ଦ୍ଦକୋଟ, ସାନ ଉସ୍ତାପଡା, କନ୍ଧ ରାଣୀପଡା, ଫାଶୀ ପ୍ରଭୃତି ଅଞ୍ଚଳର ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇ ନଥିବା ଅଭିଯୋଗ କରିଛନ୍ତି। ବେଗୁନିଆପଡ଼ା ବ୍ଲକରେ ମୋଟ ୨ ଲକ୍ଷ ୮ ହଜାର ୭୬୪ କୁଇଣ୍ଟାଲ ଧାନ କ୍ରୟ ପାଇଁ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୧ ହଜାର କୁଇଣ୍ଟାଲ ଧାନ କ୍ରୟ ସରିଲାଣି ବୋଲି କହିଛନ୍ତି ବ୍ଲକ ଯୋଗାଣ ଅଧିକାରୀ। ବାକି ଧାନ କିଣା ଯିବାକୁ ପ୍ରକ୍ରିୟା ଚାଲିଛି ବୋଲି ସେ କହିଛନ୍ତି। ତେବେ ଗୋଟିଏ ପଟେ ମଣ୍ଡିରେ ସଠିକ୍ ଭାବେ ଧାନ ଉଠୁ ନଥିବା ବେଳେ ଅନ୍ୟ ପଟେ ଧାନ ବିକ୍ରି କରି ମଧ ପ୍ରାପ୍ୟ ନପାଇ ଚିନ୍ତାରେ ଚାଷୀ। ଏଭଳି ଅବ୍ୟବସ୍ଥାକୁ ନେଇ ଗତ ସମିତି ବୈଠକରେ ମଧ ଉତ୍ତେଜନା ଦେଖିବାକୁ ମିଳିଥିଲା।

# ପରିବେଶ ରକ୍ଷା କରିବା ଆମ ଦାୟିତ୍ୱ


ସଚେତନତା ସଭାରେ ଗ୍ରାମବାସୀମାନେ ଶପଥ ନେଉଛନ୍ତି।

ଦାରିଙ୍ଗବାଡି, ୨୩।୨(ଡି.ଏନ.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଓ କୋଟଗଡ଼ ବ୍ଲକର ପ୍ରାୟ ୬୦୦ଗ୍ରାମରେ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ସହ ଆମେ ଗରିବ ନୋହୁଁ, ଆମ ପରିବେଶକୁ ଆମେ ରକ୍ଷା କରିବା ନେଇ ସଚେତନ କରାଯାଉଛି। ଗୁଞ୍ଜି ଅନୁଷ୍ଠାନର ଅଂଶୁ ଗୁପ୍ତା ଏବଂ ତାଙ୍କ ଟିମ ଓ ସବୁଜ ବୈଦ୍ୟ ସଂଗଠନର ସମ୍ପାଦକ ଦିନବନ୍ଧୁ ମହାରଣାଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଚାଲିଛି। ଦୁର୍ଗମ ପଞ୍ଚାୟତ ସିଆଁଙ୍ଗବାଲି ଗ୍ରାମର ପେଟେଡ଼ାବାଡ଼ିଠାରେ ଗୁରୁବାର ଏହି ସଚେତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗାଁର ପରିବେଶକୁ ସ୍ୱଚ୍ଛ ରଖିବା ସହ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ବନ୍ଦ କରି ଶାଳପତ୍ର ବ୍ୟବହାର କରିବା ଏବଂ ଜଳ, ଜଙ୍ଗଲ ଓ ଜମିକୁ ସୁରକ୍ଷା ଦେବାକୁ ଗ୍ରାମବାସୀ ସଂକଳ୍ପ ନେଇଥିଲେ।

# ମା', ଶିଶୁ ସୁରକ୍ଷା କାର୍ଡ ଯୋଗାଇବାକୁ ଦାବି

ହିଞ୍ଜିଳିକାଟୁ, ୨୩।୨(ଡ଼ି.ଏନ୍.ଏ): ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକ ପାଇଁ ଗର୍ଭବତୀ ମହିଳାଙ୍କୁ ଜେଏସ୍ୱାଇ ଯୋଜନାରେ ମା' ଓ ଶିଶୁ ସୁରକ୍ଷା କାର୍ଡ଼ ହିତାଧିକାରୀଙ୍କୁ ଠିକ ସମୟରେ ପ୍ରଦାନ ହୋଇ ପାରୁନଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗର୍ଭଧାରଣର ୩ମାସ ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରରେ ମହିଳାଙ୍କ ପଞ୍ଜିକରଣ କରି ମା ଓ ଶିଶୁ ସୁରକ୍ଷା କାର୍ଡ଼ ପ୍ରଦାନ କରିବା କଥା। ହିଞ୍ଜିଳିକାଟୁ ପୌରାଞ୍ଚଳର ୱାର୍ଡ଼ ନଂ ୧୬ରେ କିଛି ଗର୍ଭବତୀଙ୍କୁ ୫ମାସ ଗର୍ଭଧାରଣ ପରେ ମଧ କାର୍ଡ଼ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି। କାର୍ଡ଼ ନଥିବାରୁ ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ସମେତ ଟୀକା ପ୍ରଦାନରେ ମଧ ସମସ୍ୟା ସୃଷ୍ଟି ହେଉଛି। ସିଡିପିଓ ଗାଙ୍ଗି ସୁବୁଦ୍ଧିଙ୍କ ସହ ଯୋଗାଯୋଗ ପରେ କାର୍ଡ଼ ସରିଯାଇଥିବା କହିବା ସହ ଏହି କାର୍ଡ଼ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା କହିଛନ୍ତି। ଖୁବ ଶୀଘ୍ର ଏହି କାର୍ଡ଼ ଉପଲବ୍ଧ ହେବ ବୋଲି ସିଡ଼ିପିଓ ସୁବୁଦ୍ଧି କହିଛନ୍ତି।

# ବୈଷୟିକ ଶିକ୍ଷା, ପରାମର୍ଶ ତାଲିମ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

କବିସୂର୍ଯ୍ୟନଗର, ୨୩।୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ବ୍ଲକ ସଭା ଗୃହରେ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ବ୍ଲକସ୍ତରୀୟ ବୈଷୟିକ ଶିକ୍ଷା ଓ ତାଲିମ ନିମନ୍ତେ ପରାମର୍ଶ ମେଳା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ କବିସୂର୍ଯ୍ୟନଗର ପଞ୍ଚାୟତ ସମିତିର ଅଧକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ବୀରେନ୍ଦ୍ର କୁମାର ଖଟେଇ, ପାଇକଯମୁନା ସରପଞ୍ଚ ତଥା ଆସିକା ଏମ୍‌ପି ପ୍ରତିନିଧି ସତ୍ୟବାନ ସାହୁ ଓ ୨୧ ପଞ୍ଚାୟତର ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ୨୧ ଗୋଟି ଗ୍ରାମ ପଞ୍ଚାୟତରୁ ମୋଟ ୪୧୩ ଛାତ୍ରୀଛାତ୍ର ଉପସ୍ଥିତ ରହି ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଏହାକୁ ବିଡିଓ ତନ୍ମୟ ପାତ୍ର ପରିଚାଳନା କରୁଥିବା ବେଳ ଏବିଡିଓ ନାରାୟଣ ବେହେରା ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଭଞ୍ଜନ ପରିଡା, ମିଶନ ଶକ୍ତି ବିଭାଗର ବିପିଏମ୍(ଓଏଲଏମ୍), ବିପିସି (ଏମ୍ଏସ), ବିଏଲସି ଏବଂ ସମସ୍ତ ୨୧ ଗୋଟି ଗ୍ରାମ ପଞ୍ଚାୟତର ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଏଥିରେ ବ୍ରହ୍ମପୁର ପଲିଟେକ୍‌ନିକ୍, ଉମାଚରଣ ଯାନ୍ତ୍ରିକ କଲେଜ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୁଷୋତ୍ତମପୁର, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଶେରଗଡ଼, ଗୋପବନ୍ଧୁ ଶିଳ୍ପ ତାଲିମ କେନ୍ଦ୍ର, ବନଦେବୀ ଶିଳ୍ପ ତାଲିମ କେନ୍ଦ୍ର ଓ ବ୍ଲକ ପାଞ୍ଚର ସ୍କିଲ ଟ୍ରେନର୍ସ, ଛତ୍ରପୁର ଭଳି ଭିନ୍ନ ଅନୁଷ୍ଠାନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଧାନ ବିକ୍ରି ପାଇଁ ଚାଷୀଙ୍କ ଦାବିପତ୍ର

ସୋରଡ଼ା, ୨୩।୨ (ଡି.ଏନ୍.ଏ): ବ୍ଲକର ଏକଲପୁର ପଞ୍ଚାୟତର ୪୦ରୁ ଊର୍ଦ୍ଧ ଚାଷୀ ଧାନ କିଣାଯାଉନଥିବା ଅଭିଯୋଗରେ ଗୁରୁବାର ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ୧୬ ଜଣିଆ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ ସହ ମୁଖ୍ୟମନ୍ତ୍ରୀ, ଯୋଗାଣ ବିଭାଗ, ଜିଲାପାଳ ଓ ମୁଖ୍ୟ ଶାସନ ସ ଚିବଙ୍କୁ ପତ୍ର ଲେଖିଛନ୍ତି। ଟୋକନ ଥାଇ ମଧ ଧାନ କିଣା ଯାଉନଥିବା ସେମାନେ କହିଛନ୍ତି। ଚାଷୀ ଦେବରାଜ ନାୟକଙ୍କ କହିବା ଅନୁଯାୟୀ ସମବାୟ ସମିତି ଧାନ ନେଉ ନାହିଁ, ପଚାରିଲେ ଉତ୍ତର ମିଳୁଛି ଟାର୍ଗେଟ ନାହିଁ। ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁ କହିଛନ୍ତି, ବ୍ଲକର ସବୁ ପଞ୍ଚାୟତରେ ସମାନ ସମସ୍ୟା ଲାଗିରହିଛି। ଟୋକନ ଅବଧି ୩୦ ଦିନ ଥିଲା ବେଳେ ଉକ୍ତ ସମୟ ମଧ୍ୟରେ ଟାର୍ଗେଟ ଆସିପାରୁନି। ଯାହା ଟାର୍ଗେଟ ଥିଲା କିଣା ସରିଛି। ଆହୁରି ଅନେକ ଚାଷୀ ଧାନ ବିକ୍ରି ଅପେକ୍ଷାରେ ଥିବା ଯୋଗୁଁ ଜିଲା ଯୋଗାଣ ବିଭାଗକୁ ଟାର୍ଗେଟ ବଢ଼ାଇବାକୁ କହିଛୁ।

## ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ଧରାକୋଟ, ୨୩।୨(ଡି.ଏନ୍.ଏ): ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ଇଂ ପ୍ରଦୀପ କୁମାର ପତ୍ରି ଧରାକୋଟ ବ୍ଲକର କେତେକ ସମସ୍ୟା ନେଇ ବିଡ଼ିଓ ଡେନିସ ବେହେରାଙ୍କ ସହିତ ଆଲୋଚନା କରିଛନ୍ତି। ଧରାକୋଟ ଗ୍ରାମରେ ପିଇବା ପାଣି ପାଇଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସ ମାସ ଧରି ପାଣି ନ ଆସିବାରୁ ସାହିରେ ଥିବା ନଳକୂପ ଉପରେ ଭରସା କରୁଛନ୍ତି। ସେହିପରି ପଞ୍ଚାୟତ ଅଫିସ ପାଖରେ ଥିବା ବିଜୁ ପଟନାୟକ ମିନି ଷ୍ଟାଡ଼ିୟମଟି ବହୁ ବର୍ଷ ପୂର୍ବେ କାମ ସରିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସାଧାରଣ ଲୋକମାନଙ୍କ ପାଇଁ କାହିଁକି ଖୋଲାଯାଉନାହିଁ ଏବଂ ପାର୍କରେ ଲାଗିଥିବା ଯନ୍ତ୍ରପାତି କଳଙ୍କି ଲାଗି ଖରାପ ହୋଇଯାଇଥିବା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ୫ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କଲେ ଯୁଗ୍ମ ସଚିବ


ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଓ ଶିକ୍ଷକ ଶିକ୍ଷୟିତ୍ରୀ।

ଶେରଗଡ଼, ୨୩।୨(ଡି.ଏନ୍.ଏ.): ଶେରଗଡ଼ ବ୍ଲକର ଡେଙ୍ଗାପଦର ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟ ଏବେ ଜାତୀୟସ୍ତରରେ ନାଁ କରିଛି। ଏହି ବିଦ୍ୟାଳୟର ୫ ଛାତ୍ରୀଛାତ୍ର ଜାତୀୟ ସ୍ତରରେ ହେଉଥିବା ବିଜ୍ଞାନ ସେମିନାରକୁ ମନୋନୀତ ହୋଇଥିଲେ। ଅଷ୍ଟମ ଶ୍ରେଣୀର ମାମିନୀ ସେଠି, ଶୁଭଶ୍ରୀ ପ୍ରଧାନ, ପ୍ରଭାତ ଭୂୟାଁ, ଶଙ୍କର୍ଷଣ ପଣ୍ଡା, ଶୁଭମ ରଣା ବେଙ୍ଗାଲୁରୁଠାରେ ଆୟୋଜିତ ଜାତୀୟସ୍ତର ବିଜ୍ଞାନ ସେମିନାରରେ 'ହେଡ ଟୁ ଦି ଫ୍ୟୁଚର' ପକ୍ଷରୁ ପ୍ରୋଟୋ ଟାଇପ ପ୍ରକଳ୍ପ ବାଛି ଜାତୀୟ ସ୍ତରରେ ଅଷ୍ଟମ ସ୍ଥାନରେ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏଣୁ ବୁଧବାର ବିଦ୍ୟାଳୟରେ ଏକ ସଭା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ ପ୍ରମୁଖ ଯୋଗ ଦେଇ ୫ଜଣ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ।

# ଗଣିତ ବିଭାଗର ପାଠଚକ୍ର



ପାଠଚକ୍ରରେ ଅତିଥିମାନେ ସନ୍ଦର୍ଭ ଉନ୍ମୋଚିତ କରୁଛନ୍ତି।

ଭଞ୍ଜନଗର, ୨୩।୨(ଡି.ଏନ୍.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଗଣିତ ବିଭାଗର ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସାତ୍ୟକି ସାହୁ, ଶୈକ୍ଷିକ ପରିଷଦ ସମ୍ପାଦକ ପ୍ରାଧ୍ୟାପକ ବିଭାସ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରୁପ ଥିଓରି ଉପରେ ଲିଖିତ ସନ୍ଦର୍ଭକୁ ଛାତ୍ର ଶ୍ରୀତମ ଗୌଡ ଏବଂ ନୀଳମାଧବ ସାବତ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ଅଧ୍ୟାପିକା ଶାଳିନୀ ପ୍ରଧାନ, ଅଧ୍ୟାପକ ସତ୍ୟଜିତ ବେଉରା ସହଯୋଗ କରିଥିଲେ। ରୂପକ ଚାନ୍ଦ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

କାଶୀନଗର, ୨୩।୨


ଶିବିରରେ ଉପସ୍ଥିତ ଅତିଥି।

ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଜିଲା ପ୍ରଶାସନ ଓ କର୍ମ ନିଯୋଜନ କେନ୍ଦ୍ର ପକ୍ଷରୁ ଏକ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଡିଓ କପିଳେଶ୍ୱର ତାଣ୍ଡି ଯୋଗ ଦେଇଥିବା ବେଳେ ହାତୀବାଡ଼ି ଧନ୍ଦାମୂଳକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷ ଗଦାଧର ମହାରଣା, ଗୁମ୍ମା ଆଇଆଇଟିର ତାଲିମଦାତା ପ୍ରଶାନ୍ତ ମହାନ୍ତି, ବିଶ୍ୱଭୂଷଣ ସାମଲ, କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର, ଶିଆଳି ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ, କିଡିଗାଁ ସରପଞ୍ଚ ବି . ଶ୍ରୀଧର, ବୁଢୁରା ସମିତିସଭ୍ୟ ବାବୁ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଷ୍ଟମ ଓ ଦଶମ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତାସମ୍ପନ୍ନ ଯୁବତୀଯୁବକଙ୍କ ପାଇଁ ଥିବା ନିଯୁକ୍ତି ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସିଲେଇ, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ୍ ସେବା ଆଦି କ୍ଷେତ୍ରରେ ଯେପରି ନିଯୁକ୍ତି ପାଇପାରିବେ ସେ ନେଇ ତାଲିମଦାତାମାନେ ଉପସ୍ଥିତ ଶତାଧିକ ନିଯୁକ୍ତି ଆଶାୟୀଙ୍କୁ ପରାମର୍ଶ ଦେଇଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସମ୍ବର୍ଦ୍ଧନା ସଭା

ପାରଳାଖେମୁଣ୍ଡି, ୨୩।୨ (ଡି.ଏନ୍.ଏ)

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଓଡ଼ିଶା ସରକାର ଓ ଗଜପତି ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ଗୁରୁବାର ପାରଳାଖେମୁଣ୍ଡିସ୍ଥିତ ଆର୍‌ଏମ୍‌ସି ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ ନୂତନ ସଭ୍ୟସଭ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ମରିଅମ ରାଇତୋ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଧନେଶ୍ୱର ଭୁଁଆ, ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଏମ. ସୁଧରଣି, ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଫଲଗୁନୀ ମାଝୀ ମଞ୍ଚାସୀନ ଥିଲେ। ଅଧିବାସୀମାନେ କେବଳ କଳା ଓ ସଂସ୍କୃତି ଭିତରେ ସୀମିତ ରହିଗଲେ ହେବ ନାହିଁ, ଜନଜାତିମାନେ ସବୁ ସମୟରେ ଯେପରି ଆଗଧାଡ଼ିରେ ରହିବେ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଜିଲ୍ଲାପାଳ ପଣ୍ଡା କହିଥିଲେ, ଜନଜାତିଙ୍କ ଉନ୍ନତି ପାଇଁ ପ୍ରଶାସନ ସଦାସର୍ବଦା ଚେଷ୍ଟା ଜାରିରଖିଛି।

# ୟୁଏନ୍‌ଏଫ୍‌ପିଏ ପ୍ରତିନିଧିଙ୍କ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

ଗୋପାଳପୁର, ୨୩।୨(ଡି.ଏନ୍.ଏ.)


ୟୁଏନ୍‌ଏଫ୍‌ପିଏ ପ୍ରତିନିଧିଙ୍କ ସହ ଉଦ୍ଧାରକାରୀ ଦଳ ଓ ଛାତ୍ରୀଛାତ୍ର।

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନସ୍ଥ ଭେଙ୍କେଟେରାୟପୁର ଗ୍ରାମକୁ ସୁନାମୀ ସ୍ଥଳ ଚିହ୍ନଟ ହୋଇଥିବା ବେଳେ ବୁଧବାର ୟୁଏନ୍‌ଏଫ୍‌ପିଏର ଦୁଇ ଜଣିଆ ପ୍ରତିନିଧି ଦଳ ପରିଦର୍ଶନରେ ଆସିବା ସହ ଗ୍ରାମରେ ସୁନାମୀ ଓ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମ କରାଯାଇଛି। ୟୁଏନଏଫପିଏର ପ୍ରତିନିଧିମାନେ ହେଲେ ଥାଇଲାଣ୍ଡର ଆଞ୍ଚଳିକ ନିର୍ଦ୍ଦେଶକ ବର୍ଜନ ଆଣ୍ଡରସନ, ୟୁଏନ୍‌ଏଫ୍‌ପିଏର ଭାରତୀୟ ପ୍ରତିନିଧି ତଥା ଭୁଟାନ ଦେଶର ନିର୍ଦ୍ଦେଶକ ଆଣ୍ଡ୍ରିଆ ଏମ ୱେଜନାର। ନୂଆ ବକ୍ସିପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳୀରେ ସୁନାମୀ ସମୟରେ ନିଜେ ସୁରକ୍ଷିତ ରହିବା ସହ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା କରାଯିବା, ଗର୍ଭବତୀ ମହିଳାଙ୍କୁ କିପରି ସୁରକ୍ଷିତ ସ୍ଥାନାନ୍ତର କରାଯିବା ଏ ନେଇ ତାଲିମ ପ୍ରାପ୍ତ ଯୁବତୀମାନେ ମକ୍‌ଡ୍ରିଲ କରିଥିଲେ। ଏହି ଅବସରରେ ୟୁଏନଏଫପିଏ ଇଣ୍ଡିଆର ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡ଼.ଦୀପା ପ୍ରସାଦ, ଜରୁରୀକାଳୀନ ପରିସ୍ଥିତି ଡ଼େପୁଟିକଲେକ୍ଟର ସୁକାନ୍ତ ଚନ୍ଦ୍ର ମିଶ୍ର, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ୟୁଏନଏଫପିଏର କାର୍ଯ୍ୟକ୍ରମ ଅଧିକାରୀ ଓଡ଼ିଶାର ଡ଼.ଚାଣକ୍ୟ ମିଶ୍ର, ଓସ୍ଡ଼ମାର ସଂଯୋଜକ ସତ୍ୟବ୍ରତ ପାଢ଼ୀ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଦେବେନ୍ଦ୍ର ନାୟକ, ଏବିଡ଼ିଓ ତ୍ରିପତି ବାଲାଜୀ ସାମନ୍ତରାୟ, ଭାରପ୍ରାପ୍ତ ଜିପିଓ ରୂପକ ରଞ୍ଜନ ସାମନ୍ତରାୟ, ଓଏସଡ଼ି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସମୀର ପଟ୍ଟନାୟକ, ସୁଦେଶ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଏ ନାର୍ଣ୍ଣମ୍ମା, ଏନ.ବାସୁଦେବ ରାଓ, ସମିତିସଭ୍ୟ ଜୟସେନ ସାହୁ, ଭୀମଶଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଖୁଣ୍ଟରୁ ପଡ଼ି ବିଦ୍ୟୁତ୍ କର୍ମଚାରୀ ମୃତ



ଝୁମ୍ପୁରୀ,୨୩।୨ (ଡି.ଏନ୍.ଏ.): ବିଦ୍ୟୁତ୍ ବିଭାଗର ପିଛା ଛାଡୁନି ଅଘଟଣ । ଗତ ୧ ମାସ ତଳେ ବିଦ୍ୟୁତ୍ ଆଘାତରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବାବେଳେ ବୁଧବାର ରାତିରେ ସେହି ସମାନ ଢଙ୍ଗରେ ଅନ୍ୟଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ଖବର ଅନୁଯାୟୀ, ଦଶରଥପୁର ବ୍ଲକ୍ ମଧୁପୁର ଷ୍ଟ୍ରକଚର ଅଧୀନରେ ଥିବା ନାରୀଗାଁ ଫିଡ଼ରରେ କାର୍ଯ୍ୟରତ କର୍ମଚାରୀ ସୁଧାଂଶୁ ଗୁରୁ(୨୪) ଖୁଣ୍ଟରେ ଚଢ଼ି ମରାମତି କାମ କରୁଥିଲେ । ହେଲେ ବିଦ୍ୟୁତ୍ ଆଘାତରେ ଖୁଣ୍ଟିରୁ ଖସିପଡିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁଧାଂଶୁଙ୍କ ଘର ଅଳକୁଣ୍ଡସ୍ଥିତ ହଳଦୀଡ଼ିହ ଗାଁରେ। ସେ ଟାଟା ପାୱାର ଅଧୀନ ବିରଜା ଇଲେକ୍ଟ୍ରିକାଲ୍ସର ଜଣେ କର୍ମଚାରୀ ଭାବେ କାମ କରୁଥିଲେ । ତାଙ୍କ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି ।

### ଜଲ୍‌ସା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ବ୍ରହ୍ମବରଦା,୨୩।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତସ୍ଥିତ ମଦିନାବାଗର କୋଠିହ ନିକଟରେ ଥିବା ମାଦ୍ରାସା ପ୍ରାଙ୍ଗଣରେ ଜଲ୍‌ସା ଉତ୍ସବ ପାଳନ ଉପଲକ୍ଷେ ମୁସ୍ତି ମହମ୍ମଦ ସନାଉଲ୍ଲା କାସ୍‌ମି କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଦ୍ରାସାର ମୌଲାନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୫ ତାରିଖ ଶନିବାର ଅପରାହ୍ନ ୪ଟାରେ ଜଲ୍‌ସା ଉତ୍ସବ ଅନୁଷ୍ଠିତ ପାଇଁ ନିଷ୍ପତ୍ତି ହୋଇଛି। ଏହି ଉତ୍ସବରେ ମୁଖ୍ୟ ମୌଲାନା ସୟେଦ ଅଝର ମଦନି, ସାହାବ କାସ୍ମିଙ୍କ ସହ ଆଖ ପାଖ ଜିଲାରୁ ମୁଖ୍ୟ ମୌଲାନା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବେ ବୋଲି କମିଟି ତରଫରୁ ସୂଚନା ମିଳିଛି।

### ବାବା ଲିଙ୍ଗେଶ୍ୱର ପୀଠରେ ଭଜନ ପ୍ରତିଯୋଗିତା

ପାଣିକୋଇଲି,୨୩।୨(ଡି.ଏନ.ଏ.): ବାବା ଲିଙ୍ଗେଶ୍ୱର ପୀଠ ମୂଳାପାଳଠାରେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ୫୩ତମ ବାର୍ଷିକୋତ୍ସବ ଅବସରରେ ୫ଦିନ ବ୍ୟାପୀ ଜାଗରଯାତ୍ରା, ଭଜନ ସମାରୋହ, ରକ୍ତଦାନ ଶିବିର, ପତ୍ରିକା ଉନ୍ମୋଚନ, ବାର୍ଷିକ ଉତ୍ସବ, ନୃତ୍ୟ ପ୍ରତିଯୋଗିତା ଓ ଶେଷ ଦୁଇ ଦିନ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ଭାଗରେ ଏହି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଦୈତାରୀ ଧଳ, ସମ୍ପାଦକ ପ୍ରଦୀପ କୁମାର ଧଳ, ଉପସଭାପତି ସଦାନନ୍ଦ ସାମଲ, ସହସମ୍ପାଦକ ନିତ୍ୟାନନ୍ଦ ପରିଡା, କୋଷାଧ୍ୟକ୍ଷ ପ୍ରମୋଦ ସାହୁ, ଦାମୋଦର ଧଳ, ଭବପ୍ରସାଦ ଧଳ, ତାପସ ଧଳ, ନାଣ୍ଡୁ ମଲିକ, ରମେଶ ସାହୁ ଓ ଗଦାଧର ଧଳଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ।

# ମଣ୍ଡି ନ ଖୋଲି ମିଲରେ ଧାନ ସଂଗ୍ରହ

■ ପ୍ରଭାବଶାଳୀ ମିଲ ମାଲିକଙ୍କ ମନମାନି
■ କଟ୍‌ନୀ ଛଟ୍‌ନୀ ନାମରେ ୫ କେଜି ହ୍ରାସ
■ ଶୋଷିତ ଚାଷୀ, ନୀରବ ପ୍ରଶାସନ


କୋରେଇ ବ୍ଲକରେ ଥିବା ରାଇସ୍ ମିଲ୍ ।

ଯାଜପୁର ଅଫିସ,୨୩।୨ : ଯାଜପୁର ଜିଲାରେ ୨୦୨୨-୨୩ ଖରିଫ ବର୍ଷର ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ତେବେ ମଣ୍ଡିଗୁଡିକ ଉଦ୍‌ଘାଟନ କରି ପରବର୍ତ୍ତୀ ସମୟରେ ସେଠାରୁ ଧାନ ସଂଗ୍ରହ ହୋଇନାହିଁ। ଚାଷୀଙ୍କ ଧାନକୁ ସିଧାସଳଖ ମିଲଗୁଡିକୁ ପଠାଯାଉଥିବାରୁ ଚାଷୀଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ବ୍ଲକରେ ଥିବା ପ୍ରଭାବଶାଳୀ ୨ଟି ରାଇସ୍ ମିଲ ମାଲିକଙ୍କ ମନମାନି ଯୋଗୁ ଚାଷୀମାନେ ନାହିଁ ନ ଥିବା କ୍ଷତି ସହୁଛନ୍ତି। କୋରେଇ ବ୍ଲକର ୧୮ଟି ପାକ୍ସରେ କାଗଜ କଲମରେ ଧାନ ମଣ୍ଡି ଖୋଲିଥିବା ଦର୍ଶାଉଥିଲେ ମଧ ବାସ୍ତବରେ ସମ୍ପୃକ୍ତ ଚାଷୀ ଉକ୍ତ ମିଲଗୁଡିକରେ ଧାନ ବିକ୍ରୀ କରୁଥିବା ପ୍ରକାଶ କରିଛନ୍ତି। ପ୍ରାୟ ୧୫ ଦିନ ହେଲା ଧାନ ବିକ୍ରୀ କରି କେତେଜଣ ଚାଷୀ ଏଯାଏ ପ୍ରାପ୍ୟ ପାଇ ନ ଥିବା ମଧ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପାକ୍ସଗୁଡିକରେ ନିଜସ୍ୱ ଧାନ ମଣ୍ଡି ନ ଥିବାରୁ ଚାଷୀମାନେ ଗାଡ଼ିରେ ଧାନ ରଖି ଭଡ଼ା ବାବଦକୁ ଅଧିକ ଖର୍ଚ୍ଚାନ୍ତ ହେଉଥିବା ମତପ୍ରକାଶ ପାଇଛି।

ରାଜ୍ୟ ସେବା ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଯାଜପୁର ଜିଲାରେ ୧୨୦ ପାକ୍ସ(ପ୍ରାଥମିକ ସେବା ସମବାୟ ସମିତି) ରହିଛି। ସେଥିମଧ୍ୟରୁ ନିଜସ୍ୱ ଜମିରେ ୭୫ ପାକ୍ସ ଅଛି । ୨୫୯୫ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ମାତ୍ର ୩୫ଟି ପାକ୍ସରେ ଗୋଦାମ ଗୃହ ନିର୍ମାଣ ହୋଇଛି। ଏଥିରୁ ଚାଷୀ ଧାନ ବିକ୍ରୀ କରୁଥିବା ସମୟରେ କିଭଳି ହଇରାଣ ହେଉଥିବା ତାହା ସ୍ପଷ୍ଟ ମନେ ହେଉଛି। ମିଲର୍ସଙ୍କ ମନମାନୀ ସହ ଅଧିକାଂଶ ସମୟରେ ବାହାରେ ଧାନ ପଡି ରହୁଥିବା ଦେଖିବାକୁ ମିଳୁଛି। ଏଥିରେ ଚାଷୀ ବହୁ ସମୟରେ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡବ୍ଲ୍ୟୁଆଇଏଫ୍(ୱେର ହାଉସ ଇନଫ୍ରାଷ୍ଟ୍ରକ୍ଟର ଫଣ୍ଡ)ରେ ଖାଦ୍ୟଶସ୍ୟ ଗୋଦାମ ଗୃହ ନିର୍ମାଣ କରିବାକୁ ଯୋଜନା କରିଥିଲେ। ଅଥଚ ତାହା ବି ଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଆବଶ୍ୟକସ୍ଥଳେ ଧାନ ସଂଗ୍ରହ କେନ୍ଦ୍ରଠାରେ ଗୋଦାମ ଗୃହ ଭଡ଼ାରେ ନେବା ପାଇଁ ମଧ ନିର୍ଦ୍ଦେଶ ରହିଛି । କିନ୍ତୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ବଦଳରେ ସିଧାସଳଖ ମିଲଗୁଡ଼ିକୁ ଧାନ ପଠାଯାଉଛି। ଚାଷୀ ବିଚିତ୍ର ଶତପଥୀ କୁହନ୍ତି, ଧନେଶ୍ୱରରେ ମଣ୍ଡି ଖୋଲିବ ବୋଲି ଘୋଷଣା ହୋଇଥିଲା । ଏଥିପାଇଁ ସରକାରୀସ୍ତରରେ ଉଦ୍‌ଘାଟନ ମଧ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିକଟସ୍ଥ କୃପାଳୁ ଓ ଆଶୀର୍ବାଦ ରାଇସ ମିଲକୁ ଧାନ ପଠାଯାଇଥିଲା। ସେଠାରେ ଚାଷୀମାନେ ଗାଡ଼ି ଭଡା କରି ଧାନ ନେଇଥିଲେ। କିନ୍ତୁ ୨ ରୁ ୩ ଦିନ ପର୍ଯ୍ୟନ୍ତ ମିଲ କର୍ତ୍ତୃପକ୍ଷ ଧାନ କିଣି ନ ଥିଲେ। ଫଳରେ ଚାଷୀ ଗାଡ଼ି ଭଡା ବାବଦକୁ ୨ ଦିନକୁ ୩୦୦୦ ଟଙ୍କା ଲେଖାଏଁ ଦେବାକୁ ବାଧ ହୋଇଛନ୍ତି। ଏହାବାଦ୍ କଟ୍‌ନି ଛଟ୍‌ନି ନାମରେ କୁଇଣ୍ଟାଲ ପିଛା ୫ କେଜି ଲେଖାଏଁ ହ୍ରାସ କରିଥିବାରୁ ଚାଷୀ ବହୁ ଶୋଷଣର ଶିକାର ହୋଇଛନ୍ତି। ଚାଷୀ ରାମଚନ୍ଦ୍ର ଶତପଥୀ କହିଛନ୍ତି, ସେ ପ୍ରାୟ ୯୦ କୁଇଣ୍ଟାଲ ଧାନ ଦେଇଛନ୍ତି। ହେଲେ ଏଯାଏ ତାଙ୍କର ପ୍ରାପ୍ୟ ପାଇ ନାହାନ୍ତି। ଏଭଳି ଅନେକ ଚାଷୀ ଧାନ ବିକ୍ରୀ କରି ଶୋଷଣର ଶିକାର ହୋଇଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପୂର୍ବରୁ ପ୍ରତିବାଦ କରିଥିବାରୁ ଜିଲାପାଳ କଟ୍‌ନୀଛଟ୍‌ନୀ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେତେକ ମଣ୍ଡିରେ କଟନୀ ଅର୍ଥ ମଧ ଚାଷୀଙ୍କୁ ଫେରସ୍ତ କରିଛନ୍ତି। କିନ୍ତୁ ଏଠାରେ କାହିଁକି କଟନୀ ଅର୍ଥ ଫେରସ୍ତ ହେବ ନାହିଁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ୍ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, କୋରେଇ ବ୍ଲକରେ ଜହ୍ନା ଓ ଇଚ୍ଛାପୁର ମଣ୍ଡିରେ ଧାନ ସଂଗ୍ରହ କରାଯାଉଛି। ବାକି ମଣ୍ଡିଗୁଡିକରେ ଧାନ ସଂଗ୍ରହ ହେଉ ନ ଥିବାରୁ ସିଧାସଳଖ ମିଲ ଜରିଆରେ ଧାନ କିଣାଯାଉଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଆରବରେ ପ୍ରଶଂସା ସାଉଣ୍ଟିଲା ଓଡ଼ିଆ ଛାତ୍ରଙ୍କ ପ୍ରକଳ୍ପ

ବରୀ,୨୩।୨(ଡି.ଏନ.ଏ.): ସଂଯୁକ୍ତ ଆରବର ଏମିରେଟ୍ସରେ ଓଡ଼ିଆ ଛାତ୍ର ବାଜି ମାରିଛନ୍ତି। ସେଠାରେ ଚାଲିଥିବା ଇନୋଭେସନ ଆୱାର୍ଡ ୨୦୨୩ରେ ଶାରଜାସ୍ଥିତ ଜେମ୍ସ ଇଂଲିଶ ହାଇସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ଅନୀଶ ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଯାଜପୁର ଜିଲା ବରୀ ବ୍ଲକ୍ ଅନ୍ତର୍ଗତ ବାଲିବିଲ ଡିହସାହିର ଅନୀଶଙ୍କ ଦ୍ୱାରା ପ୍ରସ୍ତୁତ ସ୍ଥାୟୀ ସବୁଜ ପରିବେଶ ପ୍ରକଳ୍ପକୁ ବିଚାରକମାନେ ବେଶ୍ ପ୍ରଶଂସା କରିଛନ୍ତି। ଶାରଜାହ ଚାମ୍ବର ଅଫ କମର୍ସ ତରଫରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଏଥିରେ ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ୟାନେଲ ଆଲୋଚନାରେ ଭାଗନେଇ ପରିବେଶକୁ ସଫା ରଖିବା ଦିଗରେ ଗୁରୁତ୍ୱାରୋପ କରିଥିଲେ ଅନୀଶ। ସମସ୍ତେ ଦାୟିତ୍ୱବାନ ହୋଇ ପରିବେଶକୁ ସଫା ଓ ସବୁଜ ରଖିବା ତାଙ୍କର ପ୍ରକଳ୍ପର ଲକ୍ଷ୍ୟ ବୋଲି ସେ ପ୍ୟାନେଲରେ ବୁଝାଇଥିଲେ। ୨୦୨୨ରେ ଆଇ କ୍ୟାନର ଜାତୀୟ ଆଲୋଚନାଚକ୍ରରେ ମଧ ଅନୀଶ ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ପାଇଥିଲେ। ଜିଇଏମ୍‌ଏସ୍ ଗ୍ଲୋବାଲ ଆମ୍ବାସଡାର ସୋସାଇଟି ଦ୍ୱାରା ଆୟୋଜିତ ଏକ ସହଯୋଗୀ ତଥା ସ୍ଥାୟୀ ଆନ୍ତ ବିଦ୍ୟାଳୟ ପ୍ରକଳ୍ପ ଉପରେ କାର୍ଯ୍ୟ କରିବା ପାଇଁ ତାଙ୍କୁ ଟ୍ରିଏମବିଲିଟିରେ ପ୍ରମାଣପତ୍ର ମିଳିଛି। ତେବେ ଇନୋଭେସନ ଆୱାର୍ଡ ୨୦୨୩ରେ ଦ୍ୱିତୀୟ ସ୍ଥାନ ହାସଲ ପରେ ଅନିଶ କହିଛନ୍ତି, ପରିବେଶ ସୁରକ୍ଷା ଦିଗରେ ସେ ଆଗକୁ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିରେ ସହଯୋଗ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନିଶଙ୍କ ବାପା ବୈଦ୍ୟନାଥ ଜେନା ସଂଯୁକ୍ତ ଆରବ ଏମିରେଟ୍ସ ଦୁବାଇରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ତାଙ୍କ ମା' ଅନିମାରାଣୀ ଜେନା ଜଣେ ଫାର୍ମାସିଷ୍ଟ। ଏହି ଖବର ଜଣାପଡ଼ିବା ପରେ ସବୁ ମହଲରୁ ଅନୀଶଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।



ଛାତ୍ର ଅନିଶ ଜେନା ପାଇଥିବା ପୁରସ୍କାର ।

# ବରୁହାଁରେ କ୍ଷୁଦ୍ର ନିଯୁକ୍ତି ମେଳା

ଯାଜପୁର ସଦର,୨୩।୨(ଡି.ଏନ.ଏ.) ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ତରଫରୁ ଯାଜପୁର ଜିଲା ପ୍ରଶାସନ ଓ ଜିଲା ନିୟୋଜନ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଯାଜପୁର ଜିଲାରେ ପ୍ରଥମ କ୍ଷୁଦ୍ର ନିଯୁକ୍ତି ମେଳା ଗୁରୁବାର ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର ବରୁହାଁଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୁହାଁ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନର ଅଧକ୍ଷା ସବିତାରାଣୀ ସାହୁ, ସଂଗଠକ ଭାବେ ଜିଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୨୧ଟି ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ଯୋଗଦାନ କରିଥିଲେ। ୫ଟି ଦକ୍ଷତା ତାଲିମ୍ ପ୍ରଦାନ ଏବଂ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଉପସ୍ଥିତ ଥିଲେ। ଯାଜପୁର ଜିଲାର ପ୍ରାୟ ୫୬୨ ନିଯୁକ୍ତି ଆଶାୟୀ ଯୁବତୀଯୁବକ ମେଳାରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୨୮୫ଜଣ ନିଯୁକ୍ତି ଆଶାୟୀ ଯୁବତୀଯୁବକ ଚୟନ ହୋଇଛନ୍ତି।



ନିଯୁକ୍ତି ମେଳାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟ ଅଧିକାରୀ।

## ବାଲିଚନ୍ଦ୍ରପୁର ବଜାରରୁ ୫ ଫୁଟ୍‌ର ତମ୍ପ ଉଦ୍ଧାର

ବାଲିଚନ୍ଦ୍ରପୁର,୨୩।୨(ସ୍ୱ.ପ୍ର.): ବାଲିଚନ୍ଦ୍ରପୁର ବଜାର ଜାତୀୟ ରାଜପଥ ବାଇପାସ ଛକ ରାସ୍ତାର ଏକ ଦୋକାନରୁ ୫ ଫୁଟ୍ ଲମ୍ବର ତମ୍ପ ସାପ ଉଦ୍ଧାର କରାଯାଇ ସ୍ଥାନୀୟ ଅସିହା ପାହାଡ଼ରେ ଛାଡ଼ିଦିଆଯାଇଛି। ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଗ୍ରାମର ମାନସ ସାହୁ ନାମକ ଯୁବକ ସାପଧରିବାର ଟ୍ରେନିଂ ନେଇଛନ୍ତି। ସେ ଦୀର୍ଘ ୧୦ ବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ୨ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ସାପକୁ ଧରି ସ୍ଥାନୀୟ ଉଦୟଗିରି, ଲଳିତଗିରି ଏବଂ ଅସିହା ପର୍ବତମାଳାରେ ଛାଡ଼ିଥିବା ଜଣାପଡ଼ିଛି। ଯେତେବେଳେ କାହା ଘରେ ସାପ ପସି ବାହାରି ନ ପାରନ୍ତି ସେତେବେଳେ ଖୋଜା ପଡ଼େ ମାନସଙ୍କୁ। ଦିନ ହେଉ କି ରାତି ଘଟଣାସ୍ଥଳରେ ପହଞ୍ଚି ଯାଆନ୍ତି ମାନସ। ବିନାମୂଲ୍ୟରେ ସେ ଏହି ସେବା କାର୍ଯ୍ୟ ଦୀର୍ଘଦିନ ହେବ ଜାରିରଖିଥିବା ବେଳେ ଏଥିରେ ଅଞ୍ଚଳବାସୀ ଉପକୃତ ହୁଅନ୍ତି। ମାତ୍ର ତାଙ୍କୁ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରୋତ୍ସାହନ ମିଳି ନ ଥିବା ମାନସ ପ୍ରକାଶ କରିଛନ୍ତି। ବନବିଭାଗ ପକ୍ଷରୁ ତାଙ୍କୁ ୱାଇଲଡ୍ ଲାଇଫ୍ ହେଲ୍ପଲାଇନରେ ଅନ୍ତର୍ଭୁକ୍ତ କରିବା ସହ ସରକାରୀସ୍ତରରେ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଭାଜପା

ବରୀ,୨୩।୨(ଡି.ଏନ.ଏ.): ଓଡ଼ିଶାର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବରୀ ଭାଜପା। ଏନେଇ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ନେତା ଉମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଦଗାର କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଓଡ଼ିଶାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଲୋକେ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଏପରି କି ଯେଉଁ ରାଜ୍ୟରେ କ୍ୟାବେନେଟ୍ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି ସେଠାରେ ସାଧାରଣ ଲୋକଟିଏ କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ। ମୁଖ୍ୟମନ୍ତ୍ରୀ ଆଇନ ଶୃଙ୍ଖଳା ରକ୍ଷା କରିବାରେ ବିଫଳ ହୋଇଥିବାରୁ ତୁରନ୍ତ ସେ ଇସ୍ତଫା ଦିଅନ୍ତୁ ବୋଲି ଉମେଶ ଦାବି କରିଛନ୍ତି। ଏଥିସହିତ ବରୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି। ଏଥିପ୍ରତି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ପରିଡ଼ା, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଜେନା, ଗୀତାଞ୍ଜଳି ରାଉତ, ମନୋଜ ମହାପାତ୍ର ଓ ସୌଭାଗ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ପୂର୍ବତନ ବ୍ଲକ ଅଧକ୍ଷଙ୍କ ଘରୁ ଡକାୟତି
## ୩ ଲକ୍ଷ ଟଙ୍କା, ୮୦ ଭରି ସୁନାଗହଣା ଲୁଟ୍

କଳିଙ୍ଗନଗର,୨୩।୨(ଡି.ଏନ.ଏ.): ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷ ବିଶ୍ୱଜିତ ଦାସଙ୍କ ଡୁବୁରୀସ୍ଥିତ ବାସଭବନରେ ବୁଧବାର ରାତିରେ ଡକାୟତି ହୋଇଛି। ବିଶ୍ୱଜିତ ଭୁବନେଶ୍ୱର ଯାଇଥିବାବେଳେ ଘରେ ୨ ଭଉଣୀ, ମା' ଓ ସହାୟିକା ଥିଲେ। ରାତି ପ୍ରାୟ ୧ଟା୩୦ରେ ୪ ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ଘରଭିତରକୁ ପଶିଥିଲେ। ସହାୟିକା ଦୁର୍ବୃତ୍ତଙ୍କୁ ଦେଖି ପାଟି କରିବାରୁ ତାଙ୍କୁ ସେମାନେ ବାନ୍ଧି ଦେଇଥିଲେ। ପରେ ବିଶ୍ୱଜିତଙ୍କ ବଡ଼ ଭଉଣୀଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ସେ ପିନ୍ଧିଥିବା ସୁନା ଅଳଙ୍କାର ନେବା ପରେ ଆଲମିରା ଚାବି ମାଗିଥିଲେ। ଆଲମିରା ଭିତରେ ଥିବା ନଗଦ ୩ ଲକ୍ଷ ଟଙ୍କା ଓ ପ୍ରାୟ ୮୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଲୁଟି ନେଇଥିଲେ। ବିଶ୍ୱଜିତଙ୍କ ସାନ ଭଉଣୀଙ୍କୁ ବନ୍ଧୁକ ଦେଖାଇ ସେ ପିନ୍ଧିଥିବା ସୁନା ଅଳଙ୍କାର ଓ ବ୍ୟାଗରେ ଥିବା ସୁନା ଅଳଙ୍କାର ସବୁକୁ ଛଡ଼ାଇ ନେବା ପରେ ରାତି ପ୍ରାୟ ୩ଟାରେ ଖସି ପଳାଇଥିଲେ। ପରେ ୨ ଭଉଣୀ ପଡୋଶୀ ଓ ଭାଇ ବିଶ୍ୱଜିତଙ୍କୁ ଖବର ଦେଇଥିଲେ। ଗୁରୁବାର ସକାଳେ କଳିଙ୍ଗନଗର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବିଶ୍ୱଜିତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇନାହିଁ। ପୋଲିସ ନିଜଆଡୁ ଏକ ମାମଲା ନଂ.୩୬/୨୩ ରୁଜୁ କରିଛି।

# ଡିଫାକପ୍ ଫୁଟବଲ୍, ଏମ୍‌ଏମ୍‌ଏଏ କ୍ଲବ ସେମିରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଧର୍ମଶାଳା,୨୩।୨(ଡି.ଏନ.ଏ.): ଧର୍ମଶାଳା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୫ତମ ଡିଫାକପ୍ ଓ ୫ମ ରଞ୍ଜିତ ସ୍ୱାଇଁ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଧର୍ମଶାଳା ଡିଫାକୁ ୫/୪ ଗୋଲରେ ପରାସ୍ତ କରି ଯାଜପୁର ଏମ୍‌ଏମ୍‌ଏଏ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଏହି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୧/୧ ଗୋଲରେ ଅମିମାଂଶିତ ହେବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଯାଜପୁର ଏମ୍‌ଏମ୍‌ଏଏ କ୍ଲବ ଧର୍ମଶାଳା ଡିଫାକୁ ୫/୪ ଗୋଲରେ ପରାସ୍ତ କରିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଡିଫା କ୍ଲବର ମଳୟ ପ୍ରଧାନ ଗୋଟିଏ ଗୋଲ ଦେଇ ଟିମକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଏମ୍‌ଏମ୍‌ଏଏ କ୍ଲବର ମନୋଜ ଜେନା ଗୋଟିଏ ଗୋଲଦେଇ ମ୍ୟାଚ୍‌କୁ ଡ୍ର କରାଇଥିଲେ। ମ୍ୟାଚ୍‌ର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିଜୟୀ ଦଳର ବାପୁନୀ ବିନ୍ଧାଣୀଙ୍କୁ ମ୍ୟାନ୍‌ଅଫ୍‌ଦି ମ୍ୟାଚ୍ ଘୋଷଣା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ତାଜଉଦ୍ଦିନ ଖାଁ ଓ ଶୈଳେଷ ପାଣି ପରିଚାଳନା କରିଥିବା ବେଳେ ସେକ୍ ଆସିଫ ଓ ମନୋରଞ୍ଜନ ନାୟକ ଲାଇନରେ ସହାୟତା କରିଥିଲେ। ଅତିଥିଭାବେ ପ୍ରଧାନଶିକ୍ଷକ ଅମ୍ବୁଜ କୁମାର ଦାସ, ଓସିଆର୍‌ସିସି ବ୍ରଜକିଶୋର ପଣ୍ଡା ଯୋଗ ଦେଇଥିଲେ। ଶୁକ୍ରବାର ମ୍ୟାଚ୍ ଗ୍ରାଣ୍ଟ୍ କ୍ଲବ କଟକ ଓ ଟିଏଫ୍‌ସି ବାରିପଦା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

# ରେଳ ଷ୍ଟେଶନ ନାମ ସଂଶୋଧନ ଦାବିରେ ଗଣଧାରଣା

## ରତ୍ନଗିରି ରୋଡ୍ ହେଉ ଉଦୟଗିରି-ରତ୍ନଗିରି ରୋଡ୍

ଚଣ୍ଡଖୋଲ/ବାଲିଚନ୍ଦ୍ରପୁର, ୨୩।୨(ଡି.ଏନ.ଏ./ସ୍ୱ.ପ୍ର.): ହରିଦାସପୁର-ପାରାଦୀପ ରେଳପଥର ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ପଦ୍ମନାଭପୁରଠାରେ ଏକ ଷ୍ଟେଶନ ରହିଛି। ଏହି ଷ୍ଟେଶନର ନାମ ରତ୍ନଗିରି ରୋଡ୍ ରଖାଯାଇଛି। ମାତ୍ର ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକଶା ପାଇଛି। ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଓ ରତ୍ନଗିରିକୁ ଏହି ଷ୍ଟେଶନରୁ ରାସ୍ତା ପଡ଼ିଥିବାରୁ ଦେଶ ଏବଂ ବିଦେଶର ପ୍ରର୍ଯ୍ୟଟକ ଏଠାକୁ ଆସିବେ। ସେଥିପାଇଁ ଷ୍ଟେଶନର ନାମ ସଂଶୋଧନ କରାଯାଇ ଉଦୟଗିରି-ରତ୍ନଗିରି ରୋଡ୍ ରଖାଯାଉ ବୋଲି ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ତରଫରୁ ଦାବି କରାଯାଇ ଗୁରୁବାର ଷ୍ଟେଶନ ନିକଟରେ ଗଣଧାରଣା ଦିଆଯାଇଛି।

ସମିତି ଆବାହକ ମହେଶ୍ୱର ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଧାରଣାରେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସାମଲ, ଉମାକାନ୍ତ ବଳ, ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ନିରଞ୍ଜନ ସାହୁ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ଶାନ୍ତି, କମ୍ୟୁନିଷ୍ଟ ନେତା ଈଶ୍ୱର ଚନ୍ଦ୍ର ପରିଡ଼ା, ଅଜୟ କୁମାର ବିଶ୍ୱାଳ, ଭାଜପା ନେତ୍ରୀ ଶ୍ରୀମନ୍ତିନୀ ଜେନା, ନିର୍ମଳା ଘଡ଼େଇ, ହରିଶ୍ଚନ୍ଦ୍ର ମହାରଣା ଓ ନିରଞ୍ଜନ ସିଂ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଧାରଣା ଦେଇଥିଲେ। ପୂର୍ବତଟ ରେଳବାଇ ଖୋର୍ଦ୍ଧା ଡିଭିଜନର ଡିସିଏମ୍ ଗିରିଶ ଚନ୍ଦ୍ର ନାୟକ ସେଠାରେ ଉପସ୍ଥିତ ରହି ଧାରଣାକାରୀଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରିଥିଲେ। ଡ. ଭାଗ୍ୟଧର ସାହୁ ଧନ୍ୟବାଦ ଦେଇଥିଲେ। ସାରଦା ପ୍ରସନ୍ନ ମହାନ୍ତି ଆନ୍ଦୋଳନକୁ ସହଯୋଗ କରାଯିବ ବୋଲି ଘୋଷଣା କରିଥିଲେ। ସୁରକ୍ଷା ପାଇଁ ରେଳବାଇ ପୋଲିସ ଓ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।



ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ କଲେଜରେ ଆପଦମିତ୍ର ତାଲିମ ଶିବିର

ପଟ୍ଟାମୁଣ୍ଡାଇ,୨୩।୨( ଡି.ଏନ୍.ଏ.): ଓସଡ଼ମା ଓ ଏନ୍‌ଡିଏମ୍‌ଏର ମିଳିତ ଆନୁକୂଲ୍ୟରେ ୧୨ ଦିନିଆ ଆପଦମିତ୍ର ତାଲିମ ଶିବିର ଅନ୍ୱେଷଣ ସମ୍ପାଦକ ଅନନ୍ତ କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପଟ୍ଟାମୁଣ୍ଡାଇ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରକଳ୍ପ ଅଧିକାରୀ ସନ୍ତୋଷ ବେହୁରିଆ ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। । ତାଲିମଦାତା ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀନିବାସ ପ୍ରଧାନ, ପ୍ରଭାତ ପଳାଇ, ଲୋକନାଥ ମହାରଣା,ସରୋଜ ବେହେରା, ପ୍ରଦୀପ ପ୍ରଧାନଙ୍କ ସମେତ ଓଡ୍ରାଫ୍, ସିଭିଲ ଡିଫେନ୍ସ ଓ ଫାୟାର୍ ଅଧିକାରୀମାନେ ଆପଦକାଳୀନ ସମୟରେ ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ରାଜନଗର ବ୍ଲକର ୪୦ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ଅନନ୍ୟା ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ତାଲିମ ନେଇଥିବା ସ୍ୱେଚ୍ଛାସେବୀଙ୍କୁ ସାର୍ଟିଫିକେଟ୍, ଟ୍ରେନିଂ କିଟ୍ ଓ ପୋଷାକ ଆଦି ବଣ୍ଟନ କରିଥିଲେ। ସନ୍ତୋଷ ବେହୁରିଆ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ତ୍ରିପାଠୀ, ସୂର୍ଯ୍ୟକାନ୍ତ ବାରିକ,ମନୋରଞ୍ଜନ ଦାସ ଓ ବିଘ୍ନେଶ୍ୱର ମଲିକ ପ୍ରମୁଖ ପରିଚାଳନା କରିଥିଲେ।

### ଏନ୍‌ବିଡ଼ବ୍ଲ୍ୟୁ ଫେରାର ଅଭିଯୁକ୍ତ ଗିରଫ

ଆଲି, ୨୩।୨(ଡି.ଏଡ଼.ଏ.): ଆଲି ଥାନା ପୋଲିସ ଏନ୍‌ବିଡବ୍ଲ୍ୟୁ ଫେରାର ଅଭିଯୁକ୍ତ ବିଜୟ ରାୟ (ଚଣ୍ଡିଆ)ଙ୍କୁ ଗୁରୁବାର ସନ୍ଧ୍ୟାରେ ଗିରଫ କରିଛି। ମିଳିଥିବା ସୂଚନା ମୁତାବକ, ୨୦୧୬ ରେ ବିଜୟଙ୍କ ନାମରେ ଏକ ବଳାତ୍କାର ଅଭିଯୋଗ ହୋଇଥିଲା। ଦୀର୍ଘଦିନ ହେବ ଅଭିଯୋଗକାରିଣୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୫୫/୧୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିବା ଆଇଆଇସି ଦିଲୀପ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଜୟ ଏକ ଖବରକାଗଜର ପ୍ରତିନିଧି ଭାବେ କାର୍ଯ୍ୟରତ ଅଛନ୍ତି।

### ମାର୍ଚ୍ଚ ୧ରୁ ପେଣ୍ଠ ବେଳାଭୂମିରେ ତଣ୍ଡା ଯଜ୍ଞ

ରାଜନଗର,୨୩।୨(ଡି.ଏନ୍.ଏ.):ରାଜନଗର ତଣ୍ଡାକୂଳରେ ୬୦ ଦଶକରୁ ମହିମା ଅଲେଖି ସନ୍ଥମାନଙ୍କ ଦ୍ୱାରା ତଣ୍ଡା ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଏହି ଅଖଣ୍ଡ ବ୍ରହ୍ମଧୂନି ଯଜ୍ଞରେ ସମୁଦ୍ର ଦେବତାଙ୍କୁ ଶାନ୍ତ କରିବାକୁ ୫ଦିନ ଧରି ଆଧାତ୍ମିକ ମହୋତ୍ସବ ମାର୍ଚ୍ଚ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହିମା ଧର୍ମର ସିଦ୍ଧ ମହାପୁରୁଷ ବାମନ ବାବା ଦୀର୍ଘ ୭୪ବର୍ଷ ତଳେ ପେଣ୍ଠ ବେଳାଭୂମି ସଂଲଗ୍ନ କାନପୁରଠାରେ ଏହି ବିଶ୍ୱଶାନ୍ତି ଯଜ୍ଞ ସ୍ଥାପନ କରିଥିଲେ। ବଙ୍ଗୋପସାଗର ଭିତରେ କାନପୁର ଗାଁ ଲୀନ ହେବା ପରେ ଏବେ ପେଣ୍ଠ ବେଳାଭୂମିରେ ଆୟୋଜନ କରାଯାଉଛି। ମହିମା ଧର୍ମର ଅନ୍ୟତମ ସନ୍ଥ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଣ୍ଡା ଯଜ୍ଞ ହେବ। ୧ ତାରିଖରେ ଶୁଭ ଅଧିବାସ ଓ ଅଖଣ୍ଡ ବ୍ରହ୍ମଧୂନି ସ୍ଥାପନ କରାଯିବ। ପ୍ରତି ସନ୍ଧ୍ୟାରେ ସନାତନ ଧର୍ମ ଉପରେ ଧର୍ମସଭା ଆୟୋଜନ କରାଯିବ ବୋଲି ବ୍ରହ୍ମଧୂନି ପରିଚାଳନା କମିଟିର ସଭାପତି ରବୀନ୍ଦ୍ର ପଢିହାରୀ, ଉପସଭାପତି ନିମାଇଁ ବେହେରା, ସମ୍ପାଦକ କ୍ଷୀରୋଦ କୁମାର ରାଉତ, ପ୍ରମୁଖ ସୂଚନା ଦେଇଛନ୍ତି।

# ହ୍ରାସ ପାଉଛି ପ୍ରାଣୀଧନ ସଂଖ୍ୟା

- ଅର୍ଥନୀତି,ପରିବେଶ ଉପରେ ପକାଉଛି ପ୍ରଭାବ
- ଗୋଚର ଜମି ଜବରଦଖଲକାରୀଙ୍କ କବ୍‌ଜାରେ
- ପଶୁଧନ ଚିକିତ୍ସାଳୟ ଖୋଲିବାରେ ଅନିୟମିତତା

କେନ୍ଦ୍ରାପଡ଼ା ଅଫିସ, ୨୩।୨

ପ୍ରାଣୀଧନ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ କୃଷି ବିଭାଗ ପକ୍ଷରୁ ଏକାଧିକ ଯୋଜନା ପ୍ରସ୍ତୁତ ସହ ଅର୍ଥବ୍ୟୟ କରାଯାଉଛି । ତେବେ କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ଗୋଚର ଜମି ଜବରଦଖଲକାରୀଙ୍କ ନିକଟକୁ ଚାଲି ଯାଉଥିବା ବେଳେ ପ୍ରାଣୀଧନ ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା କରୁଛନ୍ତ। ଯାହା ଜିଲାର ଅର୍ଥନୀତି ଓ ପରିବେଶ ଉପରେ ପ୍ରଭାବ ପକାଉଛି ବୋଲି ବୁଦ୍ଧିଜୀବୀ ଓ ଚାଷୀମାନେ ମତବ୍ୟକ୍ତ କରିଛନ୍ତି ।

ସୂଚନା ଅନୁଯାୟୀ, ୨୦୦୦ ମସିହାରେ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ୯,୨୪,୩୯୬ ଗୋମହିଷାଦି, ୧,୨୪,୫୯୦ ଛେଳି, ୩୮,୮୮୬ ମେଣ୍ଢା ଓ ୧,୩୮,୫୦୦ କୁକୁଡା ବତକ ଥିଲେ। ୨୦୧୨ରେ ୩,୬୫,୮୯୦ ଗୋମହିଷାଦି, ୧,୦୭,୮୨୯ ଛେଳି, ୧୪,୮୮୫ ମେଣ୍ଢା ଓ ୧,୩୦,୮୨୯ କୁକୁଡା ବତକ ଥିବା ଗଣନାରୁ ସ୍ପଷ୍ଟ ହୋଇଥିଲା। ତେବେ ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୨ ପ୍ରତିଶତରୁ ଅଧିକ ପ୍ରାଣୀଧନ ହ୍ରାସ ପାଇଛି। ଜିଲାର ୩,୨୧,୯୩୪ ପରିବାର ମଧ୍ୟରୁ ଗ୍ରାମାଞ୍ଚଳରେ ରହୁଥିବା ୩,୦୫,୮୬୮ ପରିବାର ପାଇଁ ଗୃହପାଳିତ ପ୍ରାଣୀ ରୋଜଗାରର ମୁଖ୍ୟ ବିକଳ୍ପ ସାଜିଛନ୍ତି। ଏହି ପରିବାର ପ୍ରାଣୀଧନ ଦ୍ୱାରା ନିଜର



ଚଉଦକୁଳାଟରେ ମଇଁଷି ପଲ ।

ଆର୍ଥିକ ଆବଶ୍ୟକତା କିଛିମାତ୍ରାରେ ପୂରଣ କରିଥାନ୍ତ। ସେହିପରି ପ୍ରାଣୀଧନର ମଳମୂତ୍ର ବ୍ୟବହାର କରି ଚାଷୀ କ୍ଷେତକୁ ଉର୍ବର କରିବା ସହ କୀଟନାଶକ ଭାବେ ବ୍ୟବହାର କରିଥାନ୍ତି। ଫଳରେ ପରିବେଶର ସନ୍ତୁଳନ ରକ୍ଷା ପାଇଥାଏ। ୧୯୯୯ ମହାବାତ୍ୟା ପ୍ରାଣୀଧନ ପାଇଁ ବିପତ୍ତି ଆଣିଥିଲା। ଏହା ପରଠାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ପ୍ରାଣୀଧନ ହ୍ରାସ ରୋକିବାକୁ ବିଭାଗୀୟ ଅଧିକାରୀ ଅଧିକ ନଜର ଦେଉନାହାନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ କୁହନ୍ତି, କେନ୍ଦ୍ରାପଡ଼ାର କୁଜି ମେଣ୍ଢାକୁ ସ୍ୱତନ୍ତ୍ର ମାନ୍ୟତା ୨୦୧୬ରେ ମିଳିଛି। ଏହି ମେଣ୍ଢାର ପ୍ରଜନନ କ୍ଷମତା ଅଧିକ। ଏହି ପ୍ରଜାତିର ମେଣ୍ଢା ପାଳନ ଦ୍ୱାରା ଚାଷୀକୁ ଅଳ୍ପ ଅବଧି ମଧ୍ୟରେ ଅଧିକ ଲାଭ ମିଳିଥାଏ। ତେବେ ଏହି ଧରଣର ମେଣ୍ଢା ପାଇଁ କୌଣସି ପ୍ରୋତ୍ସାହନ ନାହିଁ। ସେହିପରି କୁକୁଡ଼ା ବତକ ଚାଷ ପାଇଁ ଜିଲାରେ ଉପଯୁକ୍ତ ପରିବେଶ ଅଛି। ତେବେ ତାଲିମ, ପ୍ରୋତ୍ସାହନ, ସଚେତନତା ଆଦି ନାହିଁ। କୃଷିଭିତ୍ତିକ ଏହି ଜିଲାରେ ଗୋ ମହିଷାଦିଙ୍କ ଗୁରୁତ୍ୱ ଅଧିକ। ଫସଲଠାରୁ ଦୁଗ୍ଧଜାତ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ଏମାନଙ୍କ ଭୂମିକା ଅତୁଳନୀୟ। ଦୁଗ୍ଧଜାତ ପଦାର୍ଥ ବାହାର ଜିଲାରୁ ଏଠାକୁ ଆସୁଥିବା ବେଳେ ଚାରଣ ଭୂମି ଏବେ ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ଏସବୁ ବ୍ୟତିକ୍ରମ ଫଳରେ ପ୍ରାଣୀଧନ ହ୍ରାସ ହେଉଥିବା ସେ ମତ ରଖିଛନ୍ତି। ଡେରାବିଶର ମନୋଜ ନାୟକ କହିଛନ୍ତି, ଓଡ଼ିଆ ସଂସ୍କୃତି ଗୃହପାଳିତ ପ୍ରାଣୀ ପକ୍ଷୀକୁ ଆର୍ଥିକ ବିକାଶ ସହିତ ପରିବେଶ ସୁରକ୍ଷା ସହ ଯୋଡ଼ା ଯାଉଥିଲା। କେନ୍ଦ୍ରାପଡ଼ା ପରି ପ୍ରାକୃତିକ ବିପର୍ଯ୍ୟୟ ଭରା ଜିଲାରେ ଏହାର ଗୁରୁତ୍ୱ ମଧ୍ୟ ଅଧିକ। ପ୍ରାଣୀଧନ ଏବେ ପରିବାରର ଭରଣପୋଷଣ ଓ ଚାଲିଚଳଣ ପାଇଁ ଉପଯୋଗୀ ହୋଇ ରହିନାହିଁ। ପ୍ରାୟ ୧ ହଜାର ହେକ୍ଟର ଗୋଚର ଭୂଇଁ ଜବରଦଖଲକାରୀ ମାଡ଼ି ବସିଛନ୍ତି। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ ସେହି ଜମିକୁ ଉଦ୍ଧାର କରାଯାଉ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ କୁହନ୍ତି, ଜିଲାର ପ୍ରତି ବ୍ଲକ ହେଡ଼କ୍ୱାର୍ଟର ସମେତ ମୋଟ ୧୪ଟି ପ୍ରାଣୀ ଚିକିତ୍ସାଳୟ ଅଛି। ସେହିପରି ବିଭିନ୍ନ ପଞ୍ଚାୟତରେ ୯୬ଟି ଏଲ୍‌ଆଇ ସେଣ୍ଟର ଅଛି। ଏଗୁଡିକ ନିୟମିତ ଖୋଲୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପ୍ତି ମହାପାତ୍ର କହିଛନ୍ତି, ପ୍ରାଣୀଧନ ବିକାଶ ପାଇଁ ବିଭାଗ କାର୍ଯ୍ୟ କରୁଛି। ଜିଲାରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ପ୍ରାଣୀଧନ ହ୍ରାସ ହାର ଆଗ ଅପେକ୍ଷା କମିଛି। ବିଭିନ୍ନ ଫାର୍ମରେ କୁକୁଡ଼ା, ବତକ, ଗୋମହିଷାଦି ପାଳନ କରାଯାଉଛି ।

## ପ୍ରଚାର ଗାଡ଼ିକୁ ନେଇ ଅସନ୍ତୋଷ

### ଗୁରୁତର ରୋଗୀ, ଛାତ୍ରୀଛାତ୍ରଙ୍କ ପାଇଁ ଚିନ୍ତା

ପଟ୍ଟାମୁଣ୍ଡାଇ ୨୩।୨(ଡି.ଏନ୍.ଏ.)

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଗଳିକନ୍ଦିରେ ବେଆଇନ ଭାବେ ଏକାଧିକ ପ୍ରଚାର ଗାଡ଼ି ପ୍ରତିଦିନ ବୁଲୁଥିବାରୁ ଶାନ୍ତିଭଙ୍ଗ ହେଉଥିବା ଅଭିଯୋଗ ହୋଇଛି । ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଡାକବାଜିଯନ୍ତ୍ର ବ୍ୟବହାର କରି ନିଜ ବ୍ୟବସାୟ ସଂକ୍ରାନ୍ତରେ ପ୍ରଚାର କରୁଛନ୍ତି । ଏଥିପାଇଁ ଉପଜିଲାପାଳ ଓ ପୋଲିସର ଅନୁମତି ନେବା ନିୟମ ଥିଲେ ହେଁ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଅନ୍ୟପକ୍ଷେ ଡିଜେ ବାଜିବା ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ଥିବା ସତ୍ତ୍ୱେ ବିବାହ ଉତ୍ସବ ଓ ବିଭିନ୍ନ ପୂଜାପାର୍ବଣରେ ଆୟୋଜିତ ଭସାଣୀ ଶୋଭାଯାତ୍ରାରେ ତାହା ବାଜୁଛି । ଉଚ୍ଚ ଶବ୍ଦରେ ଡିଜେ ବାଜିବା ଯୋଗୁ ଛୋଟ ପିଲା ଓ ହୃଦ୍‌ରୋଗୀମାନଙ୍କ ପାଇଁ ଏହା ଘାତକ ସାବ୍ୟସ୍ତ ହୋଇପାରେ ବୋଲି ଅଭିଯୋଗ ହୋଇଛି । ବିଶେଷକରି ପଟ୍ଟାମୁଣ୍ଡାଇ ସହରରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପ୍ରଚାର ପାଇଁ ଡାକବାଜିଯନ୍ତ୍ର ବହୁଳ ଭାବେ ବ୍ୟବହାର କରିଛନ୍ତି । ଅନ୍ୟପକ୍ଷେ ବିନା ଅନୁମତିରେ ଏହି ପ୍ରଚାର ଗାଡ଼ିଗୁଡ଼ିକ ବଜାର ଓ ସାହିବସ୍ତିରେ ବୁଲୁ ଥିବାରୁ ଛାତ୍ରୀଛାତ୍ର ଓ ଗୁରୁତର ରୋଗୀମାନେ ସମସ୍ୟାରେ ପଡ଼ିଛନ୍ତି। ଆଗକୁ ସ୍କୁଲ ଓ କଲେଜପିଲାଙ୍କ ପରୀକ୍ଷା ଥିବାରୁ ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି । ସହରାଞ୍ଚରେ ୩୦ଧାରା ବଳବତ୍ତର ଥିବାବେଳେ ପ୍ରଚାର ଗାଡ଼ି ଉପଜିଲାପାଳ କିମ୍ବା ପୋଲିସର ଅନୁମତି ନ ନେଇ ପ୍ରଚାର କରିବା ସାଧାରଣରେ ବିସ୍ମୟ ସୃଷ୍ଟି ହୋଇଛି। ଏପରି ପ୍ରଚାର ଗାଡ଼ି ଉପରେ ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ବାହ୍ୟ ମଳମୁକ୍ତ ଯୋଜନା ପ୍ରହସନ

### ପାଇଖାନା ନ ଥାଇ ପୁରସ୍କାର ଅର୍ଥ ଆତ୍ମସାତ୍ ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୩।୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନା ଫେଲ୍ ମାରିଛି। ଅଧିକାଂଶ ଗାଁ ଅଳିଆ ଆବର୍ଜନାରେ ପୁରି ରହିଛି। ଲୋକେ ବାହାରେ ମଳତ୍ୟାଗ କରୁଛନ୍ତି। କେତେଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ଏହି ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି।

ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ,ହିମାଂଶୁ ଶେଖର ବିଶ୍ୱାଳ, ସୁକାନ୍ତ ସାମଲ, ଆଇନଜୀବୀ ପ୍ରମୋଦ ସାହୁ ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ବାହ୍ୟ ମଳମୁକ୍ତ ଯୋଜନା ଠିକ୍ ଭାବେ ଚାଲିନାହିଁ। ବ୍ଲକର ପ୍ରତି ଗାଁକୁ ବାହ୍ୟ ମଳମୁକ୍ତ କରିବା ପାଇଁ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ସରକାରଙ୍କ ଏହି ଅଭିଯାନରେ ଯେଉଁ ହିତାଧିକାରୀ ନିଜସ୍ୱ ପାଇଖାନା ନିର୍ମାଣ କରିବେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ତାଙ୍କୁ ୧୨ ହଜାର ଟଙ୍କା ପୁରସ୍କାର ବାବଦରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ଏଥିନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଲୋକଙ୍କୁ ସଚେତନତା କରି ପାଇଖାନା ନିର୍ମାଣ କରାଇବା ପରିବର୍ତ୍ତେ ୧୨ ହଜାର ଟଙ୍କା ନିଅ ପାଇଖାନା କର




ବୋଲି କହୁଛନ୍ତି । ଆଜି ବି ଲୋକେ ପାଇଖାନା ପାଇଁ ରାଜ୍ୟ ସରକାର ୧୨ ହଜାର ଟଙ୍କା ଦେଉଛନ୍ତି ବୋଲି ଜାଣିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କେତେକ ଅଧିକାରୀ ନିଜେ ଠିକାଦାର ଦେଇ ଜେନେତେନେ ପ୍ରକାର ପାଇଖାନା କରି ପ୍ରାଇଜ୍ ଟଙ୍କା ହାତେଇଛନ୍ତି । ଗରିବ ହିତାଧିକାରୀମାନେ ଅର୍ଥାଭାବରୁ ଆଗତୁରା ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ପାଇଖାନା ନିର୍ମାଣ କରିବା ସମ୍ଭବପର ହେଉ ନ ଥିବାରୁ ଏଥି ନିମନ୍ତେ ବିଭାଗ ପକ୍ଷରୁ ଠିକାଦାରମାନଙ୍କୁ ନିଯୁକ୍ତି ଦିଆଯାଇଛି । ହେଲେ ଠିକାଦାରମାନେ ଗ୍ରାମର ମଧ୍ୟସ୍ଥି, ସାଧାରଣ ନେତା ଓ ବିଭାଗୀୟ ଯନ୍ତ୍ରୀଙ୍କୁ ହାତ କରି ୩ରୁ ୪ ହଜାର ଟଙ୍କାରେ ଅତ୍ୟନ୍ତ ନିମ୍ନମାନର ପାଇଖାନା ନିର୍ମାଣ କରି ପ୍ରାଇଜ ଅର୍ଥକୁ ହଡ଼ପ କରୁଥିବା ଜଣାପଡ଼ିଛି।

ପଟ୍ଟମୁଣ୍ଡାଇର ପ୍ରତ୍ୟେକ ପରିବାରରେ ଶୌଚାଳୟ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ପକ୍ଷରୁ ୨୦୨୦ରେ ଗାଁକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଘୋଷଣା କରାଯାଇ ଫଳକ ମରାଯାଇଛି। ମାତ୍ର ୩ ରୁ ୪ ହଜାର ଟଙ୍କାର ପାଇଖାନା ବ୍ୟବହାର ଅନୁପଯୋଗୀ ହୋଇଥିବାରୁ ଲୋକେ ବାହାରେ ମଳତ୍ୟାଗ କରୁଛନ୍ତି । ଯେଉଁଠି ପାଇଖାନାର ବ୍ୟବହାର ହେଉନି ସେଠାରେ କିପରି ଜଳ ଓ ପରିମଳ ବିଭାଗ ପକ୍ଷରୁ ବାହ୍ୟ ମଳମୁକ୍ତ ଗ୍ରାମ ବୋଲି ଘୋଷଣା କରି ବୋର୍ଡ ଲଗାଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗାଁରେ ନିର୍ମାଣ ହୋଇଥିବା ପାଇଖାନା ବ୍ୟବହାର ହେଉଛି ନା ଅପବ୍ୟବହାର କରାଯାଉଛି ତାହା ଦେଖିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପାଖରେ ସମୟ ନାହିଁ ବୋଲି କେନ୍ଦ୍ରାପଡ଼ା ନିର୍ବାହୀ ଅଧିକାରୀ ବସନ୍ତ ନାୟକ କହିଛନ୍ତି । ଏଥି ସହିତ ସେ ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଯୋଗାଯୋଗ କର ବୋଲି କହିଥିଲେ । ଶୌଚାଳୟ ନିର୍ମାଣ ଶେଷ ହୋଇଥିବାରୁ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇ ଫଳକ ମରାଯାଇଛି। ହେଲେ ବାସ୍ତବ ଚିତ୍ର ଅଲଗା, ଗାଁ ମୁଣ୍ଡକୁ ଗଲେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ରାସ୍ତାକଡ଼, ପୋଖରୀ କୂଳ, କେନାଲ ରାସ୍ତାରେ ଲୋକେ ମଳ ତ୍ୟାଗ କରୁଛନ୍ତି । କେତେକ ସ୍ଥାନରେ ପାଇଖାନା ଭାଙ୍ଗି ଯାଇଥିବା ବେଳେ ଏହାର ଅପବ୍ୟବହାର କରାଯାଉଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଗାଁରେ ନିର୍ମାଣ ହୋଇଥିବା ପାଇଖାନା ଅତ୍ୟନ୍ତ ନିମ୍ନମାନର କାମ ଯୋଗୁ ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ। ଫଳରେ ମଳତ୍ୟାଗ ବା ଶୌଚକ୍ରିୟା ପାଇଁ ଲୋକେ ପୂର୍ବଭଳି ବାହାରକୁ ଯାଉଛନ୍ତି । ସରକାର ଯେଉଁ ପ୍ରାଇଜ ଅର୍ଥ ୧୨ ହଜାର ଟଙ୍କା ଦେଉଛନ୍ତି ସେଥିରେ ପାଇଖାନା ହୋଇଯିବା କଥା । ଏଥରୁ ଅଧା ଅର୍ଥ ବି ଖର୍ଚ୍ଚ ହୋଇ ନ ଥିବା ଦର୍ଶାଇଛନ୍ତି ଉପଭୋକ୍ତା। ଉପଭୋକ୍ତାଙ୍କ ନାମ ଓ ଦସ୍ତଖତରେ ଲୁଟ ହୋଇଛି ଲକ୍ଷାଧିକ ଟଙ୍କା। ଏହାର ତଦନ୍ତ କରିବାକୁ ଦାବି ହୋଇଛି ।

## ତୁଳସୀ ଆଇଡିଆଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

ରାଜନଗର,୨୩।୨( ଡି.ଏନ୍.ଏ.)

ରାଜନଗର ବ୍ଲକ ସାନବଡ଼ ଗୋପାଳପୁରସ୍ଥିତ ତୁଳସୀ ଆଇଡିଆଲ୍ ପବ୍ଲିକ ସ୍କୁଲର ୫ମ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ଦିବ୍ୟାସିଂ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇ କୋମଳମତି ଶିଶୁମାନଙ୍କ ଅନ୍ତଃନିର୍ହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଭାସ୍କର ରାଉତରାୟ, ସମ୍ମାନିତ ଅତିଥି ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ବୀରକିଶୋର ଜେନା, ଖବରଦାତା ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ଭକ୍ତ ପ୍ରହଲ୍ଲାଦ, ଶ୍ରବଣ କୁମାର, ବାଜି ରାଉତଙ୍କ ତ୍ୟାଗ ଓ ସମର୍ପଣ ଉପରେ କହିଥିଲେ। ଶିକ୍ଷକ ପ୍ରଭାକର ରାଉତ ଅତିଥି ପରିଚୟ ପ୍ରଦାନ, ଗୁରୁମା ଅନୀତା ବିଶ୍ୱାଳ ବାର୍ଷିକ ବିବରଣୀ ଏବଂ ଗୁରୁମା ଲିପିକା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ତହସିଲଦାର ଭୂୟାଁ କୃତୀ ଶିଶୁମାନଙ୍କୁ ପୁରସ୍କୃତ କରିଥିଲେ। ଗୁରୁଜୀ ପ୍ରଦୀପ ମିଶ୍ର, ଆଲୋକ ବେହେରା, ମୃତ୍ୟୁଞ୍ଜୟ ମହାନ୍ତି, ଗୁଣ୍ଡିଚା ରାଉତ, ପୁଷ୍ପଲତା ବଳ, ଅର୍ଚ୍ଚନା ରାଉତ, ସଂଘମିତ୍ରା ପରିଡ଼ା, ଐଶର୍ଯ୍ୟା ରାଉତରାୟ, ପ୍ରଶାନ୍ତ ରାଉତ, ଅନନ୍ତ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କୁନିକୁନି ଶିଶୁଙ୍କ ଦ୍ୱାରା ଦେଶାତ୍ମକ ବୋଧକ ନୃତ୍ୟ ନାଟିକା ମଞ୍ଚସ୍ଥ ହୋଇଥିଲା।

## ସମବାୟ ପକ୍ଷରୁ ବିତ୍ତୀୟ ସଚେତନତା ଶିବିର




ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ।

ଆଳି,୨୩।୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ଏକ ଗ୍ରାମୀଣ ବିତ୍ତୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ସେବା ସମବାୟ ସମିତି ପକ୍ଷରୁ ଏହି ଶିବିର ବାଲକାଟି ପଞ୍ଚାୟତ ବଡ଼ଆଙ୍କୋଠାରେ ସମିତିର ୨୯ଟି ଗୋଷ୍ଠୀକୁ ନେଇ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆଗାଁ ସେବା ସମବାୟ ସମିତି ସଭାପତି ଭଗବାନ ନାୟକ ଓ ମୁଖ୍ୟବକ୍ତା ଭାବେ ଆଳି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନୂତନ ଭାରପ୍ରାପ୍ତ ଶାଖା ପରିଚାଳକ ସମୀର ମଣ୍ଡଳ ଯୋଗ ଦେଇ ଏସ୍‌ଏଚ୍‌ଜିରେ ମା'ମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସରକାରଙ୍କ ବିତ୍ତୀୟ ସହାୟତା ଓ ଏହାର ଉପଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବାଲକାଟି ସରପଞ୍ଚ ସୁକାନ୍ତି ପରିଡ଼ା,ମିଶନଶକ୍ତି ଏସ୍‌ବିସି ମନୋରଞ୍ଜନ ପାଇଟାଳ ଓ ଏମ୍‌ବିକେ ଆଶାଲତା ବେହେରା ଯୋଗ ଦେଇଥିଲେ। ସହ ସମ୍ପାଦକ ଶିଶିର ସାହୁ ସଂଯୋଜନା କରିଥିବା ବେଳେ ସମ୍ପାଦକ ରାଜେଶ ମହାନ୍ତି,ବ୍ୟାଙ୍କ ଡିଓ ରାକେଶ ରାୟ,କାଳିପ୍ରସାଦ ଦାସ, ସିଆରପି ସୁକେଶିନି ସେଠୀ,ସରିତା ବେହେରା,କବିତା ମଲିକ ଓ ଦମୟନ୍ତୀ ସାମଲ ପ୍ରମୁଖ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଜ୍ୟର ପ୍ରଥମ ସୋଲାର ପମ୍ପ ୭ବର୍ଷ ହେଲା ଅଚଳ

### ୮ ୱାର୍ଡର ବାସିନ୍ଦା ପାଣି ପାଇଁ ଡହଳବିକଳ

ଡେରାବିଶ, ୨୩।୨(ସ୍ୱ.ପ୍ର.)

ରାଜ୍ୟର ପ୍ରଥମ ସୌର ଚାଳିତ ପମ୍ପ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ୨୦୧୬ ମାର୍ଚ୍ଚ ୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ୯୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସୋଲାର ପମ୍ପ ଓ ୧ ଲକ୍ଷ ଲିଟର ଜଳଧାରଣ କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲା । ଉଦ୍ଦେଶ୍ୟ ଥିଲା ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତର ୮ ୱାର୍ଡ଼ ଯଥା– ଚାଟରାଚକଡ଼ା, ଛତା ଆଦିବାସୀ ସାହି, ଛତାଠାରେ ଥିବା ପଲିଟେକ୍‌ନିକ୍ କଲେଜ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚାଟରା ଶାସନ, ମଲିଅଙ୍କ, ଗୋପାଳଜୀଉ ପାଟଣା ଓ ହାପିମେଳକ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରିବା। ତେବେ ଏହି ପ୍ରକଳ୍ପ ଅଳ୍ପଦିନ ଚାଲିବା ପରେ ଗ୍ରାମ୍ୟ ପାନୀୟ ଜଳ ବିଭାଗର ଅପାରଗତା ପାଇଁ ସୋଲାର ପମ୍ପଟି ଅଚଳ ହୋଇପଡ଼ିଥିଲା। ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରି ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲା । ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ନେଇ ନ ଥିଲେ । ପରେ ସରପଞ୍ଚଙ୍କ ତରଫରୁ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରାଯାଇ ପ୍ରକଳ୍ପ ଚଳାଇବା ପାଇଁ ଚେଷ୍ଟା କରାଯାଇଥିଲା । ମାତ୍ର ତାହା ମଧ ସମ୍ଭବପର ହୋଇ ନ ପାରିବାରୁ ସାଧାରଣ ଲୋକେ ପାନୀୟଜଳ ପାଇବାରୁ ୭ ବର୍ଷ ହେବ ବଞ୍ଚିତ ହୋଇଛନ୍ତି।

୨୦୨୨ରେ ପଞ୍ଚାୟତ ସମିତି ବୈଠକରେ ସ୍ଥାନୀୟ ସରପଞ୍ଚ ମମତା ରାଉତ ତୁରନ୍ତ ପମ୍ପ ହାଉସ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଥିଲେ । ସେ ସମୟରେ ପମ୍ପ ହାଉସ୍‌ରେ ଥିବା ସୋଲାର ପମ୍ପଟି ଚୋରି ହୋଇଯାଇଥିବା ଏବଂ ଏ ନେଇ ଥାନାରେ ଅଭିଯୋଗ କରାଯାଇଥିବା କହି ବିଭାଗୀୟ ନିର୍ବାହୀଯନ୍ତ୍ରୀ ତାଙ୍କ ଦାୟିତ୍ୱ ସାରି ଦେଇଥିଲେ । ଅପରପକ୍ଷେ ସମ୍ପୃକ୍ତ ଗାଁଗୁଡ଼ିକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ନିର୍ବାହୀ ଯନ୍ତ୍ରୀ କହିଥିଲେ । ଇତିମଧ୍ୟରେ ୧ ବର୍ଷ ବିତିଯାଇଥିଲେ ମଧ୍ୟ ପାଇପ୍ ବିଛା କାମ ଅଧାରେ ଅଟକିଛି । ଫଳରେ ଜଳକଷ୍ଟ ଭୋଗୁଥିବା ୮ ୱାର୍ଡ଼ର ଅଧିବାସୀ



ଅଚଳ ହୋଇ ପଡିଥିବା ସୋଲାର ଜଳ ପ୍ରକଳ୍ପ ।

ପାନୀୟ ଜଳ ପାଇଁ ଅପେକ୍ଷା କରିଛନ୍ତି । ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର ଓ ଚାଟରା ଗ୍ରାମର ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଥିଲେ । ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯାଇଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଚଳିତ ବର୍ଷ ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ଗରମ ଅନୁଭୂତ ହେଉଥିବା ବେଳେ ଗାଁଗୁଡ଼ିକରେ ଥିବା ନଳକୂପର ଜଳସ୍ତର କମିବାରେ ଲାଗିଛି । ଏହାକୁ ନେଇ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି । ଏପରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇରହିଥିବା ବିଭାଗୀୟ କର୍ତ୍ତୃପକ୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଗ୍ରାମବାସୀଙ୍କୁ ପାନୀୟ ଜଳଯୋଗାଇବାରେ ବିଫଳ ହେଲେ ସଂଘ ନେତୃତ୍ୱରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ସଭାପତି ମିଶ୍ର ଚେତାବନୀ ଦେଇଛନ୍ତି । ଏନେଇ ର ନିର୍ବାହୀ ଯନ୍ତ୍ରୀ ନାୟକଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ । ତେବେ ଏହି ସୋଲାର ପମ୍ପ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଭୂଦତ୍ତ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ପାଇପ୍ ବିଛାଇବା ପାଇଁ ଟେଣ୍ଡର ନେଇଥିବା ଠିକାଦାର ଅଧାରୁ କାମ ବନ୍ଦ କରିଦେଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଛି । ଏଥିପାଇଁ ଆବଶ୍ୟକ ଅନୁଦାନ ପ୍ରଦାନ ପାଇଁ ମଧ୍ୟ ଅନୁରୋଧ କରାଯାଇଛି ।

# ଷ୍ଟଲ୍ ଖାଁ ଖାଁ, ଚାଷୀ ନ ଥାଇ ପାଠଶାଳା

■ ଫାର୍ସ ପାଲଟିଛି ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା
■ ମେଳାର ସ୍ଥାନ ବଦଳାଇବା ପରେ ନାହିଁ ସୂଚନା
■ ୨୦ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ଅଭିଯୋଗ

ନୟାଗଡ଼ ଅଫିସ,୨୩।୨

ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଚାଷୀଙ୍କୁ ଦେଖିବାକୁ ମିଳୁନି । ୩ଦିନ ଧରି ମେଳା ଚାଲିଥିବାବେଳେ ଶୁକ୍ରବାର ମେଳା ଉଦ୍‌ଯାପନ ହେବ । ହେଲେ ଚାଷୀ କାହିଁକି ଆସୁ ନାହାନ୍ତି ପଚାରିଲେ କୃଷି ବିଭାଗ ପକ୍ଷରୁ ଉତ୍ତର ମିଳୁନି । ଷ୍ଟଲଗୁଡ଼ିକ ଖାଁ ଖାଁ ଦେଖା ଯାଉଛି । ପ୍ରତ୍ୟହ ୧୦୦ ଚାଷୀଙ୍କ ପାଇଁ ପାଠଶାଳା ବ୍ୟବସ୍ଥା କରାଯାଉଥିଲେ ହେଁ ହାତ ଗଣତି କେତେଜଣ ଚାଷୀଙ୍କୁ ଛାଡିଦେଲେ ଅଣଚାଷୀଙ୍କୁ ନେଇ ଚାଲିଛି ମେଳା ବୋଲି ଅଭିଯୋଗ ହେଉଛି । ମେଳାରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପାଇଁ ଅଟକଳ ରହିଥିବାବେଳେ ସଚେତନତା ଅଭାବରୁ ଚାଷୀ ନ ଆସିବାରୁ ୨୦ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି କୁହାଯାଇଛି ।

ଏହି ଅବସରରେ ଜିଲା କୃଷି ବିଭାଗ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସୋମବାର ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ନେଇ ଜିଲାପାଳ ଓ ଜିଲା ମୁଖ୍ୟ କୃଷି ଅଧିକାରୀ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ ଫେବୃୟାରୀ ୨୧ରୁ ମେଳା ଆରମ୍ଭ ହୋଇ ୨୪ରେ ଶେଷ ହେବ । ନୟାଗଡ଼ ପୁରୁଣା ସହରରର ଦକ୍ଷିଣକାଳୀ ପଡିଆରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ତେବେ ମେଳା ନୟାଗଡ଼ ଷ୍ଟାଡିୟମରେ କରାଯାଇଥିଲା । ଗଣମାଧ୍ୟମକୁ ଅଥବା ବିନା ସଚେତନତାରେ ମେଳା କରାଯିବାର ସ୍ଥାନ ବଦଳା ଯାଇଛି । ସେହିପରି ମେଳା ସ୍ଥାନାନ୍ତର ନେଇ ଦକ୍ଷିଣକାଳୀ ପଡିଆରେ ମଧ୍ୟ କିଛି ସୂଚନା ନାହିଁ । ଏଣୁ କେତେଜଣ ଚାଷୀ ଫେରି ଆସୁଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ମେଳାରେ ପାଠଶାଳା କରାଯାଇ ପ୍ରତ୍ୟହ ୧୦୦ ଚାଷୀଙ୍କୁ ନୂଆ ଟେକ୍ନୋଲୋଜି ଓ କୃଷି ଯନ୍ତ୍ରପାତିର ବ୍ୟବହାର ଓ ଆବଶ୍ୟକତା, ରକ୍ଷଣାବେକ୍ଷଣ, ନୂତନ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ ଜ୍ଞାନ କୌଶଳ ସମ୍ବନ୍ଧରେ ତାଲିମ, ଯନ୍ତ୍ରପାତିର ସରକାରୀ ମୂଲ୍ୟ ଓ ସବ୍‌ସିଡି ଉପରେ ମଧ୍ୟ ସଚେତନତା କରାଯିବ କୁହାଯାଇଥିଲା । ସେହିପରି ଚାଷୀମାନଙ୍କୁ ଓଡ଼ିଶା ମିଲେଟ ମିଶନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଜଳନିଧି, ସୌର ଜଳନିଧି ଯୋଜନା ଉପରେ ଅନୁରୂପ ଭାବେ ସଚେତନତା କରାଯିବ କୁହାଯାଇଥିଲା । ହେଲେ ମେଳା ସମ୍ପର୍କରେ ଚାଷୀ ଜାଣି ନ ଥିବାରୁ ପାଠଶାଳା ବିଫଳ ହୋଇଛି ।

ଜିଲାସ୍ତରୀୟ ମେଳାରୁ କୃଷି ଯନ୍ତ୍ରପାତି ସବ୍‌ସିଡିରେ କିଣିବାକୁ ହେଲେ ଅନ୍‌ଲାଇନରେ ଆବେଦନ କରିବାକୁ ପଡିବ । ଜିଲାର ୮ଟି ବ୍ଲକର ଚାଷୀମାନେ ୧୦ କୋଟି ଟଙ୍କାର କୃଷି ଉପକରଣ କିଣିବାକୁ ଲକ୍ଷ୍ୟ ରଖାଯାଇଥିଲା । ତେବେ ମାତ୍ର ୩ କୋଟି ୬୦ ଲକ୍ଷ ଟଙ୍କାର କାରବାର ହୋଇଥିବା କୁହାଯାଉଛି । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କରାଯାଉଥିବା ଏହି ମେଳାରୁ ସ୍ୱୟଂ ସହାୟିକା ଗୋଷ୍ଠୀ କୃଷି ଉପକରଣ କିଣିଲେ ୭୫ ପ୍ରତିଶତ ସବସିଡି ପାଇ ପାରିବେ । ଅନ୍ୟପକ୍ଷେ ଅନୁସୂଚିତ ଜାତି, ଜନଜାତି, ମହିଳା, କ୍ଷୁଦ୍ର ଓ ନାମମାତ୍ର ଚାଷୀ ୫୦ ପ୍ରତିଶତ ରିହାତି ପାଇ ପାରିବେ । ସେହିଭଳି ସାଧାରଣ ବର୍ଗର ଚାଷୀ ୪୦ ପ୍ରତିଶତ ରହାତିରେ କୃଷି ଯନ୍ତ୍ରପାତି କିଣି ପାରିବେ । ହେଲେ ଚାଷୀ ହାତପାହନ୍ତାରେ ସୁବିଧା ପାଇ ହାତଛଡା କଲା ବୋଲି ଅଭିଯୋଗ ଉଠିଛି । ଏନେଇ ଭାଡିକିଳାର ଚାଷୀ ରବୀନ୍ଦ୍ର ପ୍ରଧାନ କୁହନ୍ତି ମେଳା ସମ୍ପର୍କରେ ଆମେ ଅବଗତ ନୁହଁ । ଏହା ତରବରିଆ ଭାବେ କରିବା ଠିକ ନୁହେଁ । କୃଷି ପ୍ରଧାନ ଜିଲାରେ କୃଷକଙ୍କୁ ଅଣଦେଖା କରି ଲାଭ କ'ଣ । ମୁଁ ଖବର ପାଇ ମେଳାକୁ ଆସି ଦେଖିଲି କେବଳ ଯନ୍ତ୍ର ଥୁଆ ହୋଇଛି, ଚାଷୀଙ୍କ ଦେଖା ନାହିଁ । ଯେଉଁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରୁଛନ୍ତି ସେମାନଙ୍କ ପରିବାର ଲୋକଙ୍କ ଭିଡ଼ ଜମିଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ବାଉତି ଇଞ୍ଜିନିୟରିଂର ବ୍ୟବସାୟୀ ପୀତବାସ କଳସ କୁହନ୍ତି ବେପାର ମାନ୍ଦା । ମୋର ୩ ଦିନରେ ୭୦ ହଜାର ବେପାର ହୋଇଛି । ଆଶା ଥିଲା ୫ ଲକ୍ଷରୁ ଅଧିକ ହେବ । ହେଲେ ହେଲାନି । ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର ୩ କୋଟି ୬୦ ଲକ୍ଷ ଟଙ୍କାର କୃଷି ଉପକରଣ ବିକ୍ରି ହୋଇଛି । କିଛିଟା ଅବ୍ୟବସ୍ଥା ସତ୍ତ୍ୱେ ସବୁ କିଛି ଠିକ୍‌ଠାକ୍ ଚାଲିଛି ବୋଲି ସେ ସଫେଇ ଦେଇଛନ୍ତି ।



ମେଳାରେ ବିକ୍ରି ପାଇଁ ରଖାଯାଇଥିବା କୃଷି ଯନ୍ତ୍ରପାତି ।

## ସଂକ୍ଷେପରେ

### ପ୍ରଶ୍ନ ପଚାରିବାକୁ ନଦେବାରୁ ଉଠି ଚାଲିଗଲେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର, ୨୩।୨(ବ୍ୟୁରୋ): ନବ ଦାସଙ୍କ ହତ୍ୟା ନେଇ ଦୁଇ ଦିନ ବିଧାନସଭା ଅଚଳ ହେବାପରେ ଗୁରୁବାର ଆରମ୍ଭରୁ ଗୃହ କାର୍ଯ୍ୟ ସ୍ୱାଭାବିକ ଚାଲିଥିଲା । ପ୍ରଶ୍ନକାଳ ଆଲୋଚନା ଚାଲିଥିବା ବେଳେ ସବୁ ଦଳର ସଦସ୍ୟମାନେ ବିଭିନ୍ନ ପ୍ରଶ୍ନ ପଚାରି ମନ୍ତ୍ରୀଙ୍କ ଉତ୍ତର ଦାବି କରିଥିଲେ । ଏହି ସମୟରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ପ୍ରଶ୍ନ ପଚାରିବା ନିମନ୍ତେ ବାରମ୍ବାର ହାତ ଉଠାଇ ଇଙ୍ଗିତ କରୁଥିଲେ ମଧ ତାଙ୍କୁ ସେହି ସୁଯୋଗ ମିଳି ନ ଥିଲା । ଶେଷରେ ଗୃହରେ ଠିଆ ହୋଇ ପ୍ରଦୀପ ଏହା ନିୟମ ବିରୋଧୀ କାର୍ଯ୍ୟ । ଏଥିଲାଗି ଗୃହ ଛାଡୁଥିବା କହି ଚାଲିଯାଇଥିଲେ । ଗୃହ ପରମ୍ପରାକୁ ଭଙ୍ଗ କରାଯାଉଛି କହିବା ସହିତ ଗଣମାଧମକୁ କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ଗୋପାଳପୁରର ଉନ୍ନତି କରାଇ ଦିଆଯାଉ ନାହିଁ । ବିଧାନସଭାରେ ତାଙ୍କୁ ପ୍ରଶ୍ନ କରିବାକୁ ବାଚସ୍ପତି ମନା କଲେ । ତାଙ୍କ ବିଧାୟକ ପାଣ୍ଠି ଖର୍ଚ୍ଚ ଗଞ୍ଜାମ ଜିଲାରେ କରାଇ ଦିଆଯାଉ ନାହିଁ ବୋଲି ସେ କହିଛନ୍ତି ।

### ପାନୀୟ ଜଳ ଯୋଗାଣ ପାଇଁ ଦାବିପତ୍ର

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୩।୨: ଫିରିଙ୍ଗିଆ ବ୍ଲକ ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି । ଆଗକୁ ଖରା ଦିନ ଆସୁଛି । ବ୍ଲକରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ଅଧିକାଂଶ ଅଚଳ ହୋଇପଡିଛି । ନଳକୂପ ଠିକ୍ ଭାବରେ ମରାମତି କରାଯାଉନାହିଁ । କେତେକ ସ୍ଥାନରେ ଏଥିରୁ ଗୋଳିଆ ପାଣି ବାହାରୁଛି । ଫଳରେ ଜନସାଧାରଣ ପିଇବା ପାଣି ପାଇଁ ବହୁତ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକେ ବାଧ ହୋଇ ନାଳ ପାଣି, ଚୂଆ ଉପରେ ଭରସା କରୁଛନ୍ତି । ଫଳରେ ବିଭିନ୍ନ ରୋଗରେ ପଡ଼ିବା ଭଳି ସମସ୍ୟା ଉପୁଜିଛି । ତେଣୁ ବ୍ଲକର ପ୍ରତ୍ୟେକ ଗ୍ରାମରେ ନଳକୂପ ମରାମତି, ପାନୀୟ ଜଳ ପ୍ରକଳ୍ପ ମରାମତି ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

### କନ୍ଧମାଳ ଜିଲା ଗସ୍ତରେ ଗୋଇନ୍ଦା ନିର୍ଦ୍ଦେଶକ

ବାଲିଗୁଡା, ୨୩।୨ (ଡି.ଏନ.ଏ): କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳକୁ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଦିନିକିଆ ଗସ୍ତରେ ଆସି ବିଭିନ୍ନ ଥାନା ଓ ସିଆରପିଏଫ କ୍ୟାମ୍ପ ପରିଦର୍ଶନ କରିଛନ୍ତି । ତାଙ୍କ ସହ ଆଇଜି ଅପରେଶନ ଅମିତାଭ ଠାକୁର, ଆଇଜି ସିଆରପିଏଫ ଏସ.କେ ମହାନ୍ତି, ସିଆରପିଏଫର ୧୨୭ ବାଟାଲିୟନ କମାଡେଣ୍ଟ ଆନନ୍ଦ ଝା, ସିଆରପିଏଫ ଡ଼ିଆଇଜି, କନ୍ଧମାଳ ଏସପି ଶୁଭେନ୍ଦୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଫୁଲବାଣୀ ଏସପି ଅଫିସ ଯାଇ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ସେଠାରୁ ସିଧା ବାଲିଗୁଡା ଆସିଥିଲେ । ବାଲିଗୁଡା ଏସଡିପିଓ ରୋହିତ ବର୍ମା, ସିଆରପିଏଫ, ବିଏସଏଫ ମୁଖ୍ୟଙ୍କ ସମେତ ଡାକା, କନ୍ଧମାଳ-କଳାହାଣ୍ଡି ଜିଲା ସୀମାନ୍ତବର୍ତ୍ତୀ ଭଣ୍ଡରଙ୍ଗୀ ଓ ଲୁବେନଗଡ଼ ସିଆରପିଏଫ କ୍ୟାମ୍ପ ବୁଲି ଦେଖିଥିଲେ । ସମଗ୍ର କନ୍ଧମାଳ ଜିଲାକୁ ମାଓମୁକ୍ତ କରିବା ନେଇ ଯବାନମାନଙ୍କ ସହ ସମୀକ୍ଷା କରିବା ସହିତ ସେମାନଙ୍କର ମନବଳ ଦୃଢ଼ କରି ଆଗାମୀ ଦିନରେ ନକ୍ସଲ ଦମନ କାର୍ଯ୍ୟକ୍ରମ କୁ ଅଧିକ ଜୋରଦାର କରାଯିବ ବୋଲି ଆହ୍ୱାନ ଦେଇଥିଲେ ।

# ସ୍କୁଲ ଫାଟକରେ ତାଲା


ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ବିକ୍ଷୋଭ ।

## ଶିକ୍ଷକ ପଦବୀ ପୂରଣ ଦାବି ଜୋର ଧରିଲା

ଓଡ଼ଗାଁ, ୨୩।୨(ଡି.ଏନ୍.ଏ.)

ତୃଣମୂଳସ୍ତରରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ବହୁ ଉଦ୍ୟମ କରୁଥିଲେ ମଧ୍ୟ ବାସ୍ତବରେ ତାହା ଫଳପ୍ରଦ ହେଉନାହିଁ । ସ୍କୁଲ ଘର ଦୁଆର ଚକାଚକ୍ ପାଇଁ ସରକାରୀ ଅନୁଦାନ ସହିତ ପୁରାତନ ଛାତ୍ରଙ୍କ ଦାନ ମଧ ବିନିଯୋଗ ହେଉଛି । କିନ୍ତୁ ସରକାର ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ଉଦ୍ୟମ କରୁ ନ ଥିବା ଅଭିଯୋଗ ହୋଇଛି । ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୬ ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ମାତ୍ର ୨ ଜଣ ଶିକ୍ଷକ ଥିବାରୁ ସ୍ଥାନୀୟ ହନୁମନ୍ତିଆ ୟୁପି ସ୍କୁଲରେ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇଛନ୍ତି ।

ସେହି ସ୍କୁଲରେ ୩ ଶିକ୍ଷକଙ୍କ ମଧ୍ୟରୁ ଜଣେ ନିଜ ସ୍କୁଲକୁ ରିଲିଭ ଅର୍ଡର ନ ନେଇ ଚାଲିଯିବା ଏବଂ ଅନ୍ୟ ଜଣେ ବିଭାଗୀୟ ଆଦେଶ ପାଇ ସ୍କୁଲରେ ଯୋଗ ନ ଦେବାରୁ ଅଭିଭାବକମାନେ ତାତି ଥିଲେ । ଗୁରୁବାର ମଧ୍ୟାହ୍ନ ଭୋଜନ ପରେ ୪୦ରୁ ଊର୍ଦ୍ଧ୍ୱ ଅଭିଭାବକ ସ୍କୁଲରେ ପହଞ୍ଚି ପିଲାଙ୍କୁ ବାହାରକୁ ବାହାରକରି ସ୍କୁଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ । ଶିକ୍ଷକ ପଦବୀ ପୂରଣ ପରେ ତାଲା ଖୋଲିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏନେଇ ବ୍ଲକ ଶିକ୍ଷା ଅଧିକାରିଣୀ ଗୀତାଞ୍ଜଳି ସାହୁଙ୍କୁ ପଚାରିବାରୁ ସେ ଏନେଇ ଅବଗତ ଥିବା କହିଛନ୍ତି । ଆଦେଶ ପାଇଥିବା ଶିକ୍ଷକଙ୍କୁ ତୁରନ୍ତ ସ୍କୁଲରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଯବାନ ପରିଚୟ ଦେଇ ଲୁଟିଲେ ୮୩ ହଜାର

ବାଲିଗୁଡା, ୨୩।୨(ଡି.ଏନ୍.ଏ)

ସିଆରପିଏଫ ଯବାନ ପରିଚୟ ଦେଇ ଜଣେ ମାଛ ବ୍ୟବସାୟୀଙ୍କ ଠାରୁ ସାଇବର ଠକେଇ ହୋଇଥିବା ଅଭିଯୋଗ ହୋଇଛି । ଠକେଇର ଶିକାର ହୋଇଛନ୍ତି କନ୍ଧମାଳ ଜିଲା ବାଲିଗୁଡା ଏନ୍‌ଏସି ନୂଆସାହିର ମାଛ ବ୍ୟବସାୟୀ ଶଙ୍କର ବେହେରା । ତାଙ୍କ ଠାରୁ ୮୩ ହଜାର ୫୦୦ ଟଙ୍କା ଠକି ନେଇଥିବା ସେ ବାଲିଗୁଡା ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ଏକ ଅଜଣା ନମ୍ବରରୁ ଶଙ୍କରଙ୍କୁ କଲ୍ ଆସିଥିଲା । କାଶ୍ମୀର ସିଆରପିଏଫ କ୍ୟାମ୍ପରୁ ଅନିଲ କୁମାର କହୁଛି ବୋଲି କହିଥିଲେ । ଶଙ୍କରଙ୍କ ଠାରୁ ଚିଙ୍ଗୁଡ଼ି ୫କିଲୋ, ଶୁଖୁଆ ୧୦ କିଲୋ କିଣିବାକୁ କହି ଫୋନ ପେ'ରେ ୪୫୦୦ ଟଙ୍କା ପ୍ରଥମେ ପଠେଇଥିଲେ । ପରିବାର ଲୋକେ ଆସି ମାଗିଲେ ଶୁଖୁଆ ତାଙ୍କୁ ଦେଇଦେବାକୁ କହିଥିଲେ । କିନ୍ତୁ ମାଛ ବ୍ୟବସାୟୀ ଶଙ୍କର ଟଙ୍କା ଆସିନି କହିବାରୁ ଲିଙ୍କ ସ୍ଲୋ ଅଛି, ଏକ ନୋଟିଫିକେସନ ଆସିଲେ କ୍ଲିକ କରିବାକୁ କହିଥିଲେ ଲୁଟେରା । ପରେ ଶଙ୍କରଙ୍କୁ ଏକ ନୋଟିଫିକେସନ ସେଣ୍ଡ କରିଥିଲେ । ନୋଟିଫିକେସନକୁ ଶଙ୍କର କ୍ଲିକ କରିବା କ୍ଷଣି ୪ ଥରରେ ୮୩ ହଜାର ୫୦୦ ଟଙ୍କା ଆକାଉଣ୍ଟରୁ କଟିଯାଇଥିଲା ।

# ରଣ ଟଙ୍କା ସହ ସୁନା ରୁପା ଚୋରି


ସନ୍ଧାନୀ କୁକୁର ସହାୟତାରେ ପୋଲିସର ତଦନ୍ତ ।

ନୟାଗଡ଼ ଅଫିସ/ରଣପୁର, ୨୩।୨(ସ୍ୱ.ପ୍ର.)

ରଣପୁର ଥାନା ଲେଖନପୁର ଗାଁର ଅନନ୍ତମଣି ମହାରଣାଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇ ଦେଇଛନ୍ତି । ପରିବାରଲୋକେ ଶୋଇଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ । ତାଙ୍କ ଘରେ ଅଳଙ୍କାର ଓ ଟଙ୍କାଥିବା ଆଟାଜକୁ ବାରିପଟ ବିଲ ମଝିରେ ପକାଇ ଅନନ୍ତ ରଣ ଆଣିଥିବା ୬୦ ହଜାର ଟଙ୍କା, ୪୦ ଗ୍ରାମ ସୁନା, ୧୦୦ ଗ୍ରାମ ରୁପା ନେଇଯାଇଛନ୍ତି । ଘଟଣାସ୍ଥଳରେ ଚୋରମାନେ ୨୦ହଳ ଚପଲ ଛାଡ଼ି ଯାଇଛନ୍ତି । ଯାହାକୁ ପୋଲିସ ଜବତ କରିଛି । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ୪୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଗୁରୁବାର ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ପହଞ୍ଚିଥିଲେ ବି ଚୋରଙ୍କ ସମ୍ପର୍କରେ କୌଣସି ଟେର ମିଳି ନ ଥିଲା ।

# ପୀଡ଼ିତାଙ୍କ ଟଙ୍କା ଠକିନେଲେ ସମିତି ସଭ୍ୟାଙ୍କ ସ୍ୱାମୀ

ତୁମୁଡିବନ୍ଧ,୨୩।୨ (ଡି.ଏନ୍.ଏ)

ତୁମୁଡିବନ୍ଧ ବ୍ଲକ ଗୁମା ସମିତି ସଭ୍ୟାଙ୍କ ସ୍ୱାମୀ ଜନୈକା ପୀଡ଼ିତାଙ୍କ ଟଙ୍କା ଠକି ନେଇଥିବା ଗୁରୁବାର ବେଲଘର ଥାନାରେ ଅଭିଯୋଗ ହୋଇଛି । ସୂଚନା ପ୍ରକାରେ ବେଲଘର ରଙ୍ଗପାରୁ ଆବାସିକ ସ୍କୁଲରେ ଜଣେ ସପ୍ତମ ଶ୍ରେଣୀ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇ ଗତ ୨୦୨୨ ଅକ୍ଟୋବର ୭ରେ ମୃତ୍ୟୁବରଣ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ମୃତ ନାବାଳିକା ପରିବାରକୁ ଦିଆଯାଇଥିଲା । ତେବେ ନାବାଳିକାଙ୍କ ପିତା ସଦାନନ୍ଦ ମାଝୀଙ୍କ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଜମା ଖାତାରେ ପ୍ରଥମ କିସ୍ତି ୧ ଲକ୍ଷ ଟଙ୍କା ଜମା ହୋଇଥିଲା । ପରେ ଦ୍ୱିତୀୟ କିସ୍ତି ଏସ୍‌ବିଆଇ ଜମା ଖାତାରେ ୩ ଲକ୍ଷ ୫୦ ହଜାର ଟଙ୍କା ଜମା ହୋଇଥିଲା । ତେବେ ସମିତି ସଭ୍ୟାଙ୍କ ସ୍ୱାମୀ ଯଶବନ୍ତ ମାଝୀ ଉକ୍ତ ସହାୟତା ଟଙ୍କା କିପରି ଠକି ନେବେ ସେନେଇ ଯୋଜନା କରିଥିଲେ । ସେ ପ୍ରଥମେ ପୀଡ଼ିତାଙ୍କ ବାପା ସଦାନନ୍ଦଙ୍କ ପାଖକୁ ଯାଇ ତାଙ୍କୁ ରାଲି କରିବାର ଅଛି, ଓକିଲ ଓ ପୋଲିସଙ୍କୁ ଦେବାର ଅଛି ବୋଲି ମିଛ କହି ବେଲଘର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଜମା ହୋଇଥିବା ୧ ଲକ୍ଷ ଟଙ୍କାରୁ ୯୦ ହଜାର ଟଙ୍କା ଉଠାଇ ସେଥିରୁ ୭୦ ହଜାର ଟଙ୍କା ନେଇଥିଲେ । ଏବଂ ଦ୍ୱିତୀୟ ଥର ସେହିଭଳି ତୁମୁଡିବନ୍ଧ ଏସବିଆଇ ଜମା ଖାତାରୁ ୫୦ ହଜାର ଟଙ୍କା ଉଠାଇ ସେଥିରୁ ୩୫ ହଜାର ଟଙ୍କା ନେଇଥିଲେ । ତେବେ ଟଙ୍କା ଫେରସ୍ତ ନଦେବାରୁ ସଦାନନ୍ଦ ବେଲଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ନଂ ୧୩/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ଦୀପକ ରାଉତ କହିଛନ୍ତି । ଯଶବନ୍ତ ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ପୁତୁରା ବୋଲି ଜଣାପଡିଛି ।

# ୧୫ ଏକର ଚାଷ ଜମି ଜଳିଗଲା

ପାରଳାଖେମୁଣ୍ଡି, ୨୩।୨ (ଡି.ଏନ୍.ଏ)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଜଙ୍ଗଲପାଡୁ ଅଞ୍ଚଳର ପ୍ରାୟ ୧୫ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ଗୁରୁବାର ନିଆଁ ଲାଗି ଜଳିଯାଇଥିବା ଜଣାପଡ଼ିଛି । ଗୋଟିଏ ସ୍ଥାନରେ ଧାନ ସଂଗ୍ରହ କରି ରଖିଥିବା ବେଳେ ତାହା ପୋଡି ପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଛି । ନିଆଁକୁ ଆୟତ୍ତ କରିବାପାଇଁ ଗ୍ରାମବାସୀ ଚେଷ୍ଟା କରୁଥିବା ବେଳେ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କ୍ଷତିଗ୍ରସ୍ତ ଚାଷୀ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି ।

# ଅଗ୍ନି ବିପନ୍ନ ପରିବାରକୁ ଭାରତୀୟ ରେଡ଼କ୍ରସର ସହାୟତା


ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଛି ।

ଶରଣକୁଳ, ୨୩।୨(ଡି.ଏନ.ଏ.)

ଭାରତୀୟ ରେଡ଼କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ଗାଁ ବ୍ଲକ ବରସାହି ପଞ୍ଚାୟତର ୧୦ ଓ ଗୋଡିପଡ଼ା ପଞ୍ଚାୟତ କୁରୁଡଙ୍ଗ ଗ୍ରାମର ୫ଜଣ ଅଗ୍ନି ବିପନ୍ନ ପରିବାରକୁ ରେଡକ୍ରସ ତରଫରୁ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ପ୍ରଦାନ ସମୟରେ ରଣପୁର ବିଧାୟକ ଯୋଗଦେଇ ସହଯୋଗର ହାତ ବଢାଇଥିଲେ । ଅଗ୍ନିବିପନ୍ନଙ୍କୁ ପାଲ,ରୋଷେଇ ବାସନ, ହାଇଜିନ୍ କିଟ୍, ମଶାରୀ, ଶାଢ଼ି, ଧୋତି, ଲୁଙ୍ଗି, ବାଲ୍‌ଟି, ମଗ ଇତ୍ୟାଦି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଗୁଲଶନ୍ କୁମାର ଦାଶ ପରିଚାଳନା କରିଥିଲେ । ଯୁବ ରେଡ଼କ୍ରସ ପରାମର୍ଶଦାତା ନିରୋଜ ପ୍ରଧାନ, କନିଷ୍ଠ ରେଡ଼କ୍ରସର ପରାମର୍ଶଦାତା ସନ୍ୟାସୀ ପ୍ରଧାନ,ଗୋସ୍ୱାମୀ ଦାସ, ଘନଶ୍ୟାମ ରାଉତ, ଅଶେଷ ସ୍ୱାଇଁ, ଦାମୋଦର ସାହୁ, ରୁଦ୍ରମାଧବ ସେଠୀ, ରୁଦ୍ରମାଧବ ମହାପାତ୍ର ଓ ଜିଲା ରେଡକ୍ରସର ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ ।

# ବିଭିନ୍ନ ବିଦ୍ୟାଳୟ କାର୍ଯ୍ୟ ତଦାରଖ

ଦଶପଲ୍ଲା,୨୩।୨(ଡି.ଏନ୍.ଏ.)

ଗୁରୁବାର ଦଶପଲ୍ଲା ବ୍ଲକ ପ୍ରଶାସନ ତରଫରୁ ଦଶପଲ୍ଲା ବ୍ଲକର ୫-ଟି ଅନ୍ତର୍ଭୁକ୍ତ ହୋଇଥିବା ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟ ତଦାରଖ କରାଯାଇଛି । ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ବ୍ଲକ ଜେଇ ସନ୍ତୋଷ କୁମାର ସାମନ୍ତ, ବିଜୁ ଛାତ୍ର ଜନତାଦଳର ସମ୍ପାଦକ ଆଲୋକ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।


୫-ଟି ସ୍କୁଲ ଉନ୍ନତୀକରଣ କାର୍ଯ୍ୟର ତଦାରଖ କରୁଛନ୍ତି ବ୍ଲକ ଅଧ୍ୟକ୍ଷା ।

# ଜେଲ ଗଲେ ଆଶାକର୍ମୀ

■ ଆଲୁଚପ୍ ଖୁଆଇ ମହିଳାଙ୍କୁ କରିଥିଲେ ଅପହରଣ
■ ପରିତ୍ୟକ୍ତ ଘରେ ଲୁଚାଇ ରଖିଥିଲେ
■ ଧାର ଟଙ୍କା ମାଗିବାରୁ ଅପହରଣ ହୋଇଥିଲା

ନୟାଗଡ଼ ଅଫିସ,୨୩।୨

ଉଧାର ନେଇଥିବା ଟଙ୍କା ମାଗିବାରୁ ଅପହରଣ କରାଯାଇଥିବା ଘଟଣାରେ ନୟାଗଡ଼ ସଦର ଥାନା ପୋଲିସ ଆଶାକର୍ମୀ ରମାମଣୀ ଦଳେଇ(୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଆଶକର୍ମୀଙ୍କୁ ଜେଲ ଯିବାକୁ ପଡିଛି ।

ଅଭିଯୋଗ ଅନୁଯାୟୀ, ଗତ ଜାନୁୟାରୀ ୫ ସନ୍ଧ୍ୟାରେ କିରିଆଲାଞ୍ଜି ଗାଁର ରମେଶ ପ୍ରଧାନଙ୍କ ସ୍ତ୍ରୀ ରୀନା ନିଖୋଜ ହୋଇଥିଲେ । ନିଖୋଜର କାରଣ ଜଣାପଡି ନ ଥିଲେହେଁ ଜଣେ ଆଶାକର୍ମୀଙ୍କ ସହ ରୀନା ବୁଲୁଥିବା ଦେଖିବାକୁ ମିଳିଥିଲା । ରୀନାଙ୍କ ନିଖୋଜ ନେଇ ଆଶାକର୍ମୀଙ୍କୁ ପଚାରିବା ପରେ ବାପ ଘରକୁ ଚାଲି ଯାଇଥିବା କହିଥିଲେ । ବନ୍ଧୁବାନ୍ଧବ, ଶ୍ୱଶୁର ଘର, ଗାଁର ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ ଟେର ମିଳି ନ ଥିଲା । ତେବେ ଅପହରଣର ୧୩ ଘଣ୍ଟା ପରେ ଶ୍ୱଶୁର ଘର ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ପରିତ୍ୟକ୍ତ ଘରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତେବେ ସେହି ଘରକୁ ପୂର୍ବରୁ ୨ଥର ତନଖି କରାଯାଇଥିବାବେଳେ ସେଠାରେ ରୀନା ନ ଥିଲେ । ୬ ତାରିଖ ସକାଳେ କିନ୍ତୁ ଅଚେତ ଅବସ୍ଥାରେ ରୀନାଙ୍କୁ ଉଦ୍ଧାର କରାଯାଇଥିଲା । ରୀନା ପ୍ରଧାନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ୨ ବର୍ଷ ତଳେ ୩୦ ହଜାର ଟଙ୍କା ଋଣ କରିଥିଲେ । ବିଭିନ୍ନ ପ୍ରକାରର ଅସୁବିଧା ଦେଖାଇ ୪ଦିନ ପାଇଁ ୩୦ ହଜାର ଟଙ୍କା ଧାର ନେଇଥିଲେ ଆଶାକର୍ମୀ । ପରେ ମୂଳ କି ସୁଧ ପରିଶୋଧ କରି ନ ଥିଲେ । ବାରମ୍ବାର ଟଙ୍କା ମାଗିବା ପରେ ରୀନାଙ୍କ କଥାକୁ ଆଶାକର୍ମୀ ଶୁଣି ନ ଥିଲେ । ଗତ ଜାନୁୟାରୀ ୫ ସନ୍ଧ୍ୟାରେ ଟଙ୍କା ମାଗିବାରୁ ଦେବାକୁ ହଁ କରି ରୀନାଙ୍କୁ ଅପେକ୍ଷା କରିବାକୁ କହି ସମୟ ଗଡାଇ ଚାଲିଲେ । ଗାଁର ବିଭିନ୍ନ ଲୋକଙ୍କ ଦୁଆରକୁ ନେଇ ବୁଲାଇଲେ । ପରେ ଜଣେ ଅଙ୍ଗନୱାଡି ପାଚିକାଙ୍କ ଘର ନିକଟରେ ଆଲୁଚପ ଖାଇବାକୁ ଦେଇ ଅପହରଣ କରି ନେଇଥିଲେ । ଆଲୁଚପରେ ନିଶା ରହିଥିବାରୁ ରୀନା ଅପହରଣ ନେଇ ଜାଣି ପାରି ନ ଥିଲେ । ନୟାଗଡ ସଦର ଥାନାରେ ଅଭିଯୋଗ ପରେ ପୋଲିସ ୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

# ବ୍ୟବଚ୍ଛେଦ ରିପୋର୍ଟ ଗୁମର ଫିଟାଇଲା, ଜଣେ କୋର୍ଟଚାଲାଣ

ଗୋପାଳପୁର,୨୩।୨(ଡି.ଏନ.ଏ)

ଗୋଳନ୍ଥରା ଥାନା ଅଞ୍ଚଳରେ ଗତ ଅକ୍ଟୋବରରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ପ୍ରଥମେ ଅପମୃତ୍ୟୁ ଓ ପରେ ହତ୍ୟା ମାମଲା ରୁଜୁ କରି ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଗୋଷାଣୀନୂଆଗାଁ ଥାନା ଖଜୁରିଆ ଅଞ୍ଚଳର ସିଦ୍ଧାର୍ଥ ନାୟକ । ଏଥିରେ ତିନିରୁ ଚାରିଜଣଙ୍କ ସମ୍ପୃକ୍ତ ଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି । ସୂଚନାନୁସାରେ, ଗୋପାଳପୁର ଥାନା ଅନ୍ତର୍ଗତ ବଡ଼ଗୁମୁଳାର ଆଲୋକ ଦଳାଇଙ୍କ ସହିତ ୫ ଜଣ ସାଙ୍ଗ ଗୋଳନ୍ଥରା ଥାନା ଅଧୀନ ମାହାସାହିପେଣ୍ଠ ଜଙ୍ଗଲରେ ଗତ ଅକ୍ଟୋବର ୩୦ରେ ଏକ ବଣଭୋଜି କରିଥିଲେ । ଏହି ସମୟରେ ନାଚ ଗୀତ କରିବା ବେଳେ ଆଲୋକ ଝୁଣ୍ଟି ପଡି ଗୁରୁତର ହୋଇଥିଲେ । ତୁରନ୍ତ ସାଙ୍ଗମାନେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ ।

## ସଂକ୍ଷେପରେ

### ଚାଇନାରେ ଖଣି ଭୁଶୁଡ଼ି ୫ ମୃତ, ୪୮ ନିଖୋଜ

**ଆଲକ୍ସା ଲିଗ୍(ଚାଇନା),୨୩।୨:** ଚାଇନାରେ ଏକ ଖଣି ଭୁଶୁଡ଼ି ପଡ଼ିବାରୁ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୪୮ ଜଣ ନିଖୋଜ ଅଛନ୍ତି। ଆଭ୍ୟନ୍ତରୀଣ ମଙ୍ଗୋଲିଆର ଆଲକ୍ସା ଲିଗ୍‌ରେ ଭୂସ୍ଖଳନ ଏବଂ ବିପଜ୍ଜନକ ସ୍ଥିତି ଯୋଗୁ ଉଦ୍ଧାର କାର୍ଯ୍ୟ ଅଟକି ରହିଥିବାବେଳେ ଗୁରୁବାର ସକାଳୁ ପୁଣିଥରେ ଆରମ୍ଭ ହୋଇଛି। ଚାଇନା ବିଦ୍ୟୁତ୍ ଉତ୍ପାଦନ ପାଇଁ ମଙ୍ଗୋଲିଆର କୋଇଲା ଖଣିଗୁଡ଼ିକ ଉପରେ ନିର୍ଭରଶୀଳ। ଉଦ୍ଧାରକାରୀମାନେ ଓପନ୍-ପିଟ୍ ଖଣିରୁ ବୁଲ୍‌ଡୋଜର ସହାୟତାରେ ବହୁ ପରିମାଣର ମାଟି ଖୋଳି ବାହାର କରିଥିଲେ ମଧ ନିଖୋଜମାନଙ୍କୁ ଠାବ କରିପାରି ନାହାନ୍ତି। ଦ୍ୱିତୀୟ ଭୂସ୍ଖଳନ ଯୋଗୁ ଉଦ୍ଧାର କାର୍ଯ୍ୟ କିଛି ଘଣ୍ଟା ପାଇଁ ବାଧାପ୍ରାପ୍ତ ହୋଇଥିଲା।

### ତାଜିକିସ୍ତାନରେ ଭୂକମ୍ପ

**ବେଜିଂ,୨୩।୨:** ଚାଇନାର ପଶ୍ଚିମ ଜିନ୍‌ଜିଆଙ୍ଗ ଅଞ୍ଚଳ ନିକଟରେ ଅବସ୍ଥିତ ତାଜିକିସ୍ତାନରେ ଗୁରୁବାର ଭୋର ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୮ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ମୁର୍‌ଘୋବ୍‌ଠାରୁ ୬୭ କିଲୋମିଟର ପଶ୍ଚିମରେ ଏବଂ ୨୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ। ତେବେ ଭୂମିକମ୍ପର ତୀବ୍ରତା ୭.୨ ଥିଲା ବୋଲି ଚାଇନା ଭୂକମ୍ପ ନେଟ୍‌ୱର୍କ କେନ୍ଦ୍ର ପକ୍ଷରୁ କୁହାଯାଇଛି। କମ୍ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଏହି ଭୂକମ୍ପ ହୋଇଥିବାବେଳେ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।

### ଗଛରେ ପିଟିହେଲା ବସ୍: ୩ ମୃତ, ୫୦ ଆହତ

**ସିଙ୍ଗରାଉଲି, ୨୩।୨:** ମଧ୍ୟପ୍ରଦେଶ ସିଙ୍ଗରାଉଲିର ଧାରି ଗାଁରେ ବରଯାତ୍ରୀଙ୍କୁ ଧରି ଫେରୁଥିବା ଏକ ବସ୍ ଗୁରୁବାର ଗଛରେ ପିଟିହେବା ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୫୦ ଆହତ ହୋଇଥିବା ଜଣାପଡ଼ିଛି। ସାମ୍ନାରେ ଆସୁଥିବା ଏକ ମୋଟରସାଇକେଲରେ ଧକ୍କାହେବାକୁ ବର୍ତ୍ତିବା ପାଇଁ ଡ୍ରାଇଭର ନିୟନ୍ତ୍ରଣ ହରାଇ ବସ୍‌ଟିକୁ ଗଛରେ ପିଟିଥିବା ସ୍ଥାନୀୟ ପୋଲିସ କହିଛି।

### ୱାର୍ଲ୍ଡ ବ୍ୟାଙ୍କ ମୁଖ୍ୟ ହେବେ ଅଜୟ ବାଙ୍ଗା

**ୱାଶିଂଟନ୍, ୨୩।୨:** ଭାରତୀୟ ବଂଶୋଦ୍ଭବ ଅଜୟ ବାଙ୍ଗାଙ୍କ ନାମ ଗୁରୁବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୱାର୍ଲ୍ଡ ବ୍ୟାଙ୍କ ମୁଖ୍ୟ ପଦ ପାଇଁ ଚୟନ କରିଛନ୍ତି। ଡେଭିଡ୍ ପାଲବାସ୍ ୱାର୍ଲ୍ଡ ବ୍ୟାଙ୍କ ଚିଫ୍ ପଦର ଇସ୍ତଫା ଘୋଷଣା କରିବା ପରେ ବାଇଡେନ୍ ଅଜୟଙ୍କୁ ଏ ପଦ ପାଇଁ ବାଛିଛନ୍ତି। ଉକ୍ତ ପଦ ପାଇଁ ନାମ ଚୟନ ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ଚାଲିବ। ଭାରତୀୟ-ଆମେରିକୀୟ ବିଜୟ ବାଙ୍ଗା (୬୩) ଏବେ ଇକ୍ୱିଟି ଫାର୍ମ ଜେନେରାଲ ଆଣ୍ଟାର୍କଟିକର ଉପ ସଭାପତି ଦାୟିତ୍ୱରେ ଅଛନ୍ତି।

### ଉଗ୍ରପନ୍ଥୀ କ୍ୟାମ୍ପରେ ଚଢ଼ାଉ: ବିପୁଳ ଅସ୍ତ୍ରଶସ୍ତ୍ର ଜବତ

**ଇଟାନଗର, ୨୩।୨:** ଅରୁଣାଚଳ ପ୍ରଦେଶ ପୋଲିସକୁ ଗୁରୁବାର ବଡ଼ ସଫଳତା ମିଳିଛି। ଉଗ୍ରପନ୍ଥୀଙ୍କ କ୍ୟାମ୍ପରେ ପୋଲିସ ଚଢ଼ାଉକରି ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ଜବତ କରିଛି। ଷ୍ଟେଟ୍ ଟାସ୍କ ଫୋର୍ସ ପକ୍ଷରୁ ଏହି ବଡ଼ ଧରଣର ଚଢ଼ାଉ କରାଯାଇଥିବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ରୋହିତ ରାଜବୀର ସିଂ କହିଛନ୍ତି।



ପଓ୍ୱନ ଖେରାଙ୍କୁ ଗିରଫ ପ୍ରତିବାଦରେ ଦିଲ୍ଲୀ ଆଇଜିଆଇ ବିମାନବନ୍ଦରରେ କଂଗ୍ରେସ ନେତାଙ୍କ ବିକ୍ଷୋଭ।

# ପଓ୍ୱନ ଖେରାଙ୍କୁ ସୁପ୍ରିମକୋର୍ଟରୁ ଜାମିନ

## ପ୍ରଧାନମନ୍ତ୍ରୀଙ୍କୁ ଅପମାନ ଅଭିଯୋଗ
## ଦିଲ୍ଲୀ ବିମାନବନ୍ଦରରୁ ଗିରଫ କରିଥିଲା ଆସାମ ପୋଲିସ



**ନୂଆଦିଲ୍ଲୀ,୨୩।୨**

କଂଗ୍ରେସ ନେତା ପଓ୍ୱନ ଖେରାଙ୍କୁ ଗୁରୁବାର ଦିଲ୍ଲୀ ବିମାନବନ୍ଦରରେ ନାଟକୀୟ ଢଙ୍ଗରେ ବିମାନରୁ ଓହ୍ଲାଇ ଦିଆଯିବା ସହ ଆସାମ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାକୁ ନେଇ ବିମାନବନ୍ଦରରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ସହ ଛତିଶଗଡ଼ର ରାୟପୁର ଯିବାକୁ ଥିବା ପ୍ରାୟ ୫୦ କଂଗ୍ରେସ ନେତା ବିମାନରୁ ଓହ୍ଲାଇ ପ୍ରତିବାଦ ଜଣାଇଥିଲେ। ଏହାର କିଛି ଘଣ୍ଟା ପରେ ଖେରାଙ୍କୁ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ମିଳିଛି। ତେବେ ଖେରା ଦିଲ୍ଲୀ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର ହୋଇ ଅନ୍ତରୀଣ ଜାମିନରେ ଯିବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଥିଲେ। ଜାମିନରେ ମୁକ୍ତ ହେବା ପରେ ଖେରା ନ୍ୟାୟପାଳିକାକୁ ସାଲ୍ୟୁଟ କରିଛନ୍ତି। ସର୍ବୋଚ୍ଚ ଅଦାଲତ ତାଙ୍କ ସ୍ୱାଧୀନତାକୁ କାଏମ ରଖିଥିବାରୁ ସେ କୃତଜ୍ଞ ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅପମାନିତ କରିବା ଅଭିଯୋଗରେ ତାଙ୍କୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଜାମିନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ପାଇଁ ଖେରାଙ୍କ ବିରୋଧରେ ଆସାମ, ଲକ୍ଷ୍ନୌ ଏବଂ ବାରାଣସୀରେ ଏକାଧିକ ଏତଲା ଦାଏର ହୋଇଥିବାବେଳେ ସେଗୁଡ଼ିକୁ ଏକାଠି କରିବାକୁ ସେ କରିଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ଆସାମ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ନୋଟିସ ଜରିଆରେ ଜବାବ ମାଗିଛନ୍ତି। ଏକାଧିକ ଏତଲା ଉପରେ ଖେରା ବିଭିନ୍ନ କୋର୍ଟରେ ନିୟମିତ ଜାମିନ ପାଇଁ ଆବେଦନ କରି ନ ଥିବାରୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ସୁରକ୍ଷା ସ୍ୱରୂପ ଅନ୍ତରୀଣ ଜାମିନ ଦିଆଯାଇଛି। ଜାମିନ ନିର୍ଦ୍ଦେଶ ଶୁଣାଇବା ବେଳେ ସିଜେଆଇ କଂଗ୍ରେସ ନେତାଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ସୂଚନାଯୋଗ୍ୟ, ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦର ସଂସଦୀୟ କମିଟି ତଦନ୍ତ ଦାବି କଲାବେଳେ କଂଗ୍ରେସ ମୁଖପାତ୍ର ଖେରା ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ନାମକୁ ବିକୃତ କରି ନରେନ୍ଦ୍ର ଗୌତମ ଦାସ କହିଥିଲେ। ପରେ ସେ ଏହାକୁ ବଦଳାଇ ଦାମୋଦର ଦାସ ମୋଦି ହେବ ବୋଲି କହିଥିଲେ। ଭୁଲ୍‌ରେ ଖେରାଙ୍କ ପାଟିରୁ ଭୁଲ୍ ଶବ୍ଦ ବାହାରିଯାଇଥିଲା ବୋଲି ସୁପ୍ରିମକୋର୍ଟରେ ତାଙ୍କ ଓକିଲ ଯୁକ୍ତି ଦର୍ଶାଇବା ସହ ସେ ଏଥିପାଇଁ କ୍ଷମା ମାଗିଥିବା କହିଥିଲେ।

# ହିଜାବ ନ ପିନ୍ଧିବାରୁ ମାଡ଼

## ରାସ୍ତାକଡ଼ରେ ରକ୍ତ ଜୁଡୁବୁଡୁ ହୋଇ କାନ୍ଦୁଛନ୍ତି ନାବାଳିକା



**ନୂଆଦିଲ୍ଲୀ, ୨୩।୨**

ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାକଡ଼ରେ ବସି ଜଣେ ନାବାଳିକା କାନ୍ଦୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ମୋନିକା ବର୍ମା ନାମକ ଜଣେ ଟୁଇଟର ୟୁଜର୍ ଏହି ଭିଡିଓକୁ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓଟି ଇରାନ୍‌ର ବୋଲି କୁହାଯାଉଛି। ନାବାଳିକା ଜଣକ ହିଜାବ ନ ପିନ୍ଧିବାରୁ ତାଙ୍କୁ ମାଡ଼ ମରାଯାଇଥିବା ଜଣାପଡ଼ିଛି। ମାଡ଼ ଆଘାତରେ କୁନି ଝିଅ ନାକ ଓ ପାଟିରୁ ରକ୍ତସ୍ରାବ ହେଉଥିବାବେଳେ ସେ ଏକ କପଡ଼ା ଧରି କାନ୍ଦି କାନ୍ଦି ମୁହଁ ପୋଛୁଥିବାର ଦେଖିବାକୁ ମିଳିଛି। ଭାଇରାଲ ହେଉଥିବା ଭିଡିଓ ଅନୁସାରେ ଦୁଇଜଣ ମହିଳା ଉକ୍ତ ଝିଅଙ୍କୁ ସାହାଯ୍ୟ କରୁଛନ୍ତି। ଇରାନ୍‌ର ସର୍ବସାଧାରଣ ସ୍ଥାନରେ ମହିଳା ହିଜାବ ପରିଧାନ କରିବା ବାଧ୍ୟତାମୂଳକ। ଗତବର୍ଷ ସେପ୍ଟେମ୍ବରରେ ୨୨ ବର୍ଷିଆ ମହସା ଆମିନି ଭୁଲ୍ ଢଙ୍ଗରେ ହିଜାବ ପିନ୍ଧିବା ଯୋଗୁ ଇରାନର ରକ୍ଷଣଶୀଳ ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସ ଅତ୍ୟାଚାରରେ ଆମିନିଙ୍କ ହାଜତ ମୃତ୍ୟୁ ଘଟିବା ପରେ ଦେଶରେ ୫ ମାସ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ଆମକୁ କେବଳ ମୋଦି ଦରକାର

## ଭାଇରାଲ ଭିଡିଓରେ ପାକ୍ ଯୁବକଙ୍କ ଦାବି



ସାନା ଅମଜାଦ୍

**ଇସ୍‌ଲାମାବାଦ,୨୩।୨**

ପାକିସ୍ତାନୀ ୟୁଟ୍ୟୁବର ସାନା ଅମଜାଦ୍ ପୋଷ୍ଟ କରିଥିବା ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଦେଶରେ ଦରଦାମ୍ ବୃଦ୍ଧିକୁ ନେଇ ଅତିଷ୍ଠ ସାନା ଶେହବାଜ୍ ଶରିଫ୍ ସରକାରଙ୍କୁ ଉକ୍ତ ଭିଡିଓରେ ସମାଲୋଚନା କରିବା ସହ ଆଲ୍ଲା ଆମକୁ ମୋଦି ଦିଅ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଶାସନ କଲେ ଆମେ ଉଚିତ ଦାମ୍‌ରେ ସାମଗ୍ରୀ କିଣିପାରିବୁ। ଆମେ ନୱାଜ ଶରିଫ୍, ଇମ୍ରାନ, ବେନଜିର କିମ୍ବା ଜେନେରାଲ ମୁସାରଫ୍, କାହାକୁ ଚାହୁଁନାହୁଁ ବୋଲି ଯୁବକ ଜଣକ କହିଛନ୍ତି। ପାକିସ୍ତାନ ଭାରତ ଠାରୁ ଅଲଗା ହେବାର ନ ଥିଲା। ଆମେ ଭାରତ ସହ ରହିଥିଲେ ଟମାଟୋ କିଲୋ ୨୦ ଏବଂ ଚିକେନ ୧୫୦ ଟଙ୍କାରେ କିଣିପାରିଥାନ୍ତୁ ବୋଲି ସାନା କହିଛନ୍ତି।

# ୨୪ ଘଣ୍ଟା ଭିତରେ କ୍ଷମା ମାଗ: ରୋହିଣୀ

## ଥମୁନି ଆଇଏଏସ୍, ଆଇପିଏସ୍ କଳି

**ବେଙ୍ଗାଲୁରୁ, ୨୩।୨**

ଫେସ୍‌ବୁକ୍‌ରେ ଫଟୋ ପୋଷ୍ଟକୁ ନେଇ କର୍ନାଟକ ଆଇପିଏସ୍ ରୂପା ଏବଂ ଆଇଏଏସ୍ ଅଫିସର ରୋହିଣୀଙ୍କ ମଧ୍ୟରେ ଲାଗିଥିବା କଳି ଥମିବାର ନାଁ ନେଉନାହିଁ। ଆପତ୍ତିଜନକ ଫଟୋ ପୋଷ୍ଟ କରିବା ମାମଲାରେ ରୂପା କ୍ଷମା ମାଗନ୍ତୁ ବୋଲି ଗୁରୁବାର ରୋହିଣୀ ତାଙ୍କ ନିକଟକୁ ଏକ ନୋଟିସ ଜାରି କରି କହିଛନ୍ତି। ଯଦି ରୂପା ୨୪ ଘଣ୍ଟା ମଧ୍ୟରେ ଲିଖିତ ଭାବେ କ୍ଷମା ନ ମାଗନ୍ତି ତେବେ ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। କ୍ଷତିପୂରଣ ବାବଦକୁ ରୋହିଣୀ ୧ କୋଟି ଟଙ୍କା ଦାବି କରିଛନ୍ତି।

# ଥାନାରେ ଅମ୍ରିତପାଲ ସମର୍ଥକଙ୍କ ତୁମୁଳକାଣ୍ଡ



**ଅମୃତସର,୨୩।୨**

ପଞ୍ଜାବ ଅମୃତସର ଜିଲାରେ ଖଲିସ୍ଥାନୀ ନେତା ଅମ୍ରିତପାଲ୍ ସିଂଙ୍କ ସମର୍ଥକମାନେ ଗୁରୁବାର ଏକ ଥାନାରେ ଧସେଇ ପଶି ତୁମୁଳକାଣ୍ଡ ଘଟାଇଛନ୍ତି। ଅମ୍ରିତପାଲଙ୍କ ନେତୃତ୍ୱରେ 'ୱାରିସ୍ ପଞ୍ଜାବ ଡେ'ର ଶତାଧିକ ସମର୍ଥକ ବନ୍ଧୁକ ଓ ଖଣ୍ଡା ଧରି ବାରିକେଡ୍ ଭାଙ୍ଗି ପୋଲିସ ସହିତ ସଂଘର୍ଷ କରିଥିଲେ। ଏଥିରେ ଉଭୟ ପକ୍ଷରୁ କେତେଜଣ ଆହତ ହୋଇଥିବା କୁହାଯାଉଛି। ଗିରଫ ସହଯୋଗୀ ଲଭପ୍ରୀତ୍ ତୁଫାନଙ୍କୁ ୨୪ ଘଣ୍ଟା ମଧ୍ୟରେ ନ ଛାଡ଼ିଲେ ପରିଣାମ ଭୟାବହ ହେବ ବୋଲି ଅମ୍ରିତପାଲଙ୍କ ସମର୍ଥକମାନେ ପୋଲିସକୁ ଚେତାବନୀ ଦେଇଥିଲେ। ଲଭପ୍ରୀତ୍ ନିର୍ଦ୍ଦୋଷ ବୋଲି ସେମାନେ ଦାବି କରିଥିଲେ। ରାଜନୈତିକ ଉଦ୍ଦେଶ୍ୟରେ ମାମଲା ରୁଜୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

# ପାକିସ୍ତାନରୁ ଫେରିଲେ ମଧ୍ୟପ୍ରଦେଶ ଯୁବକ

## ନିର୍ଯ୍ୟାତନା ଦେଉଥିଲେ ପାକ୍ ସୈନ୍ୟ

**ଭୋପାଳ,୨୩।୨**

୨୦୧୯ରେ ଭୁଲ୍‌ବଶତଃ ପାକିସ୍ତାନ ଚାଲିଯାଇଥିବା ମଧ୍ୟପ୍ରଦେଶର ଜଣେ ଯୁବକଙ୍କୁ ସେଠାରେ ଗୁପ୍ତଚରଗିରି ଅଭିଯୋଗରେ ଗିରଫ କରାଯାଇଥିଲା। ମାସେ ପର୍ଯ୍ୟନ୍ତ ପାକିସ୍ତାନୀ ସୈନ୍ୟମାନେ ତାଙ୍କୁ ଅକଥନୀୟ ନିର୍ଯାତନା ଦେଇଥିଲେ ବୋଲି ରାଜୋ ଓରଫ ରାଜୁ ଲକ୍ଷ୍ମଣ (୨୪) ନାମକ ଏହି ଯୁବକ ବୁଧବାର ଘରକୁ ଫେରିବା ପରେ କହିଛନ୍ତି। ୩ ବର୍ଷ ପରେ ତାଙ୍କୁ ମୁକ୍ତ କରାଯାଇଛି। ପୂର୍ବ ପଞ୍ଜାବରେ ଥିବା ଆଣବିକ କେନ୍ଦ୍ର ସମ୍ପର୍କରେ ଗୁପ୍ତ ତଥ୍ୟ ସଂଗ୍ରହ କରିବାକୁ ରାଜୁ ଯାଇଥିବା ଅଭିଯୋଗ କରି ପାକ୍ ସେନା ତାଙ୍କୁ ଗିରଫ କରିଥିଲା। ତେବେ ସେ ଜଣେ ମାନସିକ ରୋଗୀ ଏବଂ ୫ମ ଶ୍ରେଣୀ ଫେଲ୍। ଆଣବିକ ପ୍ଲାଣ୍ଟ ଦେଖିଲେ ମଧ ସେ ତାହା ଚିହ୍ନିପାରିବେ ନାହିଁ ବୋଲି ତାଙ୍କ ପରିବାର କହିଛି।

# ଭୂକମ୍ପ ମୃତ୍ୟୁ ସଂଖ୍ୟା ୪୭,୦୦୦ ଟପିଲା

**ଆଙ୍କାରା, ୨୩।୨**

ତୁର୍କୀ ଓ ସିରିଆରେ ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟା ଗୁରୁବାର ୪୭,୦୦୦ ପାର୍ କରିଛି। ଗତ ୬ ତାରିଖରେ ହୋଇଥିବା ଶକ୍ତିଶାଳୀ ଭୂକମ୍ପ ପରେ ସୋମବାର ୬.୪ ତୀବ୍ରତା ବିଶିଷ୍ଟ ଆଉ ଏକ ଭୂକମ୍ପରେ ତୁର୍କୀର ହତାୟ ଅଞ୍ଚଳ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ତୁର୍କୀ ଗୃହମନ୍ତ୍ରୀ ସୁଲେୟମାନ ସୋୟଲୁ ଦେଇଥିବା ସୂଚନା ଅନୁସାରେ ୭.୮ ତୀବ୍ରତା ବିଶିଷ୍ଟ ଭୂକମ୍ପରେ ଦେଶରେ ମୋଟ ୪୩,୫୫୬ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଭୂକମ୍ପ ଫଳରେ ଦୁଇ ଦେଶର ମୋଟ ୪୭,୨୨୪ ଜଣଙ୍କ ମୃତ୍ୟୁ ଘଟିଛି। ହତାୟରେ ଦୁଇଟି ବିଲ୍ଡିଂ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି। ସେଠାରେ ସର୍ଚ୍ଚ ଅପରେଶନ୍ ଜାରି ରହିଛି। ଅନ୍ୟପକ୍ଷେ ଉଭୟ ତୁର୍କୀ ଓ ସିରିଆର ୧୬୪,୦୦୦ ବିଲ୍ଡିଂ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ତୁର୍କୀ ପରିବେଶ ଓ ସହରୀକରଣ ମନ୍ତ୍ରୀ ମୁରାତ କୁରୁମ ସୂଚନା ଦେଇଛନ୍ତି। ସିରିଆରେ ହଜାର ସଂଖ୍ୟକ ଶିଶୁ ଓ ଅନେକ ପରିବାର ଅସ୍ଥାୟୀ ଟେଣ୍ଟ ଓ କାର୍‌ରେ ଆଶ୍ରୟ ନେଇଛନ୍ତି। ପୁଣିଥରେ ଭୂମିକମ୍ପ ହେବା ନେଇ ମନରେ ଡର ଥିବା ସ୍ଥାନୀୟ ଲୋକେ କହିଛନ୍ତି। ସାଉଦି ଆରବ, ଇଜିପ୍ଟ ଏବଂ ଆମେରିକା ପକ୍ଷରୁ ସିରିଆକୁ ରିଲିଫ୍ ସହଯୋଗ ଅଦ୍ୟାବଧି ଜାରି ରହିଛି।



ତୁର୍କୀ ସମାନ୍ଦଗରେ ବିଧ୍ୱସ୍ତ ବିଲ୍ଡିଂ ନିକଟ ଦେଇ ଲୋକେ ମୋଟର ସାଇକେଲରେ ଯାଉଛନ୍ତି।

# ୨ ବର୍ଷର ଶିଶୁକୁ ଝୁଣି ମାରିଦେଲେ କୁକୁର

**ସୁରଟ,୨୩।୨(ଆଇଏଏନ୍‌ଏସ୍)**

ସୁରଟରେ ୨ ବର୍ଷର ଶିଶୁକନ୍ୟାକୁ ୩/୪ଟି କୁକୁର ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ୩୦ରୁ ୪୦ କାମୁଡ଼ା କ୍ଷତ ଥିବା ଶିଶୁଟି ସୁରଟର ଏକ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପ୍ରାଣ ହରାଇଛି। ଶିଶୁର ମାଆବାପା ଦିନ ମଜୁରିଆ। ସେମାନେ ଖଜୋଦ ଅଞ୍ଚଳର ଡାଇମଣ୍ଡ ବୁର୍ସ ନିକଟ ଲେବର କଲୋନିରେ ରହୁଥିଲେ। ରବିବାର ସେମାନେ କାମକୁ ଯାଇଥିବାବେଳେ ଝିଅକୁ କୁକୁର କାମୁଡ଼ିଥିବା ଖବର ପାଇଁ ଘରକୁ ଫେରିଥିଲେ। ଝିଅକୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। କୁକୁର ଶିଶୁର ମୁଣ୍ଡ, ହାତ, ଗୋଡ଼କୁ ୩୦ରୁ ୪୦ ଥର କାମୁଡ଼ିଥିଲେ। କେତେକ କ୍ଷତି ଅଧିକ ଗଭୀର ଥିଲା ବୋଲି ଡାକ୍ତର କହିଛନ୍ତି। ଅସ୍ତ୍ରୋପଚାର ପରେ ଶିଶୁଟିର ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେଇଥିଲେ ମଧ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ସୁରଟରେ ୨୦ ହଜାର କୁକୁର ଥିବାବେଳେ ଦୈନିକ ୩୦ଟିର ଷ୍ଟେରିଲାଇଜେଶନ କରାଯାଉଥିବା ପୌର ନିଗମ ପକ୍ଷରୁ କୁହାଯାଇଛି।

## ହାଇଦ୍ରାବାଦ ଘଟଣାରେ ମାମଲା ରୁଜୁ କଲେ ହାଇକୋର୍ଟ

**ହାଇଦ୍ରାବାଦ,୨୩।୨**

ହାଇଦ୍ରାବାଦରେ ଜଣେ ୪ ବର୍ଷର ଶିଶୁପୁତ୍ରକୁ ବୁଲା କୁକୁର ଝୁଣି ମାରିଦେବା ଘଟଣାରେ ତେଲଙ୍ଗାନା ହାଇକୋର୍ଟ ମଙ୍ଗଳବାର ନିଜଆଡୁ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନର ଦାୟିତ୍ୱହୀନତା ପାଇଁ ଶିଶୁଟିର ଜୀବନ ଗଲା ବୋଲି ହାଇକୋର୍ଟ କହିବା ସହ ଏଭଳି ଆକ୍ରମଣ ଘଟଣା ରୋକିବା ଦିଗରେ କ'ଣ ପଦକ୍ଷେପ ନେଇଛ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ହାଇକୋର୍ଟ ସମବେଦନା ଜଣାଇବା ସହ ଶିଶୁର ପରିବାରକୁ କ୍ଷତିପୂରଣ ଦେବା ନେଇ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଲଙ୍ଗାନା ମୁଖ୍ୟ ଶାସନ ସଚିବ, ମ୍ୟୁନିସିପାଲ ପ୍ରଶାସନ, ସହରାଞ୍ଚଳ ବିକାଶ ବିଭାଗ ପ୍ରମୁଖ ସଚିବ, ଜିଏଚ୍‌ଏମ୍‌ସି କମିଶନର, ଉପକମିଶନର, ଭେଟେରିନାରୀ ଅଫିସର, ହାଇଦ୍ରାବାଦ ଜିଲାପାଳ ଓ ତେଲଙ୍ଗାନା ରାଜ୍ୟ ଆଇନସେବା କର୍ତ୍ତୃପକ୍ଷର ସଦସ୍ୟ ସଚିବଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୬କୁ ଧାର୍ଯ୍ୟ ହୋଇଛି।

# ପ୍ରତି ୨ ମିନିଟ୍‌ରେ ଜଣେ ମହିଳାଙ୍କ ମୃତ୍ୟୁ: ଜାତିସଂଘ

## ଗର୍ଭାବସ୍ଥା ଓ ସନ୍ତାନ ପ୍ରସବ ବେଳେ ସମସ୍ୟା



**ଜେନେଭା,୨୩।୨**

ବିଗତ ୨୦ ବର୍ଷ ମଧ୍ୟରେ ମାତୃମୃତ୍ୟୁ ହାର ଏକତୃତୀୟାଂଶ ହ୍ରାସ ପାଇଛି। ଏହା ସତ୍ତ୍ୱେ ଏବେ ପ୍ରତି ଦୁଇ ମିନିଟ୍‌ରେ ଜଣେ ମହିଳା ଗର୍ଭାବସ୍ଥାରେ କିମ୍ବା ସନ୍ତାନ ପ୍ରସବରେ ଜଟିଳତା କାରଣରୁ ପ୍ରାଣ ହରାଉଥିବା ଗୁରୁବାର ଜାତିସଂଘ ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ୨୦୦୦ରୁ ୨୦୧୫ ମଧ୍ୟରେ ମାତୃମୃତ୍ୟୁ ହାର ଯଥେଷ୍ଟ ହ୍ରାସ ପାଇଥିଲା। ତେବେ ୨୦୧୬ରୁ ୨୦୨୦ ମଧ୍ୟରେ ଏଥିରେ କୌଣସି ପରିବର୍ତ୍ତନ ଦେଖାଦେଇ ନ ଥିଲା। କାରଣ କେତେକ ଅଞ୍ଚଳରେ ମାତୃ ମୃତ୍ୟୁହାର ବଢ଼ିଥିବା ଦେଖାଯାଇଥିଲା। ଜାତିସଂଘ ରିପୋର୍ଟ ଅନୁଯାୟୀ ୨୦ ବର୍ଷରେ ମୋଟାମୋଟି ଭାବେ ମାତୃ ମୃତ୍ୟୁହାର ୩୪.୪ ପ୍ରତିଶତ ହ୍ରାସ ପାଇଛି। ୨୦୦୦ରେ ପ୍ରତି ଲକ୍ଷରେ ୩୩୯ ଜଣ ମାଆଙ୍କର ମୃତ୍ୟୁ ଘଟୁଥିବାବେଳେ ୨୦୨୦ରେ ତାହା ୨୨୩କୁ ଖସିଥିଲା ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ଜାତିସଂଘର ଅନ୍ୟ ସଂସ୍ଥା ପକ୍ଷରୁ କୁହାଯାଇଛି। ସେହି ଅନୁଯାୟୀ ଦେଖିଲେ ୨୦୨୦ରେ ଦୈନିକ ପାଖାପାଖି ୮୦୦ ମହିଳାଙ୍କର ଗର୍ଭାବସ୍ଥା କିମ୍ବା ସନ୍ତାନ ଜନ୍ମ ସମୟରେ ମୃତ୍ୟୁ ଘଟିଛି।

ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍‌ଙ୍କ କହିବା ଅନୁଯାୟୀ ଗର୍ଭାବସ୍ଥା ସବୁ ମହିଳାଙ୍କ ପାଇଁ ଅତ୍ୟନ୍ତ ଆଶାବାଦୀ ଓ ସକାରାତ୍ମକ ଅନୁଭୂତିର ସମୟ ହେବା ଆବଶ୍ୟକ। ତେବେ ବିଶ୍ୱର ଲକ୍ଷ ଲକ୍ଷ ମହିଳା ଏବେ ମଧ ବିପଦର ସମ୍ମୁଖୀନ ହେବା ଦୁଃଖଦାୟକ। ୨୦୧୬ରୁ ୨୦୨୦ ମଧ୍ୟରେ ଜାତିସଂଘର ୮ଟି ଅଞ୍ଚଳ ମଧ୍ୟରୁ ମାତ୍ର ୨ଟି ଅଞ୍ଚଳରେ ମାତୃମୃତ୍ୟୁହାର ହ୍ରାସ ପାଇଥିଲା। ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ଏହା ୩୫ ପ୍ରତିଶତ ହ୍ରାସ ପାଇଥିବା ବେଳେ କେନ୍ଦ୍ରୀୟ ଏବଂ ଦକ୍ଷିଣ ଏସିଆରେ ୧୬ ପ୍ରତିଶତ କମିଥିଲା। ଅନ୍ୟ ପକ୍ଷରେ ୟୁରୋପ ଏବଂ ଉତ୍ତର ଆମେରିକାରେ ମାତୃ ମୃତ୍ୟୁହାର ୧୭ ପ୍ରତିଶତ ବଢ଼ିଥିବାବେଳେ ଦକ୍ଷିଣ ଆମେରିକା ଏବଂ କାରିବିଆନ୍ ଅଞ୍ଚଳରେ ୧୫ ପ୍ରତିଶତ ବୃଦ୍ଧି ପାଇଥିଲା। ଦରିଦ୍ର ରାଷ୍ଟ୍ରଗୁଡ଼ିକରେ ମାତୃ ମୃତ୍ୟୁହାର ସର୍ବାଧିକ ଚିନ୍ତାଜନକ। ୨୦୨୦ରେ ଘଟିଥିବା ମାତୃମୃତ୍ୟୁର ୭୦ ପ୍ରତିଶତ କେବଳ ଉପସାହାରା ଆଫ୍ରିକା ଅଞ୍ଚଳରୁ ରେକର୍ଡ ହୋଇଥିଲା। ଏଠାରେ ମୃତ୍ୟୁହାର ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ତୁଳନାରେ ୧୩୬ ଗୁଣ ଅଧିକ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଥିବା ଆଫଗାନିସ୍ତାନ, କେନ୍ଦ୍ରୀୟ ଆଫ୍ରିକା ରିପବ୍ଲିକ୍, ଚାଦ୍, ଡେମୋକ୍ରାଟିକ ରିପବ୍ଲିକ୍ ଅଫ୍ କଙ୍ଗୋ, ସୋମାଲିଆ, ଦକ୍ଷିଣ ସୁଦାନ, ସୁଦାନ, ସିରିଆ ଏବଂ ୟେମେନରେ ମାତୃମୃତ୍ୟୁ ହାର ବିଶ୍ୱର ହାରାହାରି ହାର୍ ତୁଳନାରେ ଦୁଇ ଗୁଣରୁ ଅଧିକ। ପ୍ରସବ ସମୟରେ ଅତ୍ୟଧିକ ରକ୍ତସ୍ରାବ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ ଜନିତ ଜଟିଳତା ଏବଂ ଏଚ୍‌ଆଇଭି/ଏଡ୍ସ ଆଦି କାରଣରୁ ମାତୃମୃତ୍ୟୁହାର ବଢ଼ିଥାଏ। ସନ୍ତାନ ଜନ୍ମ ଉପରେ ମହିଳାମାନଙ୍କ ନିୟନ୍ତ୍ରଣ ଆସିପାରିଲେ, ବିଶେଷ କରି ଯୋଜନା ଅନୁଯାୟୀ ଏବଂ ଉପଯୁକ୍ତ ବ୍ୟବଧାନରେ ସନ୍ତାନ ଜନ୍ମ କଲେ ମହିଳାମାନେ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି।


ମହାରାଷ୍ଟ୍ରର ଠାଣେଠାରେ ଗୁରୁବାର ଶିବ ସେନା (ଶିନ୍ଦେ ଗୋଷ୍ଠୀ ତଥା ଏବେ ଶିବ ସେନା ଦଳ ଭାବେ ନିର୍ବାଚନ କମିଶନ ଦ୍ୱାରା ସ୍ୱୀକୃତ) ପକ୍ଷରୁ ଶିବ ସେନା (ଉଦ୍ଧବ ଗୋଷ୍ଠୀ) ଏମ୍‌ପି ସଞ୍ଜୟ ରାଉତଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଜାଭେଦ ଅଖତରଙ୍କୁ ଶୁଭେଚ୍ଛା ଜଣାଇବା ଆବଶ୍ୟକ: ସଞ୍ଜୟ

ମୁମ୍ବାଇ, ୨୩।୨

୨୬/୧୧ ମୁମ୍ବାଇରେ ଆକ୍ରମଣ ସମ୍ପର୍କରେ କବି ତଥା ବିଶିଷ୍ଟ ଗୀତିକାର ଜାଭେଦ ଅଖତର ନିକଟରେ ଲାହୋରଠାରେ ପାକିସ୍ତାନ ବିରୋଧୀ ବୟାନ ଦେଇଥିଲେ। ଏହି ଘଟଣାକୁ ନେଇ ଅନେକେ ଜାଭେଦଙ୍କୁ ପ୍ରଶଂସା କରିବା ସହ ସାବାସୀ ଦେବା ଆରମ୍ଭ କରିଛନ୍ତି। ଏ ପ୍ରସଙ୍ଗରେ ଉଦ୍ଧବ ଗୋଷ୍ଠୀ ଏମ୍‌ପି ସଞ୍ଜୟ ରାଉତ ଗୁରୁବାର ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଲାହୋର ଫେଜ୍ ଫେଷ୍ଟିଭାଲରେ ଜାଭେଦ ଅଖତର ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ, ଆରଏସ୍‌ଏସ୍ ମୁଖ୍ୟ ମଧ୍ୟ ପ୍ରଶଂସା କରିବା ଆବଶ୍ୟକ। ପାକିସ୍ତାନରେ ପାକ୍ ବିରୋଧୀ ମନ୍ତବ୍ୟ ଦେବାକୁ ନେଇ ଜାଭେଦଙ୍କୁ ଉଦ୍ଧବ ଗୋଷ୍ଠୀ ସ୍ୱାଗତ ଜଣାଉଛି ବୋଲି ସଞ୍ଜୟ କହିଛନ୍ତି।

# ଆଉ ନିର୍ବାଚନ ଲଢ଼ିବିନି, ପୁଅ ଲଢ଼ିବ: ସୁର ରାଉତରାୟ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଭବିଷ୍ୟତରେ ଆଉ ନିର୍ବାଚନ ଲଢ଼ିବେନି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ସୂଚନା ଦେଇଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁର କହିଛନ୍ତି 'ମୁଁ ଆଉ ନିର୍ବାଚନ ଲଢ଼ିବିନି। ବୟସ ୮୦ ବର୍ଷ ଛୁଇଁଲାଣି । ମୋ ସାନ ପୁଅ ମନ୍ମଥ ଜଟଣୀରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବ। ମୁଁ ୫୫ ବର୍ଷ ହେଲାଣି କଂଗ୍ରେସରେ ଅଛି। ଜନ୍ମ କଂଗ୍ରେସରେ ମୃତ୍ୟୁ ବି ଏଇଠି । ଆଉ କେଉଁଠିକୁ ଯିବାର ନାହିଁ ବୋଲି ସୁର ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ବୁଧବାର ସୁର ତାଙ୍କ ବଡ଼ପୁଅ ସିଦ୍ଧାର୍ଥଙ୍କ ସହ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଭେଟିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ରାଜନୈତିକ ମହଲରେ ସରଗରମ ଆଲୋଚନା ଚାଲିଛି। ଏ ପ୍ରସଙ୍ଗରେ


ଖବରଦାତା ସମ୍ମିଳନୀରେ ସୁରେଶ କୁମାର ରାଉତରାୟ।

ସୁର କହିଛନ୍ତି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ସହ ସାକ୍ଷାତ ସୌଜନ୍ୟମୂଳକ ଥିଲା। ମୋ' ପୁଅ ସିଦ୍ଧାର୍ଥ ପାହାଡ଼ ଚଢ଼ି ରେକର୍ଡ କରିଛି। ତା' ସଫଳତା ବିଷୟରେ ଜଣାଇବା ପାଇଁ ନବୀନନିବାସ ଯାଇଥିଲି। ଏହା ଜାଣି ମୁଖ୍ୟମନ୍ତ୍ରୀ ଏବଂ ୫-ଟିସଚିବ ଖୁସି ହେଲେ। ସେଠାରେ କୌଣସି ରାଜନୈତିକ ଚର୍ଚ୍ଚା ହୋଇ ନ ଥିବା ସୁର କହିଛନ୍ତି।

### ରାଜନୀତିକୁ ଓହ୍ଲାଇବେ ସିଦ୍ଧାର୍ଥ

ବରିଷ୍ଠ କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କ ବଡ଼ପୁଅ ସିଦ୍ଧାର୍ଥ ରାଉତରାୟ ରାଜନୀତିକୁ ଓହ୍ଲାଇବା ନେଇ ଗୁରୁବାର ସୂଚନା ଦେଇଛନ୍ତି। ସେ ବିଧାୟକ ହେବାକୁ ଚାହୁଁଛନ୍ତି, କିନ୍ତୁ ଜଟଣୀରୁ ଛିଡ଼ା ହେବେ ନାହିଁ। ୨୦୨୪ରେ କେଉଁ ନିର୍ବାଚନ ମଣ୍ଡଳୀରୁ ଏବଂ କେଉଁ ଦଳ ଟିକେଟରେ ନିର୍ବାଚନ ଲଢ଼ିବେ ତାହା ସମୟ ଆସିଲେ କହିବେ ବୋଲି ସିଦ୍ଧାର୍ଥ କହିଛନ୍ତି।

# ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ରହିବେ ପାଲାନିସ୍ୱାମୀ

ନୂଆଦିଲ୍ଲୀ,୨୩।୨(ପି.ଟି.)

### ମାଡ୍ରାସ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ


ଇ.କେ. ପାଲାନିସ୍ୱାମୀ

ଏଆଇଏଡିଏମ୍‌କେର ଅନ୍ତରୀଣ ସାଧାରଣ ସମ୍ପାଦକ ଭାବେ ଇ.କେ. ପାଲାନିସ୍ୱାମୀ ରହିବେ। ମାଡ୍ରାସ ହାଇକୋର୍ଟଙ୍କ ଏହି ରାୟକୁ ଗୁରୁବାର ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଫଳରେ ଦଳର ସର୍ବୋଚ୍ଚ ନେତା ଭାବେ ପାଲାନିସ୍ୱାମୀଙ୍କ ପଦବୀକୁ ସ୍ୱୀକୃତି ମିଳିଛି। ଜାନୁୟାରୀ ୧୨ରେ ଜଷ୍ଟିସ ଦିନେଶ ମାହେଶ୍ୱରୀ ଏବଂ ହୃଷିକେଶ ରାୟଙ୍କ ଖଣ୍ଡପୀଠ ଉକ୍ତ ମାମଲାର ରାୟ ସଂରକ୍ଷିତ ରଖିଥିବାବେଳେ ଓ. ପନିରସେଲ୍‌ଭାମ୍‌ଙ୍କ ପିଟିଶନକୁ ଖାରଜ କରିଦେଇଥିଲେ। ଗତବର୍ଷ ସେପ୍ଟେମ୍ବର ୨ରେ ହାଇକୋର୍ଟ ଦେଇଥିବା ରାୟକୁ କାଏମ ରଖିବା ସହ ପୂର୍ବରୁ ଆମେ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶନାମାକୁ ସ୍ଥାୟୀ କରାଗଲା ବୋଲି ଖଣ୍ଡପୀଠ କହିଥିଲେ। ୨୦୨୨ ଜୁଲାଇ ୧୧ରେ ଦଳର ସାଧାରଣ ପରିଷଦ ବୈଠକରେ ଏହାର କେତେକ ବାଇଲ'ରେ ସଂଶୋଧନ କରାଯିବା ସହ ପାଲାନିସ୍ୱାମୀଙ୍କୁ ଏହାର ଏକମାତ୍ର ନେତା ନିର୍ବାଚିତ କରାଯାଇଥିଲା। ଏଥିସହିତ ବିରୋଧୀ ପନିରସେଲ୍‌ଭାମ ଓ ତାଙ୍କର କେତେଜଣ ସହଯୋଗୀଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ଚେନ୍ନାଇସ୍ଥିତି ଏଆଇଏଡିଏମ୍‌କେ କାର୍ଯ୍ୟାଳୟରେ ଉତ୍ସବ ପାଳନ କରାଯାଇଛି। ସର୍ବୋଚ୍ଚ ଅଦାଲତଙ୍କ ରାୟ ବିଦ୍ରୋହୀଙ୍କ ମୁଖା ଖୋଲିଦେଇଛି। ସେମାନେ ଡିଏମ୍‌କେର ବି-ଟିମ୍ ଭାବେ କାର୍ଯ୍ୟ କରିବା ସହ ଦଳକୁ ଶେଷ କରିଦେବାକୁ ଉଦ୍ୟମ ଚଳାଇଥିଲେ ବୋଲି ପାଲାନିସ୍ୱାମୀ କହିଛନ୍ତି।

### ୨୮ରେ ବିଧାନସଭା ଘେରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ବିଧାନସଭାରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବିବୃତି ଓଡ଼ିଶାର ଯୁବକଙ୍କୁ ଦୁଃଖିତ ଓ ମର୍ମାହତ କରିଛି। ୨୩ ବର୍ଷ ଶାସନ କାଳରେ ଓଡ଼ିଶାରେ ଯୁବପିଢ଼ି ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଓଡ଼ିଶାରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଜଣେ ପୋଲିସ ଅଧିକାରୀ ଦିବାଲୋକରେ ଗୁଳିକରି ହତ୍ୟାକଲେ। ବିରୋଧୀ ଦଳର ନେତା, ବିଧାୟକ ଓ ଯୁବମୋର୍ଚ୍ଚା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବାରମ୍ବାର ରାଜ୍ୟପାଳଙ୍କୁ ଦାବି କରିବା ସତ୍ତ୍ୱେ ସରକାର ନିଦାବିଷ୍ଟ ସାଜିଛନ୍ତି। ତେଣୁ ଓଡ଼ିଆ ଯୁବକଙ୍କ ସୁରକ୍ଷା, ନବ ଦାସ ହତ୍ୟାର ଠିକ୍ ତଦନ୍ତ, ଷଡ଼ଯନ୍ତ୍ରକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଯୁବମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୮ରେ ବିଧାନସଭା ଘେରାଉ କରାଯିବ ବୋଲି ଗୁରୁବାର ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି।

**ନବ ଦାସ ହତ୍ୟା ଘଟଣା**

# ସତ ଲୁଚାଉଛନ୍ତି ସରକାର: ଭାଜପା

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାର ତଦନ୍ତ ପ୍ରକ୍ରିୟାକୁ ନେଇ ବିଧାନସଭାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ଏହି ଅବସରରେ ଗୁରୁବାର ଭାଜପା ବରିଷ୍ଠ ନେତା ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ପୋଲିସର କାର୍ଯ୍ୟଧାରାକୁ ନେଇ ସନ୍ଦେହ ପ୍ରକାଶ କରିବା ସହ ନବଙ୍କ ମୃତ୍ୟୁର ସମୟକୁ ନେଇ ସରକାର କାହିଁକି ମିଛ କହିଲେ, ତାକୁ ନେଇ ବର୍ଷିଛନ୍ତି। ପୋଷ୍ଟମର୍ଟମ୍ ରିପୋର୍ଟରୁ ନବଙ୍କ ବାମ ଛାତିରେ ଗୁଳି ବାଜିଥିବା ସ୍ପଷ୍ଟ ହୋଇଛି। ହାର୍ଟରେ ଗୁଳି ବାଜିଲେ ଜଣେ ଲୋକର କିଛି ସମୟ ମଧ୍ୟରେ ମୃତ୍ୟୁ ଘଟିଥାଏ। ହେଲେ ଏଠାରେ ସରକାର ତାଙ୍କୁ ଭୁବନେଶ୍ୱର ଏୟାର ଲିଫ୍ଟ କରି ଆଣିବା ଏବଂ ରାତି ପ୍ରାୟ ୮ଟାରେ ମୃତ ଘୋଷଣା କରିବା ପଛର ରହସ୍ୟ କ'ଣ ବୋଲି ପ୍ରକାଶ ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମିଶ୍ର କହିଛନ୍ତି ଯେ, ପୋଲିସ ହେଉଛି ଏକ ଫୋର୍ସ ଏବଂ ଏକ 'ଚେନ୍ ଅଫ୍ କମାଣ୍ଡ'ର ବ୍ୟବସ୍ଥାର ସମନ୍ୱୟ ରହିଥାଏ। ରାଜ୍ୟରେ ବହୁ ଦକ୍ଷ ପୋଲିସ ଅଧିକାରୀ ଅଛନ୍ତି। କିନ୍ତୁ ଶୃଙ୍ଖଳା ଅଭାବ କାରଣରୁ ରାଜ୍ୟରେ ପୋଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି। ପୋଲିସ ଡିଜି, ବରିଷ୍ଠ ପୋଲିସ ଅଧିକାରୀ, ଏସ୍‌ପି ଓ ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି । ଦଳୀୟ ଆନୁଗତ୍ୟ ଏବଂ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ କାରଣରୁ କାହାକୁ ଏକାଧିକ ଦାୟିତ୍ୱ ମିଳୁଛି ତ ଆଉ କାହାକୁ ନାହିଁ। ଏହା ଆଦୌ ଶୁଭଙ୍କର ନୁହେଁ। ଏଭଳି ପରିସ୍ଥିତି ଜାରି ରହିଲେ ଆଗକୁ ଆହୁରି ଅନେକ ଗୋପାଳ ଦାସ ସୃଷ୍ଟି ହେବା ଆଶଙ୍କା ବୃଦ୍ଧି ପାଉଛି। ତେଣୁ ଯଥାଶୀଘ୍ର ପୋଲିସ ବ୍ୟବସ୍ଥାରେ ସୁଧାର ଅଣାଯିବା

### ପୋଲିସ ବ୍ୟବସ୍ଥାରେ ସୁଧାର ଅଣାଯିବା ଆବଶ୍ୟକ


ଖବରଦାତା ସମ୍ମିଳନୀରେ ପ୍ରକାଶ ମିଶ୍ର।

ଆବଶ୍ୟକ ବୋଲି ପ୍ରକାଶ କହିଛନ୍ତି। ନବ ଦାସଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏଏସ୍‌ଆଇ ଗୋପାଳ ଗୁଳିକରି ହତ୍ୟା କରିବା ସମଗ୍ର ଓଡ଼ିଶା ରାଜନୀତିକୁ ସ୍ତବ୍ଧ କରିଛି। ଏଘଟଣାର ଠିକ୍ ତଦନ୍ତ କରାଯିବା ସହ ନବଙ୍କୁ ହତ୍ୟା କାହିଁକି କରାଯାଇଛି ତା'ର ସତ୍ୟାସତ୍ୟ ସାମ୍ନାକୁ ଆସିବା ଆବଶ୍ୟକ। ଅପରପକ୍ଷେ ହତ୍ୟା କରିବା ପରେ ଗୋପାଳ ଦାସ ଜଣେ ମାନସିକ ରୋଗୀ ବୋଲି ପରିବାର ଓ ଡାକ୍ତର କହିଥିଲେ। ଯୋଜନାବଦ୍ଧ ଭାବେ ଗୋପାଳଙ୍କୁ ପାଗଳ ବୋଲି ପ୍ରମାଣିତ କରାଯିବାର ପ୍ରଚେଷ୍ଟା କରାଯାଉଛି। ହେଲେ ଯେତେବେଳେ ଅପରାଧୀ ଚିହ୍ନଟ ହୋଇସାରିଛନ୍ତି, ସେତେବେଳେ ଏଭଳି ଘଟଣାରେ ଏଫ୍‌ବିଆଇର କୌଣସି ଭୂମିକା ନାହିଁ । ତଦନ୍ତ ପ୍ରକ୍ରିୟା ବର୍ତ୍ତମାନ ସମ୍ପୂର୍ଣ୍ଣ ସନ୍ଦେହ ଘେରରେ ଥିବାବେଳେ ଠିକ୍ ତଦନ୍ତ ସିବିଆଇ ଭଳି ନିରପେକ୍ଷ ଏଜେନ୍ସି ଦ୍ୱାରା କରାଯିବାକୁ ପ୍ରକାଶ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରି ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଫୁର୍‌ସତ**

# ଜୀବଜଗତ ପାଇଁ ବିପଦ 'ଫର୍‌ଏଭର୍ କେମିକାଲ୍ସ'

ଲସ୍‌ଏଞ୍ଜେଲ୍ସ



ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପ୍ଲାଷ୍ଟିକ୍ ବର୍ଜ୍ୟ ଆଉ ଏବେ ବିଷାକ୍ତ ରାସାୟନିକ ପଦାର୍ଥ ଜୀବଜଗତ ପାଇଁ ଚିନ୍ତାର କାରଣ ପାଲଟିଛି। ଆମେରିକାର ଏକ ଏନ୍‌ଭାଇରନ୍‌ମେଣ୍ଟାଲ୍ ୱାର୍କିଂ ଗ୍ରୁପ୍ ପକ୍ଷରୁ କରାଯାଇଥିବା ଅଧ୍ୟୟନ ମୁତାବକ ଫର୍‌ଏଭର୍ କେମିକାଲ୍ସ ବା ପର୍-ଆଣ୍ଡ ପଲିଫ୍ଲୁରିଓନେଟେଡ୍ ସବ୍‌ଷ୍ଟାନ୍ସ (ପିଏଫ୍‌ଏଏସ୍) ବିଶ୍ୱର ଶତାଧିକ ଜୀବଜଗତ ପାଇଁ ବିପଦ ପାଲଟିଛି। ବିଶେଷ ଭାବେ ପିଏଫ୍‌ଏଏସ୍ ପଲିମର କୋଟିଂ ପାଇଁ ବହୁଳ ଭାବେ ବ୍ୟବହାର କରାଯାଏ। ପିଏଫ୍‌ଏଏସ୍ ବା ଫର୍‌ଏଭର୍ କେମିକାଲ୍‌ରୁ ଜାତ ପ୍ରଦୂଷକ ପଦାର୍ଥ ପୋଲାର ବିଅର୍, ବାଘ, ମାଙ୍କଡ଼, ଭାଲୁ, ଡଲ୍‌ଫିନ୍, ମାଛ, ସ୍ତନ୍ୟପାୟୀ ପ୍ରାଣୀ, ଘୋଡ଼ା ଏବଂ ଗୁଣ୍ଡୁଚି ମୂଷା ଭଳି ବିଶ୍ୱରେ ଦେଖିବାକୁ ମିଳୁଥିବା ୩୩୦ ପ୍ରକାରର ପ୍ରଜାତି ଉପରେ ନକାରାତ୍ମକ ପ୍ରଭାବ ପକାଇବା ଆରମ୍ଭ କରିଛି। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ପିଏଫ୍‌ଏଏସ୍ ପ୍ରଦୂଷଣ ସୀମିତ ନୁହେଁ। ଧୀରେ ଧୀରେ ଏହା ନିଜର କାୟା ବିସ୍ତାର କରି ପ୍ରତ୍ୟେକ ଦେଶ, ମହାଦେଶ ପର୍ଯ୍ୟନ୍ତ ବ୍ୟାପିବାରେ ଲାଗିଛି। କେବଳ ପ୍ରାଣୀ ନୁହେଁ ମନୁଷ୍ୟ ମଧ୍ୟ ଏହି ବିଷାକ୍ତ କେମିକାଲ ଦ୍ୱାରା ପ୍ରଭାବିତ ହେଉଥିବା ଅଧ୍ୟୟନରୁ ଜଣାପଡ଼ିଛି। କେବଳ ଆମେରିକାରେ ଥିବା ବିଭିନ୍ନ କଳକାରଖାନାରୁ ୪୦,୦୦୦ ପ୍ରକାର ପ୍ରଦୂଷକ ନିର୍ଗତ ହେଉଛି, ଯେଉଁଥିରେ ପିଏଫ୍‌ଏଏସ୍ ସାମିଲ ଅଛି। ବିଷାକ୍ତ କଣିକା ସବୁ ଜଳ ଏବଂ ବାୟୁ ମଣ୍ଡଳରେ ମିଶିବା ଦ୍ୱାରା ଉଭୟ ଜଳଚର ଓ ସ୍ଥଳଚର ପ୍ରାଣୀ ଏହାର କବଳରେ ଆସୁଥିବା ଅଧ୍ୟୟନରୁ ଜାଣାପଡ଼ିଛି। ଅନ୍ୟପକ୍ଷେ ୱେଷ୍ଟୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଏୟାରପୋର୍ଟଗୁଡ଼ିକରେ ଏଏଫ୍‌ଏଏସ୍ ଧାରଣ କରିଥିବା ଫାୟାର ଫାଇଟିଂ ଫୋମ୍ ବ୍ୟବହାର କରାଯାଉଛି। ଫର୍ ଏଭର୍ କେମିକାଲ୍ସର ବହୁଳ ବ୍ୟବହାର ବର୍ତ୍ତମାନ ସମୟରେ ଜୀବଜଗତ ପାଇଁ ବିପଦ ସାବ୍ୟସ୍ତ ହୋଇଛି। ଏପ୍ରକାର ବୈଶ୍ୱିକ ସମସ୍ୟାର ସମାଧାନ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ଥିବା ଏନ୍‌ଭାଇରନ୍‌ମେଣ୍ଟାଲ୍ ୱାର୍କିଂ ଗ୍ରୁପ୍ ପକ୍ଷରୁ କୁହାଯାଇଛି।

# ସ୍ୱାମୀ ଆଦିଲଙ୍କ ସହ ରହିବାକୁ ଚାହେଁ


ରାକ୍ଷୀ ସାୱନ୍ତ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ଭାରତୀୟ ଡ୍ୟାନ୍ସର ରାକ୍ଷୀ ସାୱନ୍ତ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବହୁତ ଚର୍ଚ୍ଚାରେ ରହିଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ରାକ୍ଷୀ ଆଦିଲ ଖାନ୍ ଦୁରାନୀଙ୍କୁ ବିବାହ କରିଥିବା ନେଇ ସୂଚନା ଦେଇଥିଲେ। ପରେ ସେମାନଙ୍କ ମଧ୍ୟରେ କିଛି ଠିକ୍ ନ ଥିବା କହିଥିଲେ। ବିବାହ ପରେ ଆଦିଲ ରାକ୍ଷୀଙ୍କୁ ମାନସିକ ଓ ଶାରୀରିକ ଅତ୍ୟାଚାର କରୁଥିବା ଅଭିଯୋଗ କରିଥିଲେ। ଯାହାଫଳରେ ପୋଲିସ ତାଙ୍କୁ ଏବେ ଗିରଫ କରି ଜେଲ୍ ପଠାଇଛି। ତେବେ ରାକ୍ଷୀ ଏବେ କହିଛନ୍ତି ଯେ ସେ ହିନ୍ଦୁ ବୋଲି ସ୍ୱାମୀ ଆଦିଲଙ୍କ ପରିବାର ତାଙ୍କୁ ଗ୍ରହଣ କରୁନାହାନ୍ତି। କିନ୍ତୁ ସେ ଆଦିଲଙ୍କ ସହ ରହିବାକୁ ଚାହୁଁଛନ୍ତି। ରାକ୍ଷୀ ଗୁରୁବାର ମହୀଶୂର କୋର୍ଟ ବାହାରେ ଖବରଦାତାଙ୍କୁ ସାକ୍ଷାତକାରରେ ଏପରି କିଛି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ସ୍ୱାମୀ ଆଦିଲଙ୍କ ବାପାଙ୍କୁ ଫୋନ କରିଥିଲେ। ସେ ରାକ୍ଷୀଙ୍କୁ ଗ୍ରହଣ କରିପାରିବେନି ବୋଲି କହିଥିଲେ, କାରଣ ରାକ୍ଷୀ ଜଣେ ହିନ୍ଦୁ। ହେଲେ ସେ ଇସଲାମ ଧର୍ମ ଗ୍ରହଣ କରିବା ପରେ ତାଙ୍କ ପୁଅଙ୍କୁ ବିବାହ କରିଥିବା କହିଥିଲେ। ଏହା ପରେ ଆଦିଲଙ୍କ ବାପା ଫୋନ ରଖିଦେଇଥିଲେ। ପରେ ଆଉ ଫୋନ ଉଠାଇ ନ ଥିଲେ। ଏବେ ଆଦିଲ ତାଙ୍କୁ ଛାଡପତ୍ର ଦେବାକୁ ଧମକ ଦେଉଛନ୍ତି। ହେଲେ ସେ ସ୍ୱାମୀ ଆଦିଲଙ୍କ ସହ ରହିବାକୁ ଚାହାନ୍ତି। ସେ ଏବେ ମହୀଶୂରରେ କାହାକୁ ଜାଣି ନାହାନ୍ତି। ସେ ନ୍ୟାୟ ଚାହୁଁଛନ୍ତି। ସେ ଇସଲାମ ଧର୍ମ ଗ୍ରହଣ କରିଥିବା ତାଙ୍କ ପାଖରେ ପ୍ରମାଣ ପତ୍ର ରହିଛି। ସେ ବର୍ତ୍ତମାନ କୁଆଡେ ଯିବେ ବୋଲି ପ୍ରଶ୍ନ କରିଛନ୍ତି।

# ୧ ମିନିଟ୍‌ରେ ୨୫୪ ଅଖରୋଟ୍ ଭାଙ୍ଗି ଗିନିଜ୍ ରେକର୍ଡ

**ଇସଲାମାବାଦ୍:** ଅଖରୋଟ୍ ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ଆମ ଶରୀରରେ ଓମେଗା-୩ ବଢାଇବାରେ ସହାୟକ ହୋଇଥାଏ। ଡାଇବେଟିକ୍ ରୋଗ ଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହା ଲାଭଦାୟକ। କିନ୍ତୁ ଏହା ବହୁତ ଟାଣ ହୋଇଥିବାରୁ ତାକୁ ଭାଙ୍ଗିବା କଷ୍ଟକର ହୋଇଥାଏ। ଏହାକୁ ଭାଙ୍ଗିବାକୁ ଆମକୁ କିଛି ଟାଣ ଜିନିଷର ସହାୟତା ପଡ଼ିଥାଏ। ହେଲେ ସେହି ଅଖରୋଟ୍‌କୁ ଜଣେ ବ୍ୟକ୍ତି ମଥା ସାହାଯ୍ୟରେ ଭାଙ୍ଗି ନିକଟରେ ଗିନିଜ୍ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ମହମ୍ମଦ ରଶିଦ୍ ନାମକ ପାକିସ୍ତାନର ଜଣେ ବ୍ୟକ୍ତି ଏପରି କରି ଦେଖାଇଛନ୍ତି। ତେବେ ଭାରତର ଏସ୍. ନବୀନ ଏବଂ ରଶିଦ୍‌ଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦୁହିଁଙ୍କ ହାତ ପଛପଟେ ବନ୍ଧା ହୋଇଥିବାବେଳେ ମଥା ସାହାଯ୍ୟରେ ଅଖରୋଟ୍ ଭାଙ୍ଗିବା ଏହି ଖେଳର ନିୟମ ଥିଲା। ଏସ୍. ନବୀନ ୧ ମିନିଟ୍‌ରେ ୨୩୯ ଅଖରୋଟ୍ ଭାଙ୍ଗିଥିଲେ। ଅନ୍ୟପଟେ ରଶିଦ୍ ସେହି ସମୟ ମଧ୍ୟରେ ୨୫୪ଟି ଅଖରୋଟ୍ ଭାଙ୍ଗି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ଲେଖାଇବାରେ ସକ୍ଷମ ହୋଇଥିଲେ।



# ବିଲ୍‌ର ୧୯ ଗୁଣା ଟିପ୍ସ



କାନବେରା: ଆମେ କୌଣସି ହୋଟେଲକୁ ଖାଇବାକୁ ଗଲେ ସେଠାରେ ଖାଇ ସାରି ଶେଷରେ ବିଲ୍ ସହ କିଛି ଟିପ୍ସ ଦେଇଥାଉ। ହେଲେ ନିକଟରେ ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ କି ଜଣେ ବ୍ୟକ୍ତି ଖାଇବା ପରେ ସେଠାର ୱେଟ୍ରେସ୍‌ଙ୍କୁ ତାଙ୍କ ବିଲ୍‌ର ପାଖାପାଖି ୧୯ ଗୁଣା ଅଧିକ ଟଙ୍କା ଟିପ୍ସ ଆକାରରେ ଦେଇଛନ୍ତି। ଏହା ଦେଖି ୱେଟ୍ରେସ୍ ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅଷ୍ଟ୍ରେଲିଆ ମେଲବୋର୍ନ ସହରରେ ଥିବା ଏକ ରେଷ୍ଟୁରାଣ୍ଟକୁ ଜଣେ କୋଟିପତି ଲୋକ ଖାଇବାକୁ ଆସିଥିଲେ। ଖାଇବା ପରେ ତାଙ୍କ ବିଲ୍ ୪୨ ହଜାର ଟଙ୍କା ହୋଇଥିଲା। ୱେଟ୍ରେସ୍ ଲରେନ୍ ସେ ବିଲ୍ ଆଣି ବ୍ୟକ୍ତି ଜଣଙ୍କୁ ଦେଇଥିଲେ। ସେହି ବ୍ୟକ୍ତି ଜଣକ ତାଙ୍କୁ ବିଲ୍ ସହ ଟିପ୍ସ ପାଇଁ ୮ ଲକ୍ଷ ଟଙ୍କା ଯୋଡିବାକୁ କହିଲେ। ଏହା ଶୁଣି ଲରେନଙ୍କୁ ପ୍ରଥମେ ବିଶ୍ୱାସ ହୋଇ ନ ଥିଲା। ପରେ ସେ ମ୍ୟାନେଜରଙ୍କୁ ଏ ବିଷୟରେ ପଚାରି ଟଙ୍କା ରଖିଥିଲେ। ଲରେନ୍ ସେହି ଟଙ୍କାରୁ ଦେଢ ଲକ୍ଷ ଟଙ୍କା ତାଙ୍କ ସହକର୍ମୀଙ୍କୁ ଦେଇଥିଲେ। ସେ ଏହି ଟଙ୍କାରେ ବିଦେଶରେ ଛୁଟି କଟାଇବା ପାଇଁ ଭାବୁଥିବା କହିଛନ୍ତି।

# ନାରଙ୍ଗି ନମ୍ବର ପ୍ଲେଟ୍ ଯୋଗୁ କଟିଲା ଚାଲାଣ

**ଲକ୍ଷ୍ନୌ:** ସାଧାରଣତଃ ଗାଡ଼ିର ନମ୍ବର ପ୍ଲେଟ୍‌ର ରଙ୍ଗ ଧଳା କିମ୍ବା ହଳଦିଆ ରହିଥାଏ। ନିକଟରେ ଉତ୍ତରପ୍ରଦେଶର ବାରାଣସୀଠାରେ ଜଣେ ବ୍ୟକ୍ତି ବାଇକ୍‌ର ନମ୍ବର ପ୍ଲେଟ୍‌ର ରଙ୍ଗ ନାରଙ୍ଗି କରିବା ସହ ସେଥିରେ ଯୋଗୀ ସେବକ ବୋଲି ଲେଖିଥିବାରୁ ଏହା ତାଙ୍କୁ ବହୁ ମହଙ୍ଗା ପଡ଼ିଛି। ସେଠାକାର ଏକ ଛକରେ ପୋଲିସ ଚେକିଂ ହେଉଥିବାବେଳେ ଉକ୍ତ ବ୍ୟକ୍ତିଙ୍କ ଏପରି ନାରଙ୍ଗି ନମ୍ବର ପ୍ଲେଟ ଦେଖି ବ୍ୟକ୍ତିଙ୍କୁ ଅଟକାଇଲା। ପୋଲିସ ଉକ୍ତ ବ୍ୟକ୍ତିଙ୍କ ଗାଡ଼ି କାଗଜପତ୍ର ଯାଞ୍ଚ କରିବା ସହ ନମ୍ବର ପ୍ଲେଟର ରଙ୍ଗ ଏପରି ଥିବାରୁ ୬ ହଜାର ଟଙ୍କା ଚାଲାଣ କାଟିଲା। ରିପୋର୍ଟ ମୁତାବକ ଉକ୍ତ ବାଇକ୍‌ଟି ଅଙ୍କିତ୍ ଦୀକ୍ଷିତ୍‌ଙ୍କ ନାମରେ ରହିଛି। ସେ ଯୋଗୀଙ୍କୁ ପ୍ରଭୁ ଏବଂ ନିଜକୁ ତାଙ୍କ ସେବକ ବୋଲି ନମ୍ବର ପ୍ଲେଟ ଜରିଆରେ ଦର୍ଶାଇଥିଲା। ହେଲେ ଏପରି କରିବାରୁ ତାଙ୍କୁ ପୋଲିସଠାରୁ ଦଣ୍ଡ ଭୋଗିବାକୁ ପଡ଼ିଛି। ତେବେ ଏହି ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



ଇତିହାସ ପୃଷ୍ଠାରୁ

# ଭାରତର ଏକମାତ୍ର ହକି-କ୍ରିକେଟ୍ ଅନ୍ତର୍ଜାତୀୟ ଖେଳାଳି

**ଜଣେ କ୍ରୀଡ଼ାବିତ୍ ଯେତେବେଳେ ଏକାଧିକ ଲୋକପ୍ରିୟ କ୍ରୀଡ଼ାରେ ଅନ୍ତର୍ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରନ୍ତି ସେତେବେଳେ ତାଙ୍କର ଅସାଧାରଣ କ୍ରୀଡ଼ା ପ୍ରତିଭାର ପରିଚୟ ମିଳିଥାଏ। ଭାରତୀୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆଜି ପର୍ଯ୍ୟନ୍ତ ଜଣେମାତ୍ର ବିରଳ କୀର୍ତ୍ତିମାନର ଅଧିକାରୀ ଭାବେ ଦେଶକୁ କ୍ରିକେଟ୍ ଏବଂ ହକିରେ ପ୍ରତିନିଧିତ୍ୱ କରିଛନ୍ତି, ସେ ହେଉଛନ୍ତି ଏମ୍.ଜେ. ଗୋପାଳନ୍...**



ଅଶୋକ ମହାନ୍ତି



ଅନ୍ତର୍ଜାତୀୟସ୍ତରରେ କୌଣସି ଗୋଟିଏ କ୍ରୀଡ଼ା ଶୃଙ୍ଖଳାରେ ଦେଶକୁ ପ୍ରତିନିଧିତ୍ୱ କରିବା ଜଣେ କ୍ରୀଡ଼ାବିତ୍ ପାଇଁ ଶ୍ରେଷ୍ଠ ସଫଳତା ଭାବେ ବିଚାର କରାଯାଇଥାଏ। କଠିନ ପରିଶ୍ରମ, ଅଧ୍ୟବସାୟ ଦ୍ୱାରା ପ୍ରତିଭାବାନ୍ କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରିବାରେ ସକ୍ଷମ ହୋଇଥାନ୍ତି। କିନ୍ତୁ ଯେତେବେଳେ କୌଣସି ଜଣେ କ୍ରୀଡ଼ାବିତ୍ ଏକାଧିକ ଲୋକପ୍ରିୟ କ୍ରୀଡ଼ା ଶୃଙ୍ଖଳାରେ ଅନ୍ତର୍ଜାତୀୟସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରନ୍ତି ତାହା ତାଙ୍କର ଅସାଧାରଣ କ୍ରୀଡ଼ା ପ୍ରତିଭାର ପରିଚୟ ଦେଇଥାଏ।

ବିଶ୍ୱ କ୍ରୀଡ଼ାରେ ଏଭଳି କିଛି ହାତଗଣତି ଅତ୍ୟନ୍ତ ପ୍ରତିଭାବାନ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନେ ତାଙ୍କ ଦେଶକୁ ଉଭୟ ହକି ଏବଂ କ୍ରିକେଟ୍ ଭଳି ଲୋକପ୍ରିୟ କ୍ରୀଡ଼ାରେ ପ୍ରତିନିଧିତ୍ୱ କରି ବିରଳ କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି। ବିଂଶ ଶତାବ୍ଦୀର ଷାଠିଏ ଦଶକରେ ୧୯୬୧ ରୁ ୧୯୬୬ ମଧ୍ୟରେ ଅଷ୍ଟ୍ରେଲିଆ ପକ୍ଷରୁ ୨୯ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବ୍ରାଏନ ବୁଥ୍ ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ଜାତୀୟ ହକି ଦଳର ସଦସ୍ୟ ଭାବେ ଖେଳି ଏକ ବିରଳ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ବିଶ୍ୱ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଖେଳାଳି ଜଣ୍ଟି ରୋଡ୍‌ସ ତାଙ୍କ ଦେଶ ପକ୍ଷରୁ ୫୨ ଟେଷ୍ଟ ଓ ୨୪୧ ଏକ ଦିବସୀୟ ମ୍ୟାଚ୍ ଖେଳିଥିବା ବେଳେ ଦକ୍ଷିଣ ଆଫ୍ରିକା ଜାତୀୟ ହକି ଦଳର ସଦସ୍ୟ ଭାବେ ୧୯୯୭ ବାର୍ସିଲୋନା ଅଲିମ୍ପିକ୍ସରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ ମଧ୍ୟ ତାଙ୍କ ଦେଶ ଯୋଗ୍ୟତା ପର୍ଯ୍ୟାୟରେ ସୀମିତ ରହିଥିଲା।

ଭାରତୀୟ କ୍ରୀଡ଼ାବିତ୍ ମାନଙ୍କ ମଧ୍ୟରେ ଆଜି ପର୍ଯ୍ୟନ୍ତ ଯେଉଁ ଜଣେ ମାତ୍ର କ୍ରୀଡ଼ାବିତ୍ ଏପରି ବିରଳ କୀର୍ତ୍ତିମାନର ଅଧିକାରୀ ଭାବେ ଦେଶକୁ କ୍ରିକେଟ୍ ଏବଂ ହକିରେ ପ୍ରତିନିଧିତ୍ୱ କରିଛନ୍ତି ସେ ହେଲେ ଏମ୍.ଜେ. ଗୋପାଳନ୍। ଏହି ପ୍ରସଙ୍ଗ ଆଲୋଚନା ସମୟରେ ଆଉ ଜଣେ ବିରଳ ପ୍ରତିଭାବାନ୍ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ନାମ ସ୍ୱତଃପ୍ରବୃତ ମନକୁ ଆସେ। ସେ ହେଲେ ୩୦ ଦଶକରେ ଇଂଲଣ୍ଡ ଏବଂ ଭାରତ ପକ୍ଷରୁ ଖେଳିଥିବା ଏକମାତ୍ର କ୍ରୀଡ଼ାବିତ୍ ଇଫ୍‌ତକର ଅଲ୍ଲୀ ଖାଁ, ନୱାବ୍ ଅଫ୍ ପଟୌଦୀ (ସିନିୟର)। ୧୯୨୭ରୁ ୧୯୩୧ ମଧ୍ୟରେ ଇଂଲଣ୍ଡର ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ବିଶ୍ୱବିଦ୍ୟାଳୟକୁ କ୍ରିକେଟ ଏବଂ ହକିରେ ପ୍ରତିନିଧିତ୍ୱ କରି ଉଭୟ ଖେଳରେ ସମ୍ମାନଜନକ 'ବ୍ଲୁ' ପାଇବାର ଗୌରବ ହାସଲ କରିଥିଲେ। ଭାରତୀୟ ହକି ଦଳ ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସ ପାଇଁ ହଲାଣ୍ଡ ଗସ୍ତ ସମୟରେ ଇଂଲଣ୍ଡରେ ପ୍ରାୟ ୩ ସପ୍ତାହ ରହି କେତେଗୁଡ଼ିଏ ଅଭ୍ୟାସ ମ୍ୟାଚ୍ ଖେଳିଥିଲେ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ସହପାଠୀ ୟୁସୁଫ୍ ଖାଁ ଏବଂ ଜୟପାଲ ସିଂ ମୁଣ୍ଡା (ଯିଏକି ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳର ଅଧିନାୟକ ମନୋନୀତ ହୋଇଥିଲେ)ଙ୍କ ସହିତ ଇଫ୍‌ତାର ଅଲ୍ଲୀ ଖାଁ ଭାରତ ପକ୍ଷରୁ କେତେଗୁଡ଼ିଏ ଅଭ୍ୟାସ ମ୍ୟାଚ ଖେଳିଥିଲେ ଏବଂ ଅନ୍ତିମ ଏକାଦଶର ସଦସ୍ୟ ଭାବେ ଚୟନ ହୋଇଥିଲେ ମଧ୍ୟ ବ୍ୟକ୍ତିଗତ କାରଣ ପାଇଁ ଭାରତୀୟ ଦଳରୁ ଓହରି ଯାଇଥିଲେ।

ଏବେ ଆସିବା ସେଇ ପ୍ରଥମ ଓ ଏକମାତ୍ର ଭାରତୀୟ କ୍ରୀଡ଼ାବିତ୍ ଯିଏକି ଔପଚାରିକ ଭାବେ ଭାରତକୁ ଉଭୟ କ୍ରିକେଟ୍ ଏବଂ ହକିରେ ପ୍ରତିନିଧିତ୍ୱ କରିଥିଲେ- ଏମ୍.ଜେ. ଗୋପାଳନ୍, ଚେନ୍ନାଇ (ତତ୍‌କାଳୀନ ମାଡ୍ରାସ ରେସିଡେନ୍ସି)ଠାରୁ ୫୦ କିମି ଦୂରରେ ଅବସ୍ଥିତ ଚିଙ୍ଗଲେପୁଟ୍ ଜିଲାର ମୋରଷାକାମ ଗ୍ରାମରେ ୧୯୦୯ରେ ଜନ୍ମଗ୍ରହଣ କରିଥିଲେ। ୩୦ ଦଶକ ପ୍ରାରମ୍ଭରେ ମାଡ୍ରାସ କ୍ରିକେଟର ଅନ୍ୟତମ ପ୍ରତିଷ୍ଠାତା ସି.ପି. ଜନଷ୍ଟୋନ୍ ଯୁବକ ଗୋପାଳନ୍‌ଙ୍କ କ୍ରିକେଟ୍ ପ୍ରତିଭା ଦ୍ୱାରା ପ୍ରଭାବିତ ହୋଇ ତାଙ୍କୁ ବର୍ମା ସେଲ୍ କମ୍ପାନୀରେ କର୍ମ ନିଯୁକ୍ତି ପାଇଁ ସହାୟତା କରିଥିଲେ। ଗୋପାଳନ ଜଣେ ମଧ୍ୟମ ଗତି ଦ୍ରୁତ ବୋଲର ଭାବେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ଭାରତ ଗସ୍ତରେ ଆସିଥିବା ଅର୍ଥର ଗିଲକ୍ରିଷ୍ଟଙ୍କ ଏମ୍‌ସିସି ବିପକ୍ଷରେ ମାଡ୍ରାସ ତରଫରୁ ଖେଳି ଦୁଇଟି ଇନିଂସରେ ୧୦ ଉଇକେଟ୍ ଅକ୍ତିଆର କରିଥିଲେ। ୧୯୩୦ରେ ମାଡ୍ରାସ ତରଫରୁ ବିଜୟନଗରମ୍ ଏକାଦଶ ବିପକ୍ଷରେ ଖେଳି ତତ୍‌କାଳୀନ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଇଂଲଣ୍ଡର ଜ୍ୟାକ୍ ହବସ୍ (ବିଜୟନଗରମ୍ ଦଳରୁ ଖେଳୁଥିବା)ଙ୍କୁ ଦୁଇଟିଯାକ ଇଂନିସରେ ସେ ଆଉଟ୍ କରିଥିଲେ। ୧୯୩୩ରେ ମାଡ୍ରାସର ପ୍ରସିଦ୍ଧ ଚିପକ୍ ଷ୍ଟାଡିୟମ୍ ସିଲୋନ୍ ବିପକ୍ଷରେ ବିରଳ ହାଟ୍ରିକ୍ ଅର୍ଜନ କରିଥିଲେ।

୧୯୩୪ରେ ଆରମ୍ଭ ହୋଇଥିଲା ଆନ୍ତଃରାଜ୍ୟ ରଣ୍‌ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତା। ପ୍ରଥମ ସଂସ୍କରଣରେ ମାଡ୍ରାସ ତରଫରୁ ଖେଳୁଥିବା ଗୋପାଳନ ମହୀଶୂର ବିପକ୍ଷରେ ଏହି ପ୍ରତିଯୋଗିତାର ପ୍ରଥମ ବଲ୍ (ଓଭର) ବୋଲିଂ କରିବାରେ ନିଆରା ସୌଭାଗ୍ୟ ହାସଲ କରିଥିଲେ। ୧୯୩୪ରେ କଲିକତା ସହରରେ ଇଂଲଣ୍ଡ ବିପକ୍ଷରେ ଭାରତ ପକ୍ଷରୁ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୧୯୩୬ରେ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳର ସଦସ୍ୟ ହୋଇଥିଲେ ମଧ୍ୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ।

**ଗୋପାଳନ୍‌ଙ୍କ କ୍ରିକେଟ କ୍ୟାରିୟର**

ଟେଷ୍ଟ ମ୍ୟାଚ୍ –୧, ରନ୍ – ୧୮, ଉଇକେଟ୍ – ୧

ପ୍ରଥମ ଶ୍ରେଣୀ ମ୍ୟାଚ୍ – ୭୮ , ରନ୍ – ୨୯୧୨, ୧୦୦–୧, ୫୦–୧୭, ଉଇକେଟ୍ – ୧୯୪

## ଅନ୍ତର୍ଜାତୀୟ ହକି

ଅଧିକାଂଶ ସମୟରେ ଆମ ଜୀବନରେ ଏପରି ସମୟ ଆସେ ଯେତେବେଳେ ଗୋଟିଏ ସମୟରେ ମନଦେଇ ଭଲ ପାଉଥିବା ଦୁଇଟି ସମାନ ସୁଯୋଗ ଭିତରୁ କୌଣସି ଗୋଟିଏକୁ ବାଛିବା ଭଳି କଷ୍ଟକର ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏପରି ଏକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥିଲେ ଗୋପାଳନ। ଉଭୟ କ୍ରିକେଟ୍ ଏବଂ ହକି ଖେଳରେ ପାରଦର୍ଶିତା ହାସଲ କରିଥିବା ଗୋପାଳନଙ୍କୁ ଭାରତ ପକ୍ଷରୁ ବର୍ଲିନ ଅଲିମ୍ପିକ୍ସ ପାଇଁ ହକି ଦଳରେ ସାମିଲ ହେବା ଅଥବା ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଭାବେ ଇଂଲଣ୍ଡ ଗସ୍ତ କରିବା ମଧ୍ୟରୁ ଗୋଟିଏକୁ ବାଛିବାର ଥିଲା ଏବଂ ସେ କ୍ରିକେଟ୍‌କୁ ବାଛିଥିଲେ।

କୁହାଯାଏ, ପ୍ରସିଦ୍ଧ ଇଂରାଜି ଖବରକାଗଜ ''ଦି ହିନ୍ଦୁ''ର କ୍ରୀଡ଼ା ସାମ୍ବାଦିକ ମୁରୁଗେସା ମୁଦାଲିୟର ପ୍ରଥମେ ଗୋପାଳନଙ୍କ ହକି ପ୍ରତିଭାକୁ ଚିହ୍ନଟ କରିଥିଲେ ଏବଂ ତାଙ୍କୁ ଆବଶ୍ୟକ ''ହକି କିଟ୍‌ସ'' ପ୍ରଦାନ କରିଥିଲେ। ଉଭୟ କ୍ରିକେଟ୍ ଓ ହକିକୁ ସମଭାବରେ ଭଲ ପାଉଥିବା ଗୋପାଳନ ସକାଳେ କ୍ରିକେଟ ଏବଂ ଅପରାହ୍ନରେ ହକି ଅଭ୍ୟାସ କରୁଥିଲେ। ଭାରତୀୟ ହକି ଦଳର ସଦସ୍ୟ ଭାବେ ସେ ସିଲୋନ ଏବଂ ୧୯୩୫ରେ ନ୍ୟୁଜିଲାଣ୍ଡ ଗସ୍ତ କରି ଭାରତ ଖେଳିଥିବା ୪୮ଟି ମ୍ୟାଚ୍‌ରୁ ୩୯ରେ ଚୂଡ଼ାନ୍ତ ଏକାଦଶରେ ଖେଳି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

୧୯୩୬ରେ ଗୋପାଳନ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ ଖେଳିବା ପାଇଁ ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସେଇ ସମୟରେ ନ୍ୟୁଜିଲାଣ୍ଡ ଗସ୍ତରେ ଭାରତୀୟ ହକି ଦଳ ପକ୍ଷରୁ ଖେଳି ଉନ୍ନତ ପ୍ରଦର୍ଶନ କରିଥିବାରୁ ୧୯୩୬ ବର୍ଲିନ ଅଲିମ୍ପିକ୍ସ ପାଇଁ ଅନୁଷ୍ଠିତ ଚୟନ ଶିବିରକୁ ତାଙ୍କୁ ଡକାଯାଇଥିଲା ଏବଂ ଚୂଡ଼ାନ୍ତ ଭାରତୀୟ ଦଳରେ ସ୍ଥାନ ପାଇବା ପ୍ରାୟତଃ ନିଶ୍ଚିତ ଥିଲା। ଏହି ଦ୍ୱନ୍ଦ୍ୱ ଭିତରେ ଏକ ଐତିହାସିକ ଭୁଲ୍ କରି ସେ ଇଂଲଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ।

ଗୋପାଳନ ଭଲଭାବେ ଜାଣିଥିଲେ ଯେ ସେ ସମୟରେ ଭାରତୀୟ ଦଳରେ ମହମ୍ମଦ ନିଶାର ଏବଂ ଅମର ସିଂଙ୍କ ଭଳି ଦୁଇଜଣ ଖ୍ୟାତନାମା ଦ୍ରୁତ ବୋଲର ଥିବା ବେଳେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ତାଙ୍କ ପକ୍ଷେ ସମ୍ଭବ ହେବନାହିଁ। ତଥାପି ସେ ଭାରତୀୟ ଦଳରେ ସାମିଲ ହୋଇଥିଲେ ଏବଂ ବର୍ଲିନ ଅଲିମ୍ପିକ୍ସରେ ଭାରତୀୟ ହକି ଦଳରେ ଖେଳିବାର ସୁବର୍ଣ୍ଣ ସୁଯୋଗ ହରାଇଥିଲେ। ଏପରି ନିଷ୍ପତ୍ତି ତାଙ୍କୁ ଖୁବ୍ ମହଙ୍ଗା ପଡ଼ିଥିଲା। ଅସଫଳ ଭାରତୀୟ କ୍ରିକେଟ ଦଳ କୌଣସି ମ୍ୟାଚ ଜିତି ନ ପାରି ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିବା ସମୟରେ ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଅଭୂତପୂର୍ବ ସଫଳତା ହାସଲ କରି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଓ ସମ୍ମାନ ବୃଦ୍ଧି କରିଥିଲେ।

ଡିସେମ୍ବର ୨୧, ୨୦୦୩ ମସିହାରେ ପରଲୋକ ଗମନ କରିଥିବା ଏମ୍.ଜେ. ଗୋପାଳନଙ୍କ କ୍ରୀଡ଼ା ଜୀବନ ସୀମିତ ଥିଲେ ମଧ୍ୟ ଭାରତର ପ୍ରଥମ ଓ ଏକମାତ୍ର ଡବଲ ଇଣ୍ଟରନ୍ୟାଶନାଲ (କ୍ରିକେଟ୍ ଓ ହକି) ଭାବେ ଭାରତରେ କ୍ରୀଡ଼ା ଇତିହାସରେ ସେ ସ୍ମରଣୀୟ ହୋଇ ରହିବେ।



ଭାରତୀୟ କ୍ରିକେଟ (ଉପର-ବାମରୁ ଦ୍ୱିତୀୟ) ଏବଂ ହକି (ତଳ-ଡାହାଣରୁ ତୃତୀୟ) ଦଳ ସହ ଏମ.ଜେ. ଗୋପାଳନ।

# ଫୁଟ୍‌ବଲ ବିକାଶରେ ଓଡ଼ିଶା ଏଫ୍‌ସି

**ଓଡ଼ିଶା ଫୁଟ୍‌ବଲରେ ଅନେକାଂଶରେ ପରିବର୍ତ୍ତନ ଆଣିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ୨୦୧୪ରୁ ଦିଲ୍ଲୀ ଡାଇନାମୋସ୍ ନାମରେ ପରିଚିତ ଏହି କ୍ଲବ କଳିଙ୍ଗ ଷ୍ଟାଡିୟମକୁ ନିଜର ହୋମ୍ ଟର୍ଫ ଭାବେ ବାଛିବା ପରେ ଦଳର ନାମ ୨୦୧୯ରୁ ଓଡ଼ିଶା ଫୁଟ୍‌ବଲ କ୍ଲବ୍ (ଓଏଫ୍‌ସି) ରହିଛି। ଓଡ଼ିଶା ଏଫ୍‌ସି ପୁରୁଷ ଦଳରେ ଶୁଭମ୍ ଷଡ଼ଙ୍ଗୀ ଓ ଟଙ୍କଧର ବାଗ୍‌ଙ୍କ ପରି ଖେଳାଳି ସାମିଲ ଅଛନ୍ତି। ସେହିପରି ମହିଳା ଦଳରେ ପ୍ରାୟ ୭୫ ପ୍ରତିଶତ ଓଡ଼ିଆ ଖେଳାଳି ରହିଛନ୍ତି। ୧୭ ବର୍ଷରୁ କମ୍ ବାଳକ ଦଳରେ ପ୍ରତିନିଧିତ୍ୱ କରିଛନ୍ତି ଶତ ପ୍ରତିଶତ ଓଡ଼ିଆ ଖେଳାଳି।**

ଓଡ଼ିଶା ଫୁଟ୍‌ବଲରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ୨୦୧୪ରୁ ଦିଲ୍ଲୀ ଡାଇନାମୋସ୍ ନାମରେ ପରିଚିତ ଏହି କ୍ଲବ କଳିଙ୍ଗ ଷ୍ଟାଡିୟମକୁ ନିଜର ହୋମ୍ ଟର୍ଫ ଭାବରେ ବାଛିବା ପରେ ଦଳର ନାମ ୨୦୧୯ରୁ ଓଡ଼ିଶା ଫୁଟବଲ କ୍ଲବ୍ (ଓଏଫ୍‌ସି) ରହିଛି। ଓଡ଼ିଶା ଏଫ୍‌ସି ପୁରୁଷ ଦଳରେ ରାଜ୍ୟର ପ୍ରତିଭାବାନ୍ ଖେଳାଳି ସ୍ଥାନ ପାଇଥିବା ବେଳେ ମହିଳା ଓ ଯୁବଦଳ ସୃଷ୍ଟି କରିଛି ଉଦାହରଣ। ପୁରୁଷ ଦଳରେ ଶୁଭମ୍ ଷଡ଼ଙ୍ଗୀ ଓ ଟଙ୍କଧର ବାଗ୍‌ଙ୍କ ପରି ଖେଳାଳି ସାମିଲ ଅଛନ୍ତି। ଶୁଭମ୍ ଓଏଫ୍‌ସି ଷ୍ଟାର୍ଟିଂ ଲାଇନ୍‌ର ଜଣେ ନିୟମିତ ସଦସ୍ୟ ରହିଥିବା ବେଳେ ଚଳିତ ବର୍ଷ ଟଙ୍କଧରଙ୍କୁ ଚୁକ୍ତିବଦ୍ଧ କରିଛି ଓଏଫ୍‌ସି। ମହିଳା ଦଳରେ ପ୍ରାୟ ୭୫ ପ୍ରତିଶତ ଓଡ଼ିଆ ଖେଳାଳି ରହିଛନ୍ତି। ୧୭ ବର୍ଷରୁ କମ୍ ବାଳକ ଦଳରେ ପ୍ରତିନିଧିତ୍ୱ କରିଛନ୍ତି ଶତ ପ୍ରତିଶତ ଓଡ଼ିଆ ଖେଳାଳି। ୨୦୨୨–୨୩ ସିଜନରେ ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଏଫ୍‌ସି ମହିଳା ଦଳ ଓଡ଼ିଶା ଓମେନ୍ସ ଲିଗ୍ ଜିତିବା ସହିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। କ୍ରିସ୍ପିନ୍ ଛେତ୍ରୀ ଦଳର ମୁଖ୍ୟ କୋଚ୍ ଅଛନ୍ତି ଏବଂ ଭାରତୀୟ ଫୁଟବଲ ଦଳର ଅଧିନାୟିକା ବାଲା ଦେବୀ ବର୍ଷକିଆ ଚୁକ୍ତି କରିଛନ୍ତି। ଏଥି ସହିତ ମହିଳା ଫୁଟ୍‌ବଲରେ ଓଏଫ୍‌ସି ନୂଆ ସମ୍ଭାବନା ସୃଷ୍ଟି କରିଛି। ଓଏଫ୍‌ସି ମହିଳା ଦଳରେ ୧୩ ଓଡ଼ିଶା ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ୟାରୀ ଖାଖା ଓ ଜୁଲି କିଶାନଙ୍କ ପରି ଖେଳାଳି ଜାତୀୟ ଦଳରେ ସାମିଲ ଅଛନ୍ତି।



ଓଡ଼ିଶା ଏଫ୍‌ସି ମହିଳା ଦଳ

ଜୁଲି କିଶାନ: ପଦାର୍ପଣରେ ଅଳ୍ପଦିନ ମଧ୍ୟରେ ଜୁଲି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାର ଏହି ପ୍ରତିଭାଶାଳୀ ଖେଳାଳି ୨୦୧୬ରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ନିଜ ଗତି ଓ କ୍ଷୀପ୍ରତା କାରଣରୁ ଅନ୍ୟମାନଙ୍କ ତୁଳନାରେ ସେ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିପାରିଛନ୍ତି। ରାଉରକେଲାରେ ଜନ୍ମିତ ଜୁଲି ୧୯ ବର୍ଷରୁ କମ୍ ଓଡ଼ିଶା ଦଳର କ୍ୟାମ୍ପରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆଙ୍କ ନଜରକୁ ଆସିବାପରେ ଆଗକୁ ବଢ଼ି ଚାଲିଛନ୍ତି। ୧୯ ବର୍ଷରୁ କମ୍ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିବା ସମୟରେ ସେ ଓଡ଼ିଶା ପୋଲିସରେ ନିଯୁକ୍ତି ପାଆନ୍ତି। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଖେଳିବା ସହିତ ଦଳକୁ ଓଡ଼ିଶା ଓମେନ୍ସ ଲିଗ୍‌ରେ ଚାମ୍ପିୟନ କରାନ୍ତି। ୨୦୨୧–୨୨ ସିଜନରେ ଓଡ଼ିଶା ପୋଲିସ ଦଳ ସହିତ ମଧ୍ୟ ସେ ଓଡ଼ିଶା ଓମେନ୍ସ ଲିଗ୍ ବିଜୟୀ ହୋଇଥିଲେ। ୨୦୨୨–୨୩ ସିଜନରେ ଓଏଫ୍‌ସି ପକ୍ଷରୁ ଓଡ଼ିଶା ଓମେନ୍ସ ଲିଗ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଆଉଥରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ୨୦୨୧–୨୨ ସିଜନରେ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ଖେଳି ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ୪ର୍ଥ ସ୍ଥାନ ହାସଲ କରିଥିଲେ।

ପ୍ୟାରୀ ଖାଖା: ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାରୁ ଆସିଥିବା ପ୍ୟାରୀ ଖାଖା ଏବେ ଭାରତୀୟ ଫୁଟବଲ ଦଳର ଜଣେ ନିୟମିତ ସଦସ୍ୟା। ୨୦୧୪ରେ ୧୯ ବର୍ଷରୁ କମ୍ ଏଏଫ୍‌ସି କପ୍‌ରୁ ଭାରତୀୟ ଦଳ ପାଇଁ ଅଭିଯାନ ଆରମ୍ଭ କରିଥିଲେ। ୨୦୧୫ରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ଶ୍ରେଷ୍ଠ ଯୁବା ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ୨୦୨୦–୨୧ରେ ଫୁଟବଲ୍ ଫ୍ୟାନ୍ସ ପ୍ଲେୟର ଅଫ୍ ଦ ଇୟର ପୁରସ୍କାର ମଧ୍ୟ ହାସଲ କରିଥିଲେ ପ୍ୟାରୀ। ବିଜୁଳି ପରି କ୍ଷୀପ୍ର ବେଗ ଓ ଶକ୍ତି ପାଇଁ ପରିଚିତ ପ୍ୟାରୀ କୁଅଁରମୁଣ୍ଡା କ୍ଲବରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୭–୧୮ରେ ରାଇଜିଂ ଷ୍ଟୁଡେଣ୍ଟର ପ୍ରତିନିଧିତ୍ୱ କରିଥିବା ବେଳେ ଇଣ୍ଡିଆନ୍ ଓମେନ୍ସ ଲିଗ୍ ଚାମ୍ପିୟନ ହୋଇଥିଲେ। ଏହା ପରେ ଓଡ଼ିଶା ପୋଲିସ ଓ ସ୍ପୋର୍ଟ୍ସ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ପ୍ୟାରୀ ବର୍ତ୍ତମାନ ଓଏଫ୍‌ସିର ଅଧିନାୟିକା ରହିଛନ୍ତି।

୧୭ ବର୍ଷରୁ କମ୍ ବାଳକ ଦଳ: ଏଲିଟ୍ ୟୁଥ୍ ଲିଗ୍ ପାଇଁ ଓଡ଼ିଶା ଦଳରେ ସମସ୍ତ ୨୨ ଜଣ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ଅଜିତ୍ କୁମାର ବେହେରା ଏହି ଦଳରେ ମୁଖ୍ୟ କୋଚ୍ ଏବଂ ଜସ୍‌ପାଲ ଶର୍ମା ସହକାରୀ କୋଚ୍ ରହିଥିଲେ। ୨୮ ଡିସେମ୍ବରରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରି ଓଏଫ୍‌ସି ବାଳକ ଦଳ ନିଜର ଅଭିଯାନ ଆରମ୍ଭ କରିଥିଲା। ୟଙ୍ଗ ହିରୋଜ୍ ଏବଂ ଆଲ୍ଟା ସ୍ପୋର୍ଟ୍ସକୁ ପରାସ୍ତ କରି ଦଳ ରାଉଣ୍ଡ ଅଫ୍ ୧୬କୁ ଉନ୍ନୀତ ହୋଇଥିଲା। ମାତ୍ର ମୁଥୁଟ୍ ନିକଟରୁ ପେନାଲ୍ଟି ଶୁଟ୍ ଆଉଟରେ ପରାଜୟ ଦଳକୁ ବିଦାୟ ପଥ ଦେଖାଇଥିଲା।

କମ୍ୟୁନିଟି ଆଉଟ୍‌ରିଚ୍: ଫୁଟବଲର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସର୍ବଦା ପ୍ରୟାସ କରିଆସୁଥିବା ଓଏଫ୍‌ସି ଶିଶୁ ଦିବସ ଅବସରରେ ବିଭିନ୍ନ ବସ୍ତି ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶିଶୁମାନଙ୍କୁ ନେଇ ୧୫ ବର୍ଷରୁ କମ୍ ବୟସ ବର୍ଗର ଏକ ଟୁର୍ନାମେଣ୍ଟ କରିଥିଲା। ୟୁନିସେଫ୍, ପ୍ରୋ ସୋସିଓ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଫେଡେରେଶନ ସହିତ ମିଳିତ ଭାବରେ ଓଏଫ୍‌ସି ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲା। ୭ମ ବାଟାଲିୟନ ଗ୍ରାଉଣ୍ଡରେ ଆୟୋଜିତ ଟୁର୍ନାମେଣ୍ଟରେ ଓଏଫ୍‌ସି ବୈଷୟିକ ପାର୍ଟନର ରହିଥିବା ବେଳେ ଶତାଧିକ ବାଳିକା ବାଳକଙ୍କୁ ଜର୍ସି ଓ ଅନ୍ୟାନ୍ୟ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଥିଲା।

ଫୁଟ୍‌ସାଲ ଟୁର୍ନାମେଣ୍ଟ: ସାଧାରଣତନ୍ତ୍ର ଦିବସ ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏକ ଫୁଟ୍‌ସାଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ୩ ଦିନିଆ ଟୁର୍ନାମେଣ୍ଟରେ ବିଭିନ୍ନ କଲେଜ ଅଂଶଗ୍ରହଣ କରିଥିଲେ।

**–ସରୋଜ କୁମାର ଜେନା**



ଫୁଟ୍‌ସାଲରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

## ଫୁଟ୍‌ବଲ ପ୍ରତିଭାରେ ଓଡ଼ିଶା ଭରପୂର

ଖେଳାଳିମାନଙ୍କୁ ଉପଯୁକ୍ତ ପ୍ଲାଟ୍‌ଫର୍ମ ଯୋଗାଇବା ଓଏଫ୍‌ସିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି କ୍ଲବ ପ୍ରେସିଡେଣ୍ଟ ରାଜ ଅଠୱାଲ। ଶୁଭମ୍ ଷଡ଼ଙ୍ଗୀ ଓଏଫ୍‌ସି ରକ୍ଷଣଭାଗର ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଥିବା ବେଳେ ଚଳିତ ସିଜନରେ ଆଉ ଜଣେ ଓଡ଼ିଆ ଡିଫେଣ୍ଡର ଟଙ୍କଧର ବାଗ୍ ଆମ ସହ ସାମିଲ ହୋଇଛନ୍ତି। ୟୁଥ୍ ଟିମ୍‌ରେ ଶତ ପ୍ରତିଶତ ଓଡ଼ିଆ ଖେଳାଳି ରହିଥିବା ବେଳେ ମହିଳା ଦଳର ୭୫ ପ୍ରତିଶତ ଖେଳାଳି ଓଡ଼ିଶାର। ଭବିଷ୍ୟତରେ ଅଧିକରୁ ଅଧିକ ଓଡ଼ିଆ ଖେଳାଳିଙ୍କୁ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଆମର ଲକ୍ଷ୍ୟ।

–ରାଜ ଅଠୱାଲ, କ୍ଲବ ସଭାପତି, ଓଏଫ୍‌ସି

## ସେଲ୍ଫି

**ସ**ପ୍‌ନା ଭାବିଥିଲା ପୃଥ୍ୱୀ ଶ' ସଙ୍ଗେ
ସେଲ୍ଫି ମାରି ହେବ ଖୁସି
ସେଲ୍ଫି ଉଠାଇକି ଜୋକ ପରି ଲାଗି
ନେଲା ପୃଥ୍ୱୀ ରକ୍ତ ଶୋଷି
ବିଷ ପାଲଟିଲା ଲସି
ମୋଟର ଭେଇକିଲ ଶହେ ଚୌରାଅଶୀ
ଆକ୍ଟ ଲଗାଇଲା କଷି।



ତିନି ମିନିଟରେ ଶହେ ଚୌରାଅଶୀ
ସେଲ୍ଫି ପାରିବାନି କଳି
ଗ୍ରୀନିଜ ୱାର୍ଲ୍ଡ ରେକର୍ଡ କରିଛି
ଖିଲାଡି ଅକ୍ଷୟ ଖେଳି
ହିରୋ ପାଇଁ ମାର ତାଳି
ଥିବା ଲୋକ ନୂଆ ନୂଆ ପନ୍ଥା ଖୋଜେ
ଲେଜି ଲୋକ ପଡ଼େ ବଳି।

ସର୍ବଭାରତୀୟ ବଧିର ଶୁଟିଂରେ
ବ୍ରୋଞ୍ଜ ପଦକ ଜିତି
ଓଡ଼ିଶା ମୋହିତ ପାଶୱାନ ପାଇଁକି
କୁଣ୍ଢେ ମୋଟ ଆମ ଛାତି
ଅଣ୍ଟୁ ନାହିଁ ଦିନ ରାତି
ଫେସବୁକ୍, ସେଲ୍ଫି ଗେମ୍ ଖେଳି ଖେଳି
ମାଟି ଆଜି ୟଙ୍ଗ ଜାତି।

–ସୁବାସ ଚନ୍ଦ୍ର ପ୍ରଧାନ

# ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ୫-୦ରେ ବିଜୟୀ



ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ମହିଳା ହକି ଦଳ।

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ୨୧ ବର୍ଷରୁ କମ୍ ମହିଳା ହକି ଲିଗ୍ (ଫେଜ୍-୧)ର ୫ମ ଦିବସ ମ୍ୟାଚରେ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ, ଏର୍ଆଇଏମ୍ ଏକାଡେମୀ ଓ ଏସ୍ଏଆର୍ ଏକାଡେମୀ ବିଜୟ

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ହାସଲ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ୫-୦ ଗୋଲରେ ଘୁମାନହିରା ରାଇଜର୍ସ ଏକାଡେମୀକୁ ପରାସ୍ତ କରିଛି। ଅଧିନାୟିକା କମଳା ସିଂ ୩ୟ ଓ ୯ମ ମିନିଟରେ ଗୋଲଦେଇ ଦଳକୁ ଭଲ ଆରମ୍ଭ ଦେଇଥିବାବେଳେ ମାମୁନି ଦାସ ୫ମ, ୪୦ ଓ ୫୬ତମ ମିନିଟରେ ୩ଟି ଗୋଲ ସହ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟ ୨ଟି ମ୍ୟାଚରେ ଏର୍ଆଇଏମ୍ ଏକାଡେମୀ ୭-୧ ଗୋଲରେ ଭାଇ ଭେଲୋ ହକି ଏକାଡେମୀକୁ ଏବଂ ଏସ୍ଏଆର ଏକାଡେମୀ ୨-୧ ଗୋଲରେ ସାଇ-ବି ଟିମ୍‌କୁ ପରାସ୍ତ କରିଛି।

## କାଦୁଲୁରିଙ୍କୁ ୨ ରୌପ୍ୟ, କୀର୍ତ୍ତି, ସ୍ୱେତଲିନାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି):** ପାଟନାର କାଙ୍କରବାଗସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ୟୁଥ୍, ଜୁନିୟର ଓ ସିନିୟର ର୍ୟାଙ୍କିଙ୍ଗ୍ ମହିଳା ଭାରୋତ୍ତୋଳନରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କାଦୁଲୁରି ଅଭିଷିକ୍ତା ୨ଟି ରୌପ୍ୟ ପଦକ ପାଇଥିବାବେଳେ ମଗନ୍ତି କୀର୍ତ୍ତି ଓ ସ୍ୱେତଲିନା ନାୟକ ବ୍ରୋଞ୍ଜ ପଦକ ପାଇଛନ୍ତି। କାଦୁଲୁରି ଓ ମଗନ୍ତି କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ହୋଇଥିବାରୁ ଓଡ଼ିଶା ପକ୍ଷରୁ ଭାଗ ନେଇଥିଲେ। ମହିଳା ୮୭ କେଜି ବର୍ଗରେ କାଦୁଲିରୁ ଜୁନିୟର ଓ ସିନିୟର ବର୍ଗରେ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ମହିଳା ୭୬ କେଜି ସିନିୟର ବର୍ଗରେ କୀର୍ତ୍ତି ମୋଟ ୧୬୫ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ଭାରୋତ୍ତୋଳିକା ସ୍ୱେତଲିନା ମହିଳା ୮୧ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନରେ ରହିଥିଲେ।

# ଫାଇନାଲରେ ଅଷ୍ଟ୍ରେଲିଆ

## ହରମନପ୍ରୀତଙ୍କ ଅର୍ଦ୍ଧଶତକ ବ୍ୟର୍ଥ

**କେପ୍ ଟାଉନ୍, ୨୩।୨**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ। ପ୍ରଥମ ସେମିଫାଇନାଲରେ ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ୫ ରନରେ ପରାସ୍ତ ହୋଇଛି। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୭୨ ରନ୍ କରିଥିବା ବେଳେ ଭାରତ ୮ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଏହି ମ୍ୟାଚ ପାଇଁ ଭାରତୀୟ ଦଳରେ ତିନୋଟି ପରିବର୍ତ୍ତନ କରାଯାଇଥିଲା। ପୂଜା ବସ୍ତ୍ରକାର, ଦେବିକା ବୈଦ୍ୟ ଓ ରାଜେଶ୍ୱରୀ ଗାଏକ୍ୱାଡଙ୍କ ସ୍ଥାନରେ ଯଷ୍ଟିକା ଭାଟିଆ, ରାଧା ଯାଦବ ଓ ସ୍ନେହ ରାଣାଙ୍କୁ ସାମିଲ କରାଯାଇଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିଥିଲା। ପିଚ୍ ଫ୍ଲାଟ୍ ଥିବା ବେଳେ ଭାରତୀୟ ଫିଲ୍ଡରଙ୍କ କ୍ୟାଚ ହାତଛଡ଼ା ମହଙ୍ଗା ପଡ଼ିଥିଲା। ଦୁଇ ଓପନର ଆଲିସା ହିଲୀ(୨୫) ଓ ବେଥ୍ ମୁନି(୫୪) ପ୍ରଥମ ଉଇକେଟରେ ୫୨ ରନ୍ ଯୋଡିଥିଲେ। ବେଥ୍

**ମହିଳା ଟି୨୦ ବିଶ୍ୱକପ**

ମୁନି ୩୭ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରିଥିଲେ। ଚତୁର୍ଥ ଉଇକେଟରେ ମେଗ୍ ଲାନିଙ୍ଗ ଓ ଆସ୍‌ଲେ ଗାର୍ଡନର(୩୧)ଙ୍କ ମଧ୍ୟରେ ଆଉ ଏକ ଅର୍ଦ୍ଧଶତକୀୟ ଭାଗୀଦାରି ହୋଇଥିଲା। ଗାର୍ଡନର ମାତ୍ର ୧୮ ବଲ୍ ଖେଳି ୫ ଚୌକା ମାରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଙ୍ଗ ୩୪ ବଲ୍ ଖେଳିଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୨ ଛକା ସାମିଲ ଥିଲା। ଭାରତ ପକ୍ଷରୁ ଶିଖା ପାଣ୍ଡେ ୨ ଉଇକେଟ ନେଇଥିବା ବେଳେ ଦୀପ୍ତି ଶର୍ମା ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୭୩ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ୨୮ ରନରେ ୩ ଉଇକେଟ ହରାଇଥିବା ବେଳେ ଜେମିମା ରୋଡ୍ରିଗୁଏଜ୍ ୪୩ ଓ ହରମନ୍‌ପ୍ରୀତ୍ କୌର୍ ୫୨ ରନ୍ କରିଥିଲେ। ସ୍ମୃତି ମନ୍ଧାନା(୨), ଶେଫାଳି ବର୍ମା(୯) ଓ ଯଷ୍ଟିକା ଭାଟିଆ(୪) ଚତୁର୍ଥ ଓଭର ସୁଦ୍ଧା ପ୍ୟାଭିଲିୟନ ଫେରିଥିଲେ। ତେବେ ଜେମିମା ରୋଡ୍ରିଗୁଏଜ୍(୪୩) ଓ ହରମନ୍‌ପ୍ରୀତ୍



ଶଟ୍ ଖେଳିବା ଅବସରରେ ମେଗ୍ ଲାନିଙ୍ଗ। ରନ୍ ଆଉଟ୍ ହୋଇ ଫେରୁଛନ୍ତି ହରମନ୍‌ପ୍ରୀତ୍ କୌର।

କୌର୍(୫୨) ଚତୁର୍ଥ ଉଇକେଟରେ ୬୯ ରନ୍ ଯୋଡିଥିଲେ। ୨୪ ବଲ ଖେଳିଥିବା ଜେମିମା ୬ ଚୌକା ମାରିଥିଲେ। ୩୪ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିବା ହରମନପ୍ରୀତ୍ ୧୫ ତମ ଓଭରରେ ଦୁର୍ଭାଗ୍ୟଜନକ ଭାବରେ ରନ୍‌ଆଉଟ ହୋଇଥିଲେ। କ୍ରିଜ୍ ବାହାରେ ତାଙ୍କ ବ୍ୟାଟ ଲାଖିଯିବା କାରଣରୁ ସେ ଆଉଟ ହୋଇଥିଲେ। ଦୁଇ ରନ୍ ମଧ୍ୟରେ ରିଚା ଘୋଷ ଆଉଟ ହେବାରୁ ଭାରତ ପରାଜିତ ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଡାର୍ସି ବ୍ରାଉନ୍ ଓ ଆସ୍‌ଲେ ଗାର୍ଡନର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୨/୪ (ବେଥ୍ ମୁନି-୫୪, ମେଗ୍ ଲାନିଙ୍ଗ-୪୯*, ଆସ୍‌ଲେ ଗାର୍ଡନର-୩୧, ଶିଖା ପାଣ୍ଡେ-୨/୩୨, ଦୀପ୍ତି ଶର୍ମା-୧/୩୦, ରାଧା ଯାଦବ-୧/୩୫)। ଭାରତ ୨୦ ଓଭରରେ ୧୬୭/୮( ହରମନ୍‌ପ୍ରୀତ୍ କୌର-୫୨, ଜେମିମା ରଡ୍ରିଗୁଏଜ-୪୩, ଦୀପ୍ତି ଶର୍ମା-୨୦* ଡାର୍ସି ବ୍ରାଉନ୍-୨/୧୮, ଆସଲେ ଗାର୍ଡନର-୨/୩୭, ମେଗାନ୍ ଶୁଟ୍-୧/୩୪)।

# ନାଗାଲ ପରାସ୍ତ: ଅନିରୁଦ୍ଧ- ପ୍ରଶାନ୍ତ ଡବଲ୍ସ ସେମିରେ

**ବେଙ୍ଗାଲୁରୁ, ୨୩।୨(ପି.ଟି.):** ସୁମିତ ନାଗାଲ ବେଙ୍ଗାଲୁରୁ ଓପନ ଟେନିସ୍ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ଅଷ୍ଟ୍ରେଲିଆର ମାକ୍ସ ପର୍ସେଲ ତାଙ୍କୁ ୪-୬, ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ତେବେ ଡବଲ୍ସ ଯୋଡ଼ି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ଏନ୍. ପ୍ରଶାନ୍ତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ଜିମ୍ବାୱେର ବେଞ୍ଜାମିନ୍ ଲକ୍ ଓ ଅଷ୍ଟ୍ରେଲିଆର ଆକିରା ସାଣ୍ଟିଲାନ୍ ଯୋଡ଼ିଙ୍କୁ ୩-୬, ୬-୪, ୧୨-୧୦ରେ ପରାସ୍ତ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଅନ୍ୟ ସିଙ୍ଗଲ୍ସ ମ୍ୟାଚଗୁଡ଼ିକରେ ୫ମ ସିଡ ଲୁକା ନାର୍ଡି ଓ ଦିମିତ୍ରୀ କୁଜମାନୋଭ ବିଜୟୀ ହୋଇଛନ୍ତି।

# ଉର୍ମିଳା ଷ୍ଟ୍ରଙ୍ଗ୍ ଓମେନ୍, ସମୀର ଷ୍ଟ୍ରଙ୍ଗ୍ ମେନ୍



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଷ୍ଟ୍ରଙ୍ଗ୍ ଓମେନ ଉର୍ମିଳା ଓ ଷ୍ଟ୍ରଙ୍ଗ୍ ମେନ ସମୀର।

**ରାଜ୍ୟସ୍ତରୀୟ ଶକ୍ତିଉତ୍ତୋଳନ ଚାମ୍ପିୟନଶିପ**

**ଖୋର୍ଦ୍ଧା ଦଳଗତ ଚାମ୍ପିୟନ, ସମ୍ବଲପୁର ଉପବିଜେତା**

**ଟିଟିଲାଗଡ଼, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ର ଏସଓଏସ ବିଲ୍ଡିଂ ପରିସରରେ ବୀରହନୁମାନ ବ୍ୟାୟାମଶାଳା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ଚାମ୍ପିୟନଶିପ ଗୁରୁବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜଳସମ୍ପଦ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଦୀପକ ସାହୁ, ପୁଷ୍ପ ମଞ୍ଜରୀ ଜାଲ, ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ସଙ୍ଗୀତା ସିଂ ବୀର ହନୁମାନ ବ୍ୟାୟାମଶାଳା ସଭାପତି ଦିଲ୍ଲୀପ ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଚାମ୍ପିୟନଶିପରେ ବିଭିନ୍ନ ବିଭାଗରେ ୧୦୦ ବାଳିକା ଓ ୨୦୦ ବାଳକ ବଲାଙ୍ଗୀର, ଭଦ୍ରକ, କଟକ, ସମ୍ବଲପୁର, ମୟୁରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡା, ଯାଜପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାରୁ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ସମ୍ବଲପୁରର ଉର୍ମିଳା ବେହେରା ଷ୍ଟ୍ରଙ୍ଗଓମେନ ଓ ଖୋର୍ଦ୍ଧାର ସମୀର କୁମାର ବିଶ୍ୱାଳ ଷ୍ଟ୍ରଙ୍ଗମେନ ଓଡିଶା ବିବେଚିତ ହୋଇଥିଲେ। ସେହିପରି ଦଳଗତ ଚାମ୍ପିୟନ ଖୋର୍ଦ୍ଧା ଓ ସମ୍ବଲପୁର ଉପବିଜେତା ହୋଇ ଅତିଥି ମାନଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ଚାମ୍ପିୟନଶିପର ସମସ୍ତ ଖେଳକୁ ଜିତେନ କୁମାର ବେହେରା, ସଞ୍ଜୟ କୁମାର ନାୟକ ଓ ଗୌତମ ଆଡ଼ୁଆଡ ପରିଚାଳନା କରିଥିଲେ।

## ଦଳକୁ ଫେରିଲେ ମାକ୍ସୱେଲ, ମାର୍ଶ

**ମେଲବୋର୍ନ, ୨୩।୨ (ପି.ଟି.):** ଆସନ୍ତା ମାସରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଗୁରୁବାର ୧୬ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ୩ଜଣ ଖେଳାଳି ପେସ୍ ବୋଲର ଝେ ରିଚାର୍ଡସନ, ଅଲରାଉଣ୍ଡର ଗ୍ଲେନ ମାକ୍ସୱେଲ ଓ ମିଚେଲ ମାର୍ଶ ଦୀର୍ଘଦିନ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ୟାଟ କମିନ୍ସ, ଡେଭିଡ ୱାର୍ନର ଓ ଆଷ୍ଟନ ଅଗରଙ୍କୁ ଦଳରେ ସାମିଲ କରାଯାଇଛି। ଆଗାମୀ ୩ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ମାର୍ଚ୍ଚ ୧୭ରେ ମୁମ୍ବାଇ, ମାର୍ଚ୍ଚ ୧୯ରେ ବିଶାଖାପାଟଣା ଏବଂ ମାର୍ଚ୍ଚ ୨୨ରେ ଚେନ୍ନାଇରେ ଖେଳାଯିବ। ପାରିବାରିକ ଅସୁବିଧା ପାଇଁ ଦିଲ୍ଲୀରେ ଦ୍ୱିତୀୟ ଟେଷ୍ଟ ଖେଳିସାରିବା ପରେ କମିନ୍ସ ଘର ବାହୁଡ଼ା କରିଛନ୍ତି। ସେ ମାର୍ଚ୍ଚ ୧ରୁ ଇନ୍ଦୋରରେ ହେବାକୁଥିବା ତୃତୀୟ ଟେଷ୍ଟ ପୂର୍ବରୁ ଫେରି ଆସିବେ। ଦିନିକିଆ ସିରିଜରେ ୱାର୍ନରଙ୍କ ଓପନିଂ ପାର୍ଟନର ହେବେ ଟ୍ରାଭିସ୍ ହେଡ୍। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ମାର୍ନସ ଲାବୁସେନ୍, ଆଡାମ୍ ଜାମ୍ପା, କାମେରନ ଗ୍ରୀନ୍, ମାର୍କସ ଷ୍ଟୋଇନିସ୍, ଷ୍ଟିଭ ସ୍ମିଥ୍, ଜୋଶ୍ ଇଙ୍ଗ୍ଲିଶ, ଆଲେକ୍ସ କାରେ ଓ ଦୁଇ ପେସ୍ ବୋଲର ସିନ୍ ଆବଟ ଓ ମିଚେଲ ଷ୍ଟାର୍କ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ